RNI No.ODIODI/2010/33031
୧୭ ବର୍ଷ | Volume-17
ISSUE -200 | ସଂଖ୍ୟା-୨୦୦
ଭୁବନେଶ୍ୱର, ସୋମବାର ୨୬ ଅକ୍ଟୋବର ୨୦୨୬
Bhubaneswar, Monday 26 October, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ମହାପ୍ରଭୁଙ୍କ ଆଶୀର୍ବାଦରୁ ଭୁବନେଶ୍ୱରରେ ନୂଆ ସଂସ୍ଥା ଖୋଲିଲା : ମୋଦୀ

ଭୁବନେଶ୍ୱର, ୨୫।୧୦(ନି.ପ୍ର): ଜଟଣୀର ଇନଫୋଭ୍ୟାଲି-୨ରେ ଆରବିଆଇର ଅତ୍ୟାଧୁନିକ ଗ୍ରୀନ୍ ଫିଲ୍ଡ ଡାଟା ସେଣ୍ଟରକୁ ଲୋକାର୍ପଣ କରିଛନ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ୟୁପିଆଇ, ଏନଇଏଫଟି ଓ ଆରଟିଜିସି ଭଳି ଡିଜିଟାଲ୍ କାରବାରର ତଥ୍ୟ ସୁରକ୍ଷିତ ରଖିବା ସହ ସାଇବର ଆକ୍ରମଣ ଓ ବୈଷୟିକ ସମସ୍ୟା

**ଜଟଣୀର ଇନଫୋଭ୍ୟାଲି-୨ରେ ଆରବିଆଇର ଅତ୍ୟାଧୁନିକ ଗ୍ରୀନ୍ ଫିଲ୍ଡ ଡାଟା ସେଣ୍ଟର ଲୋକାର୍ପିତ**

ସମୟରେ ବ୍ୟାଙ୍କିଙ୍ଗ୍ ସେବା ଅବ୍ୟାହତ ରଖିବାରେ ଏହା ସହାୟକ ହେବ।ଏଠାରେ କ୍ଲାଉଡ୍ କମ୍ପ୍ୟୁଟିଂ, ଏଆଇ ଓ ବିଗ୍ ଡାଟା ଆନାଲିଟିକ୍ସ ସହ ସାଇବର ସୁରକ୍ଷା ପ୍ରଶିକ୍ଷଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଦେଶର ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ଅଧିକ ସୁରକ୍ଷିତ ଓ ସୁଦୃଢ଼ କରିବାରେ ଏହି ଡାଟା ସେଣ୍ଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ପ୍ରାୟ ୧୭୦ କୋଟି ଟଙ୍କାରେ ଜଟଣୀର ଇନ୍‌ଫୋଭ୍ୟାଲି-୨ରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗ୍ରୀନଫିଲ୍ଡ ଡାଟା ସେଣ୍ଟର ଓ ଏଣ୍ଟରପ୍ରାଇଜ୍ କମ୍ପ୍ୟୁଟିଂ ଓ ସାଇବର ସୁରକ୍ଷା ତାଲିମ ପ୍ରତିଷ୍ଠାନ ନିର୍ମାଣ ହୋଇଛି। ଏହା ନଭି ମୁମ୍ବାଇ ପରେ ଦେଶର ଦ୍ୱିତୀୟ ଆରବିଆଇ ଡାଟା ସେଣ୍ଟର।



ଆଜି ଓଡ଼ିଶା ମାଟିରୁ ଏହାକୁ ଦେଶବାସୀଙ୍କ ପାଇଁ ଉତ୍ସର୍ଗ କରିଛନ୍ତି ମୋଦି। ଏହାପରେ ସେ କହିଛନ୍ତି ଯେ ମହାପ୍ରଭୁଙ୍କ ଆଶୀର୍ବାଦରୁ ଭୁବନେଶ୍ୱରରେ ନୂଆ ସଂସ୍ଥା ଖୋଲିଛି। ନୂଆ ଭାରତ ନିର୍ମାଣରେ ନୂଆ ଅବଦାନ ଭେଟିଦେଲା। ଦେଶର ବିକାଶରେ ଛୋଟ ସହରର ବଡ଼ ଭୂମିକା ରହିବା ଦରକାର। ଆଜିର ଏହି ସଂସ୍ଥା ଓଡ଼ିଶାର ଓ ଦେଶର ବିକାଶ ପାଇଁ କାର୍ଯ୍ୟ କରିବ ବୋଲି ସେ କହିଛନ୍ତି। ପୂର୍ବ ସରକାରକୁ ମଧ୍ୟ ତେରଚ୍ଛାବାଣ ମାରିବାକୁ ମଧ୍ୟ ପଛାଇ ନାହାନ୍ତି ପ୍ରଧାନମନ୍ତ୍ରୀ ମୋଦି। ସେ କହିଛନ୍ତି, ଦେଶରେ ଗରୀବଙ୍କ ନାଁ ନେଇ ଦୀର୍ଘ ସମୟ ଧରି ପ୍ରଚାର ପ୍ରସାର ଚାଲିଥିଲା। ୬୦/୭୦ ଦଶକରେ ଗରୀବଙ୍କ ନାଁ ନେଇ ବ୍ୟାଙ୍କ ଜାତୀୟକରଣ ହେଲା।ମାତ୍ର ୨୦୧୪ ପର୍ଯ୍ୟନ୍ତ ଗରୀବ ଲୋକେ ପ୍ରକୃତ ସେବାରୁ ବଞ୍ଚିତ ହୋଇ ରହିଥିଲେ। ଗରୀବଙ୍କୁ ବ୍ୟାଙ୍କ ଖାତା ଖୋଲିବା ପାଇଁ ଗ୍ୟାରେଣ୍ଟର ଦରକାର ପଡୁଥିଲା। ମାତ୍ର ଆଜି ଡିଜିଟାଲ ବ୍ୟାଙ୍କିଙ୍ଗ ଘରେ ଘରେ ପହଞ୍ଚି ପାରିଛି। ପୂର୍ବରୁ କେନ୍ଦ୍ରରେ କ୍ଷମତାରେ ଥିବା କଂଗ୍ରେସକୁ ଇଙ୍ଗିତ କରି ମୋଦି କହିଛନ୍ତି ଯେ ଜଣେ ପ୍ରଧାନମନ୍ତ୍ରୀ କହିଥିଲେ ଟଙ୍କାଏ ଦେଲେ ଲୋକେ ୧୫ ପଇସା ପାଉଛନ୍ତି। ମାତ୍ର ଆଜି ଡିବିଟି ଜରିଆରେ ପୂରା ୧ ଟଙ୍କା ଲୋକଙ୍କ ପାଖକୁ ଯାଉଛି।

ଆଜି ଅଟଳ ପେନସନ ଜରିଆରେ ଦେଶରେ ୯ କୋଟି ଲୋକ ଉପକୃତ ହେଉଛନ୍ତି। ଆଉ ଓଡ଼ିଶାରେ ୩୮ ଲକ୍ଷ ଲୋକ ଅଟଳ ପେନସନ୍ ଯୋଜନାର ଫାଇଦା ପାଉଛନ୍ତି। ମାତ୍ର ୨୦ ଟଙ୍କା ପ୍ରିମିୟମରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦୁର୍ଘଟଣା ବୀମା ମିଳୁଛି। ଆଜିକା ଦିନରେ ଏ ବାବଦରେ ସରକାର ୨୫ ହଜାର କୋଟି ଦେଇ ସାରିଲେଣି। ବ୍ୟାଙ୍କିଙ୍ଗ ସେଣ୍ଟର ସୁରକ୍ଷିତ ରଖିବା ପାଇଁ ମଜବୁତ ଡାଟା ସେଣ୍ଟର ଦରକାର।

ଆଜିକାଲି ଆଉ ଯୁଦ୍ଧ କେବଳ ଅସ୍ତ୍ରଶସ୍ତ୍ରରେ କରାଯାଉ ନାହିଁ। ଦେଶର ଆର୍ଥିକ ମେରୁଦଣ୍ଡ ଉପରେ ଆକ୍ରମଣ କରାଯାଉଛି। ତେଣୁ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ସୁରକ୍ଷିତ କରିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି।ଓଡ଼ିଶାରେ ମାଇଣ୍ଡସରୁ ମାଇକ୍ରୋ ଚିପ୍ସ ପ୍ରତିଷ୍ଠା ସମ୍ଭବ ହୋଇପାରିଛି। ଓଡ଼ିଶାରେ ଡାଟା ସେଣ୍ଟର ପ୍ରତିଷ୍ଠା ହୋଇଥିବାରୁ ନୂଆ ପୁଞ୍ଜି ଆସିବାକୁ ଯାଉଛି। ଓଡ଼ିଶାର ଯୁବ ପିଢ଼ିଙ୍କ ପାଇଁ ଆଗକୁ ନୂଆ ସମ୍ଭାବନା ସୃଷ୍ଟି ହେବାକୁ ଯାଉଥିବା ମୋଦି ଦମ୍ଭୋକ୍ତି କରିଛନ୍ତି।

ଭାରତର ବ୍ୟବସ୍ଥା ଖୁବ୍ ଶୀଘ୍ର ଆଗକୁ ଅଗ୍ରସର ହେଉଛି। ସ୍ୱାଧୀନତା ପରେ ଦେଶରେ ବଡ଼ବଡ଼ ହସ୍‌ପିଟାଲ, ବିମାନବନ୍ଦର ନିର୍ମାଣ ହୋଇଛି। କିନ୍ତୁ ଛୋଟ ସହରେ ଭିତ୍ତିଭୂମି ବହୁ ଅସୁବିଧା ଥିଲା। ପାଣି, ରେଳବାଇ ଯୋଗାଯୋଗର ଘୋର ଅଭାବ ଥିଲା। ବିକାଶକୁ ପ୍ରାଥମିକତା ଦିଆଯାଉଥିବା ବେଳେ ବିସ୍ତାର ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଛୋଟ ସହରକୁ ଭାରତୀୟ ରେଳବାଇ ଯୋଡୁଛି। ବ୍ୟାଙ୍କିଙ୍ଗ୍ ସେକ୍ଟରରେ ଡାଟା ସେଣ୍ଟରର ଭୂମିକା ନେଇ ପ୍ରଧାନମନ୍ତ୍ରୀ ବିସ୍ତୃତ ଚର୍ଚ୍ଚା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଆମ ପାଇଁ ବିକାଶ ଗୁରୁତ୍ୱପୂର୍ଣ୍ଣ। ସହର ଠାରୁ ଦୂରରେ ରହୁଥିବା ଲୋକଙ୍କ ପାଖରେ ପହଞ୍ଚିବା ଆମର ଲକ୍ଷ୍ୟ। ଗରିବ ପରିବାର ମଧ୍ୟ ସମ୍ମାନର ବଞ୍ଚିବା ଆମର ଅନ୍ୟ ଲକ୍ଷ୍ୟ।

ସମାରୋହରେ ରାଜ୍ୟପାଳ ହରିବାବୁ ବ୍ରଜମୋହନ ରାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଜୁଏଲ ଓରାମ ପ୍ରମୁଖ ଉପସ୍ଥିତ ଥିଲେ।

# ବାତ୍ୟା ପ୍ରଭାବରେ ଓଡ଼ିଶାରେ ହେବ ପ୍ରବଳ ବର୍ଷା

ଭୁବନେଶ୍ୱର, ୨୫।୧୦(ନି.ପ୍ର): ବଙ୍ଗୋପସାଗରରେ ଆସନ୍ତା ୨୬ରେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ବାତ୍ୟାକୁ ନେଇ ହଇଚଇ। ସମ୍ଭାବ୍ୟ ବାତ୍ୟା ଅର୍ଣ୍ଣବ ୨୮ ମଧ୍ୟାହ୍ନରେ ଆନ୍ଧ୍ରରେ ମାଡ଼ ହେବ ଓ ଓଡ଼ିଶାରେ ପ୍ରଭାବ ଛାଡ଼ିବ। ଆନ୍ଧ୍ର ଦେଇ ଏହା ଓଡ଼ିଶାରେ ପ୍ରବେଶ କରିବ। ଏଥିଯୋଗୁ ଓଡ଼ିଶାର କିଛି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏହାର ମୁକାବିଲା ପାଇଁ ଓଡ଼ିଶା ଠାରୁ ଆରମ୍ଭ କରି ଆନ୍ଧ୍ରରେ ଚାଲିଛି ପ୍ରସ୍ତୁତି।

ବଙ୍ଗୋପସାଗରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଥମେ ଘନୀଭୂତ ହୋଇ ଅବପାତ ଓ ଆଉ ଏବେ ଏହା ଗଭୀର ଅବପାତରେ ପରିଣତ ହୋଇଛି। ଦିନ ସାଢେ ୧୧ରେ ଅବପାତ ଗଭୀର ଅବପାତର ରୂପ ନେଇଛି। ଗଭୀର ଅବପାତରେ ପରିଣତ ହେବା ପରେ ଏହା ଦକ୍ଷିଣପଶ୍ଚିମ ଦିଗରେ ଘଣ୍ଟା ପ୍ରତି ୫ କିମି ବେଗରେ ଆଗକୁ ବଢୁଛି।ସମୁଦ୍ର ଭିତରେ ଘନୀଭୂତ ହେଉଛି ଗଭୀର ଅବପାତ। ଏହା ଆସନ୍ତାକାଲି ଅର୍ଥାତ ୨୬ ତାରିଖରେ ବାତ୍ୟା ଅର୍ଣ୍ଣବର ରୂପ ନେବ ଓ ୨୭ ତାରିଖ ସକାଳ ବେଳକୁ ଅତିଭୀଷଣ ରୂପ ଧାରଣ କରି ସ୍ଥଳ ଭାଗ ମୁହାଁ ହେବ।ଆସନ୍ତା ୨୮ ତାରିଖ ପୂର୍ବାହ୍ନରେ ଆନ୍ଧ୍ର ଉପକୂଳରେ ସ୍ଥଳଭାଗ ଅତିକ୍ରମ କରିବା ନେଇ ଆକଳନ କରିଛି ପାଣିପାଗ ବିଭାଗ। ସ୍ଥଳଭାଗ ଛୁଇଁବା ବେଳକୁ ପବନର ବେଗ ଘଣ୍ଟାପ୍ରତି ୧୧୫ରୁ ୧୨୫ କିଲୋମିଟର ରହିପାରେ। ଝଟକା ପବନର ବେଗ ୧୪୦ କିଲୋମିଟର ଛୁଇଁପାରେ।

ଆନ୍ଧ୍ରରେ ଏହା ମାଡ଼ ହେବା ପରେ ଓଡ଼ିଶାରେ ପ୍ରବେଶ କରିବ ବୋଲି କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ତାଙ୍କ କହିବା କଥା ଯେ ବାତ୍ୟା ଯୋଗୁ ଓଡ଼ିଶାର ୫ ଜିଲ୍ଲା ସର୍ବାଧିକ ପ୍ରଭାବିତ ହୋଇପାରନ୍ତି। ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା ଓ ମାଲକାନଗିରି ଉପରେ ବାତ୍ୟାର ପ୍ରଭାବ ଅଧିକ ରହିବ। ଏହି ୫ ଜିଲ୍ଲାକୁ କ୍ୟାଟେଗୋରୀ-୧ରେ ରଖି ପ୍ରସ୍ତୁତି କରାଯାଇଛି। କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାକୁ କ୍ୟାଟେଗୋରୀ-୨ରେ ରଖାଯାଇଛି। ବାତ୍ୟା ଆନ୍ଧ୍ରରେ ଦେଇ ଓଡ଼ିଶାକୁ ପ୍ରବେଶ କରିବ। ଦକ୍ଷିଣ ଓଡ଼ିଶାରେ ପ୍ରବେଶ ପରେ ପ୍ରବଳ ବର୍ଷା ହେବ। ପରେ ପଶ୍ଚିମ ଓଡ଼ିଶାକୁ ପ୍ରବେଶ କରି ଛତିଶଗଡ଼ ଯିବ। ଛତିଶଗଡ଼ରୁ ପୁଣି ଟର୍ଣ୍ଣ କରି ଝାଡଖଣ୍ଡ ଆଡ଼କୁ ଗତି କରିବ।

ଛତିଶଗଡ଼କୁ ଯିବା ବେଳେ ପଶ୍ଚିମ ଓଡ଼ିଶାରେ ପ୍ରବଳ ବର୍ଷିବ। ଛତିଶଗଡ଼ରେ ବର୍ଷା ହେଲେ ପାଣି ମହାନଦୀକୁ ଆସିବ। ତେଣୁ ପାଣି ରିଲିଜ ପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇ ସାରିଛି। ଝାଡଖଣ୍ଡରେ ବର୍ଷା ହେଲେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲା ପ୍ରଭାବିତ ହୋଇପାରନ୍ତି ବୋଲି ସେ କହିଛନ୍ତି।

ଏପଟେ ସମ୍ଭାବ୍ୟ ବାତ୍ୟା ଅର୍ଣ୍ଣବ ପ୍ରଭାବରେ ୨୭ ତାରିଖରୁ ରାଜ୍ୟରେ ପ୍ରବଳ ବର୍ଷା ହେବ। ଏଥିଯୋଗୁ ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସମସ୍ୟା ଉପୁଜିପାରେ। ସେହିପରି କୋରାପୁଟ ଓ ମାଲକାନଗିରି ଆଦି ଜିଲ୍ଲାର ପାହାଡିଆ ଅଞ୍ଚଳରେ ଭୂସ୍ଖଳନ ହେବାର ଆଶଙ୍କା ରହିଛି। ଏହାର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ଯେହେତୁ ବାତ୍ୟା ଅର୍ଣ୍ଣବ ଆନ୍ଧ୍ରରୁ ଓଡ଼ିଶା ଦେଇ ଛତିଶଗଡ଼ ଆଡକୁ ମୁହାଁଇବ, ତେଣୁ ଏହାର ପ୍ରଭାବ ପଶ୍ଚିମ ଓଡ଼ିଶାରେ ବି ପଡ଼ିପାରେ। ଏନେଇ ଜଳ ନିଷ୍କାସନର ବ୍ୟବସ୍ଥା କିପରି ହେବ ସେଥିପାଇଁ ଛତିଶଗଡ ସରକାରଙ୍କ ସହ ଯୋଗାଯୋଗରେ ଅଛନ୍ତି ଓଡ଼ିଶା ସରକାର। ଲଗାଣ ବର୍ଷା ଯୋଗୁ ମହାନଦୀରେ ଜଳସ୍ତର ବଢିବାର ଆଶଙ୍କା ରହିଛି। ପ୍ରବଳ ବର୍ଷା କାରଣରୁ କଟକରେ ଜଳବନ୍ଦୀ ସମସ୍ୟା ବି ଉପୁଜିପାରେ। ତେଣୁ କଟକ ଜିଲ୍ଲା ପାଇଁ ୩୦ ଟି ଟିମ ଗଠନ କରାଯାଇଛି। ଏହା ମଧ୍ୟରୁ ୪ଟି ଟିମ କଟକ ସହର ପାଇଁ ପ୍ରସ୍ତୁତ ହୋଇ ରହିଛି।

ଆସ୍କା ଲାଇଟ, କଂକ୍ରିଟ କଟର, ପ୍ଲାଜମା କଟର ସହ ଅନ୍ୟାନ୍ୟ ଯନ୍ତ୍ରପାତି ସହ ଟିମକୁ ଆଲର୍ଟରେ ରହିବାକୁ କୁହାଯାଇଛି। ବାତ୍ୟା ସମୟରେ ଜଳବନ୍ଦୀ ସମସ୍ୟା ହେଉ କି ପରବର୍ତ୍ତୀ ସମୟରେ ସମସ୍ତ ସ୍ଥିତିର ମୁକାବିଲା ଅଗ୍ନିଶମ କର୍ମଚାରୀ କରିବେ ବୋଲି କହିଛନ୍ତି କଟକ ସହକାରୀ ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ ଧଳ। ବାତ୍ୟାରେ ପ୍ରଭାବିତ ହେବାକୁ ଥିବା ୫ ଜିଲ୍ଲା ପାଇଁ ସରକାର ୫ ଆଇଏଏସ୍‌ଙ୍କୁ ମଧ୍ୟ ଦାୟିତ୍ୱ ଦେଇଛନ୍ତି। କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ରାୟଗଡ଼ା ଜିଲ୍ଲା, ଡ. ପୋମା ଟୁଡୁଙ୍କୁ କୋରାପୁଟ ଜିଲ୍ଲା, ବିଜୟ କୁମାର ଦାଶଙ୍କୁ ଗଜପତି ଜିଲ୍ଲା ଓ ଡ. ଯେଦୁଲା ବିଜୟଙ୍କୁ ମାଲକାନଗିରି ଦାୟିତ୍ୱ ଦିଆଯାଇଛି। ୮ ମନ୍ତ୍ରୀଙ୍କୁ ୮ ଜିଲ୍ଲା ଦାୟିତ୍ୱ ଦିଆଯାଇଛି। କୋରାପୁଟ ଜିଲ୍ଲା ପାଇଁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ରାୟଗଡ଼ା ଜିଲ୍ଲା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ନବରଙ୍ଗପୁର ଜିଲ୍ଲା ପାଇଁ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମାଲକାନଗିରି ଜିଲ୍ଲା ପାଇଁ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କନ୍ଧମାଳ ଜିଲ୍ଲା ପାଇଁ ରବି ନାଏକ, କଳାହାଣ୍ଡି ଜିଲ୍ଲା ପାଇଁ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗଞ୍ଜାମ ଜିଲ୍ଲା ପାଇଁ ମନ୍ତ୍ରୀ ବିଭୂତି ଜେନା , ଗଜପତି ଜିଲ୍ଲା ପାଇଁ ସୂର୍ଯ୍ୟବଂଶୀ ସୂରଜଙ୍କୁ ଦାୟିତ୍ୱ ଦିଆଯାଇଛି।

# ଅତ୍ୟାଧୁନିକ ସହରୀ ଭିତିଭୂମିର ବିକାଶ କରାଯାଉଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୫।୧୦(ନି.ପ୍ର.): ୨୦୩୬ ମସିହାରେ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ଭାବେ ୧୦୦ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ, ୫୦୦ ବିଲିଅନ୍ ଡଲାର୍ ଅର୍ଥନୀତି ସହ ଏକ ସମୃଦ୍ଧ ଓଡ଼ିଶା ଗଠନ କରିବା ଆମର ମୁଖ୍ୟ ଲକ୍ଷ୍ୟ ।

ବର୍ତ୍ତମାନ ଓଡ଼ିଶାର ସହରୀକରଣ ୧୭ ପ୍ରତିଶତ ଥିବା ବେଳେ ୨୦୩୬ ସୁଦ୍ଧା ଏହାକୁ ୪୦ ପ୍ରତିଶତକୁ ବୃଦ୍ଧି ହେବ । ଏଥିପାଇଁ ଅତ୍ୟାଧୁନିକ ଭିତିଭୂମି ଓ ଆଧୁନିକ ସଂସ୍କାର ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇସାରିଛି ବୋଲି ଆଜି ଭୁବନେଶ୍ୱରଠାରେ ଆୟୋଜିତ ନାସନାଲ ଅର୍ବାନ୍ କନକ୍ଲେଭ୍ -୨୦୨୬ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।




ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ ୨୦୪୭' ଭିଜନ୍ ଓ 'ପୂର୍ବୋଦୟ' ନୀତି ପ୍ରେରଣାରେ ଓଡ଼ିଶା ଆଜି ଦେଶର ଏକ ପ୍ରମୁଖ ଗ୍ରୋଥ୍ ଇଞ୍ଜିନ୍ ଭାବେ ଗଢ଼ିଉଠିଛି। ୨୦୪୭ ସୁଦ୍ଧା ଦେଶର ସହରୀ ଜନସଂଖ୍ୟା ଗ୍ରାମୀଣ ଜନସଂଖ୍ୟାକୁ ଅତିକ୍ରମ କରୁଥିବାରୁ ସହରଗୁଡ଼ିକୁ ସମାବେଶୀ, ପ୍ରଯୁକ୍ତିବିଦ୍ୟାସମ୍ପନ୍ନ ଓ ଆଧୁନିକ ସୁବିଧାସୁଯୋଗରେ ସମୃଦ୍ଧ କରିବା

ସେ ଆହୁରି କହିଛନ୍ତି ଯେ, ସହରୀ ବିକାଶ ଓ ଅର୍ଥନୈତିକ ପ୍ରଗତିକୁ ଗତିଶୀଳ କରିବା ପାଇଁ ରାଜ୍ୟରେ ଶିଳ୍ପାୟନ, ବନ୍ଦରର ବିକାଶ, ପର୍ଯ୍ୟଟନ ଓ ସେବା କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି ହୋଇଛି। ଓଡ଼ିଶାକୁ ଏପର୍ଯ୍ୟନ୍ତ ୨୩ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିସାରିଥିବା ବେଳେ ୩.୫ ଲକ୍ଷ କୋଟି ଟଙ୍କାର ନିବେଶ ସହ ୨୦୦ରୁ ଉର୍ଦ୍ଧ୍ୱ ଉଦ୍ୟୋଗର ଗ୍ରାଉଣ୍ଡିଂ ସମ୍ପନ୍ନ ହୋଇଛି। କେନ୍ଦ୍ର ସରକାର ଓ ନୀତି ଆୟୋଗଙ୍କ ମାର୍ଗଦର୍ଶନରେ 'ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଇକୋନୋମିକ୍ ରିଜିଅନ୍' (ବିକେପିପିଇଆର) ପ୍ରତିଷ୍ଠା କରାଯାଉଛି। ଏହାସହ ଭୁବନେଶ୍ୱର ଓ କଟକର ସମ୍ପ୍ରସାରଣ କରି ନୂଆ ସାଟେଲାଇଟ୍ ଟାଉନ୍‌ସିପ୍ ଗଠନ କରାଯାଉଛି ଏବଂ ନୂତନ ଭାବେ ୨୮ଟି ଏନ୍.ଏ.ସି, ୭ଟି ମ୍ୟୁନିସିପାଲିଟି ଓ ଗୋଟିଏ ମ୍ୟୁନିସିପାଲ୍ କର୍ପୋରେସନ୍ ସୃଷ୍ଟି କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ରାଜ୍ୟର ଜନକଲ୍ୟାଣକାରୀ ସହରୀ ଯୋଜନାଗୁଡ଼ିକର ସଫଳତା ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ ପିଏମଏୱାଇ - ଅର୍ବାନ୍ ଅଧୀନରେ ୧.୫୩ ଲକ୍ଷ ଆବାସ ନିର୍ମାଣ ହୋଇଥିବା ବେଳେ ପିଏମଏୱାଇଣ ୨.୦ ଅନ୍ତର୍ଗତ 'ପିଏମଏୱାଇ ଅର୍ବାନ ବନ୍ଧୁ' କାର୍ଯ୍ୟକ୍ରମ ପାଇଁ ଆଗାମୀ ୫ ବର୍ଷରେ ୧୬୧୫ କୋଟି ଟଙ୍କାର ମଞ୍ଜୁରୀ ଦିଆଯାଇଛି, ଯେଉଁଥିରେ ଇଡବ୍ଲୁଏସ୍ ହିତାଧିକାରୀଙ୍କୁ ଷ୍ଟାମ୍ପ ଡ୍ୟୁଟି ଓ ରେଜିଷ୍ଟ୍ରେସନ୍ ଫି'ରେ ୯୦ ପ୍ରତିଶତ ଛାଡ଼ ପ୍ରଦାନ କରାଯାଉଛି।

ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ଭିତିଭୂମି ପାଇଁ ୬୦୦୦ କୋଟି ଟଙ୍କା, ୧୧ଟି ସହରରେ ୨୪ ଘଣ୍ଟିଆ 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' ଜଳଯୋଗାଣ ଏବଂ ୧୬୦୦ କୋଟି ଟଙ୍କାର 'ସ୍ୱଚ୍ଛ ଓଡ଼ିଶା ଯୋଜନା' କାର୍ଯ୍ୟକାରୀ ହେଉଛି। ସଫେଇ କର୍ମଚାରୀଙ୍କ ସୁରକ୍ଷା ଓ ସମ୍ମାନ ପାଇଁ 'ଗରିମା' ଯୋଜନା ଜରିଆରେ ସ୍ୱଚ୍ଛ ସାଥୀମାନଙ୍କୁ ଆଧୁନିକ ମେସିନ୍, ସୁରକ୍ଷା ସରଞ୍ଜାମ, ଜୀବନ ବୀମା ଓ ସାମାଜିକ ସୁରକ୍ଷା ଯୋଗାଇ ଦିଆଯାଉଛି ।

ଏହି ସମ୍ମିଳନୀର ମୁଖ୍ୟ ବିଷୟବସ୍ତୁ 'ଚାଲିବାର ଅଧିକାର' ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସହରୀ ପରିବହନରେ ସୁରକ୍ଷିତ ଫୁଟପାଥ୍, କ୍ରସିଂ ଓ ପବ୍ଲିକ ସ୍ପେସ୍ ପ୍ଲାନିଂର ମୁଖ୍ୟ ଅଂଶ ଅଟେ। ରାଜ୍ୟର କ୍ରୁଟ୍ ନେଟୱାର୍କ ୨୦୧୮ରେ ୨୦୦ଟି ବସରୁ ଆରମ୍ଭ ହୋଇ ଆଜି ୭୭୦ଟି ବସ୍ ସହ ୧୩୮ଟି ରୁଟ୍?ରେ ୭ଟି ସହରକୁ ସଂଯୋଗ କରୁଛି, ଯେଉଁଥିରେ ଦୈନିକ ୩.୫ ଲକ୍ଷ ଯାତ୍ରୀ ଯାତାୟାତ କରୁଛନ୍ତି।

ଆଜି ପିଏମ୍ ଇ-ବସ୍ ସେବା ଅଧୀନରେ ୨୬ଟି ଇ-ବସ୍? ସେବାର ଶୁଭାରମ୍ଭ କରାଯାଇଥିବା ବେଳେ ଏହା ଅଧୀନରେ ଆହୁରି ୪୦୦ଟି ଇ-ବସ୍, ୧୦୦ଟି ମିଡି ଓ ୫୦ଟି ମିନି ଇ-ବସ୍ ଯୋଡ଼ିହେବ। ବର୍ତ୍ତମାନ କ୍ରୁଟ୍ ଜରିଆରେ ୭ଟି ସହରରେ ଆମ ବସ୍ ସେବା ଯୋଗାଇ ଦିଆଯାଉଛି । ନୂଆ ଇ-ବସ୍ ଆସିବା ପରେ ଆଉ ୯ଟି ସହରରେ ଇ-ବସ୍ ସେବା ପ୍ରଦାନ କରାଯିବ । ଏହି ସହର ଗୁଡ଼ିକ ହେଲା ବାରିପଦା, ଅନୁଗୋଳ, ଝାରସୁଗୁଡ଼ା, ବାଲେଶ୍ୱର, ଯାଜପୁର, ରାୟଗଡ଼ା, ଜୟପୁର, ଭଦ୍ରକ ଓ ବଲାଙ୍ଗୀର ସହରରେ ଇ-ବସ୍ ସେବା କାର୍ଯ୍ୟକାରୀ ହେବ ।

ଏହା ସହିତ 'ଓଡ଼ିଶା ଯାତ୍ରୀ ଆପ୍' ଜରିଆରେ ଡିଜିଟାଲ ଟିକେଟିଙ୍ଗ୍ ସୁବିଧା ସହିତ ୯ ଲକ୍ଷରୁ ଉର୍ଦ୍ଧ୍ୱ ବସ୍ ଯାତ୍ରା ହୋଇଛି, ଯେଉଁଥିରେ ଚାଳକମାନେ ବିନା କମିଶନ୍ ରେ ୧୦୦% ଭାଡ଼ା ପାଇ ୧୨ କୋଟି ଟଙ୍କାର ରୋଜଗାରକ୍ଷମ ହୋଇପାରିଛନ୍ତି।

## ସୀମାନ୍ତରେ ଚେକ୍ ପୋଷ୍ଟ

ଭୁବନେଶ୍ୱର, ୨୫।୧୦(ନି,ପ୍ର): କୋଟିଆରେ ଆନ୍ଧ୍ରକୁ ରୋକିବା ପାଇଁ ଓଡିଶା ପକ୍ଷରୁ ପଦକ୍ଷେପ ନିଆଯାଇଛି। ଓଡିଶା- ଆନ୍ଧ୍ର ସୀମାନ୍ତରେ ଲାଗିଲା ପୋଲିସ ଚେକ୍ ପୋଷ୍ଟ। ନେରେଡିବାଲସା ଓ ଫାଟୁସିନେରିରେ ପୋଲିସ ମୃତୟନ କରାଯାଇଛି।

## ଡାହୁକ

ଭାଉ ଖାଇବାକୁ ବାହାପିଆ କଥା
ଲୋକଙ୍କୁ ଦେଖେଇ ହୋଇ
ଯେମିତିକା ମୋଦି ସେମିତି ମୋହନ
କଅଣ ନୁହନ୍ତି କେହି
ବଡବାଡିଆଙ୍କୁ କୁଣ୍ଢେଇ ମୁଣ୍ଢେଇ
ଦେଶ ସମ୍ପତ୍ତିକୁ ଦେଇ
ହାଁ ହାଁ ହୋଇ ଲୁଟିବାରେ ବେସ୍ତ
ଚଉଦ ପୁରୁଷ ପାଇଁ



-ବିଧୁ

# ଓଡ଼ିଶାକୁ ବିଶାଳ ପୁଞ୍ଜିନିବେଶ ଆଣିଛି ଡବଲଇଞ୍ଜିନ ସରକାର: ମନମୋହନ

ଭୁବନେଶ୍ୱର, ୨୫।୧୦(ନି.ପ୍ର.): ସମୃଦ୍ଧ ଓଡ଼ିଶା ଗଢ଼ିବା ସ୍ୱପ୍ନ ସାକାର କରିବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଇ ଚାଲିଛନ୍ତି। ରାଜ୍ୟରେ ଡବଲ୍ ଇଂଜିନ ସରକାର ଗଠନ ହେବା ପରେ ପ୍ରଗତିକୁ ଗତିଶୀଳ କରିବା ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ଆସନ୍ତାକାଲି ୯ମ ଥର ପାଇଁ ଓଡିଶା ଗସ୍ତରେ ଆସୁଛନ୍ତି। ଏହି ଅବସରରେ ସେ ଖୋର୍ଦ୍ଧାଠାରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ଡାଟା ସେଂଟର ଓ ଟ୍ରେନିଂ ସେଂଟର ଉଦ୍‌ଘାଟନ କରିବେ। ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ବିଜେପି ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ କହିଛନ୍ତି।

ଶ୍ରୀ ସାମଲ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟେକଟି ଓଡ଼ିଶା ଗସ୍ତ ରାଜ୍ୟର ବିକାଶ ପାଇଁ ନୂଆ ଉପହାର ନେଇ ଆସିଥାଏ। ନିର୍ବାଚନ ପୂର୍ବରୁ ସମ୍ବଲପୁର ଓ ଚଣ୍ଡିଖୋଲରେ ଯେଉଁସବୁ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ହୋଇଥିଲା, ସେଗୁଡ଼ିକ କ୍ରିୟାନ୍ୱୟନ ହୋଇଛି। ପ୍ରଧାନମନ୍ତ୍ରୀ କେବଳ ଘୋଷଣା କରନ୍ତି ନାହିଁ, ବରଂ ତାହାକୁ ବାସ୍ତବତାରେ ପରିଣତ କରି ଲୋକଙ୍କ ସେବାରେ ଉତ୍ସର୍ଗ କରନ୍ତି। ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଓଡ଼ିଶାକୁ ବିଶାଳ ପୁଞ୍ଜିନିବେଶ ଆଣିଛି ଡବଲଇଞ୍ଜିନ ସରକାର। ସେମିକଣ୍ଡକ୍ଟର, ଡାଟା ସେଂଟର, ଆଇଟି, ଖଣିଜଭିତିକ ଶିଳ୍ପ, ପେଟ୍ରୋକେମିକାଲ୍ସ, ଶକ୍ତି, କୃଷି ତଥା ପର୍ଯ୍ୟଟନ କ୍ଷେତ୍ରରେ ବିଜେପି ସରକାର ଦୃଢ଼ ପଦକ୍ଷେପ ନେଇ ରାଜ୍ୟର ଅର୍ଥନୀତିକୁ ନୂତନ ଗତି ଦେଇଛି। ଆଗାମୀ ଦିନରେ ଓଡ଼ିଶା ପୂର୍ବ ଭାରତର ପ୍ରଗତିର ମୁଖଶାଳା ହେବାକୁ ଯାଉଛି।

ପ୍ରଧାନମନ୍ତ୍ରୀଭାବେ ଦାୟିତ୍ୱ ନେବା ପରେ ମୋଦିଜୀ ଓଡ଼ିଶାର ସର୍ବାଙ୍ଗୀନ ଓ ସାମୂହିକ ବିକାଶକୁ ଗୁରୁତ୍ୱ ଦେଇଆସୁଛନ୍ତି। ଓଡ଼ିଶାକୁ ଦେଶର ୧ ନମ୍ବର ରାଜ୍ୟ ତଥା 'ସମୃଦ୍ଧ ଓଡ଼ିଶା' ଭାବେ ଗଢ଼ିତୋଳିବା ପାଇଁ ଯାହାସବୁ ଆବଶ୍ୟକ ସେନେଇ ସେ ପଦକ୍ଷେପ ନେବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟରେ ପ୍ରଚୁର ପରିମାଣର ପ୍ରାକୃତିକ ସମ୍ପଦ, ଖଣିଖାଦାନ, ଜଳ ସମ୍ପଦ, ଜଙ୍ଗଲ ସମ୍ପଦ, ଚିଲିକା ଏବଂ ବିସ୍ତୀର୍ଣ୍ଣ ବେଳାଭୂମି ରହିଛି। ଏହି ପ୍ରାଚୁର୍ଯ୍ୟକୁ ଠିକ୍ ଭାବେ ବିନିଯୋଗ କରି ଓଡ଼ିଶାକୁ ବିକାଶର ଶୀର୍ଷରେ ପହଁଚାଇବା ପାଇଁ ମୋଦି ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ଆସନ୍ତା କାଲି ପ୍ରଧାନମନ୍ତ୍ରୀ ମୋଦିଜୀଙ୍କୁ ବ୍ୟାପକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପାଇଁ କାର୍ଯ୍ୟକର୍ତା ଏବଂ ଓଡ଼ିଶାବାସୀ ଉତ୍ସାହିତ ଅଛନ୍ତି ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି।

15001/123/2627



**ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୬ ପାଳନ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

ଚଳିତ ବର୍ଷ ଅକ୍ଟୋବର ୨୭ ତାରିଖ ଠାରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି । ଏହି ଅବସରରେ ମୁଁ ରାଜ୍ୟର ଜନସାଧାରଣଙ୍କୁ ଦୁର୍ନୀତି ବିରୋଧୀ ଅଭିଯାନରେ ସକ୍ରିୟ ଭାବେ ସାମିଲ ହୋଇ ସାଧାରଣ ଜୀବନରେ ସାଧୁତା ଓ ସ୍ୱଚ୍ଛତାକୁ ପାଳନ କରିବାକୁ ଅନୁରୋଧ କରୁଛି ।

ଦୁର୍ନୀତି ପ୍ରଗତିର ଅନ୍ତରାୟ । ଏକ ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଦୁର୍ନୀତିମୁକ୍ତ ଶାସନ ଅପରିହାର୍ଯ୍ୟ । କେବଳ ସରକାରୀ ପ୍ରୟାସ ନୁହେଁ, ବରଂ ସଚେତନ ନାଗରିକଙ୍କ ସକ୍ରିୟ ସହଭାଗିତା ହିଁ ଦୁର୍ନୀତି ବିରୋଧୀ ଅଭିଯାନକୁ ସଫଳ କରିପାରିବ । ରାଜ୍ୟର ପ୍ରତ୍ୟେକ ଜନସାଧାରଣ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସହିତ ସାଧାରଣ ଜୀବନରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଆପଣାଇଲେ ଆମ ଶାସନ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବ ।

ଆମ ରାଜ୍ୟକୁ ବିକାଶର ଶିଖରରେ ପହଞ୍ଚାଇବାକୁ ଆମ ସରକାର ଦୁର୍ନୀତି ବିରୁଦ୍ଧରେ 'ଜିରୋ ଟଲେରାନ୍ସ' ବା ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରିଛନ୍ତି । ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର କରିବା ସହ ଅସାଧୁ ଅବସରପ୍ରାପ୍ତ ଅଧିକାରୀମାନଙ୍କ ପେନସନ ମଧ୍ୟ ବନ୍ଦ କରାଯାଇଛି । ଦୁର୍ନୀତି ବିରୋଧରେ ଓଡ଼ିଶା ଭିଜିଲାନ୍ସର କାର୍ଯ୍ୟାନୁଷ୍ଠାନ ଜାତୀୟ ସ୍ତରରେ ସ୍ୱୀକୃତି ପାଇଛି । ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (NCRB) ରିପୋର୍ଟ ଅନୁଯାୟୀ ଓଡ଼ିଶା ଭିଜିଲାନ୍ସ ଦେଶର ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନକାରୀ ଦୁର୍ନୀତି ନିବାରଣ ସଂସ୍ଥା ଭାବେ ସ୍ଥାନ ପାଇଛି । ଏହା ଆମ ସମସ୍ତଙ୍କ ପାଇଁ ଗୌରବର ବିଷୟ । ଏଥିପାଇଁ ମୁଁ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଉଛି ।

ଆସନ୍ତୁ, ଦୁର୍ନୀତି ବିରୋଧୀ ଅଭିଯାନରେ ସାମିଲ ହେବା । ସାଧୁତା ଓ ସ୍ୱଚ୍ଛତାକୁ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଅବଲମ୍ବନ କରି "ସମୃଦ୍ଧ ଓଡ଼ିଶା" ଗଢିବାରେ ସହାୟକ ହେବା । ଆପଣଙ୍କ ସହଯୋଗ ହିଁ ହେବ ସମୃଦ୍ଧ ଓଡ଼ିଶାର ଆଧାର ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0122



## ଗୁଁଗଣ୍ଡାରେ କୁମାର ପୂର୍ଣ୍ଣିମା ଉତ୍ସବ
# ଆଗ ଭଳି ନାହିଁ ପୁଚିଖେଳ କି ଫୁଲବଉଳବେଣୀ ଗୀତର ମଉଜ

ଖୋର୍ଦ୍ଧା,୨୫।୧୦ :(ମନ୍ଥନ)ଖୋର୍ଦ୍ଧା ଜିଲା ର ବିଭିନ୍ନ ଅଞ୍ଚଳ କୁମାର ପୂର୍ଣ୍ଣିମା ଓ ଗଜଲକ୍ଷ୍ମୀ ପୂଜା ଲାଗି ରବିବାର ଉତ୍ସବ ମୁଖର ହୋଇଉଠିଛି। କୁମାରୀମାନେ ଓଷା କରିବା ସହ ନୂତନ ବସ୍ତ୍ର ପରିଧାନ କରି କୁମାର ପୂର୍ଣ୍ଣିମା ଉତ୍ସବ ପାଳନ କରିଥିଲେ। ଗାଁ ଦାଣ୍ଡ ଚଉଁରା ମୂଳେ ମା' ବୃନ୍ଦାବତୀଙ୍କ ପାଖରେ କୁଆଁରୀମାନେ ଭୋଗ ଲଗାଇବା ସହ ଚାନ୍ଦ ପୂଜା କରିଥିଲେ। ଏଥର ପୂଜା ଲାଗି ସବୁଠି କଇଁଫୁଲର ଅଭାବ ପରିଲକ୍ଷିତ ହୋଇଥିଲା। ବଜାରରେ କଇଁଫୁଲ ଗୋଟା ୧୦ ରୁ ୨୦ ଟଙ୍କାରେ ବିକ୍ରି ହୋଇଥିଲା।ଗୃହିଣୀ ପ୍ରମିଳା ବେହେରା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଆଧୁନିକ ସଭ୍ୟତା ପ୍ରଭାବରେ ଦିନକୁ ଦିନ ପାରମ୍ପରିକ ପୂଜା ଓ ଓଷା ହଜିବାକୁ ବସିଲାଣି । ଗୃହିଣୀ ଅର୍ଚ୍ଚନା ଆଦିଆ ଅନୁରୂପ ମତ ପ୍ରକାଶ କରି କହିଛନ୍ତି, ଆଗରୁ କୁମାର ପୂର୍ଣ୍ଣିମା ଉତ୍ସବରେ ଝିଅମାନେ ଚାନ୍ଦ ପୂଜା କରି ପୁଚି ଖେଳିବା ସହ ଗୀତ ବୋଲୁଥିଲେ। ବର୍ତ୍ତମାନ ଆଉ ସେଭଳି ଦେଖିବାକୁ ମିଳୁ ନାହିଁ। ସେହିପରି ସସ୍ମିତା ସାହୁ କହିଛନ୍ତି, ଆମେ ପିଲାବେଳେ ଧୁମ୍‌ଧାମରେ ଏହି ଉତ୍ସବ ପାଳୁଥିଲୁ। ଏବେକାର ନୀତି ଭିନ୍ନ। ଆଗରୁ କୁଆଁରୀ ମାନେ ରଙ୍ଗବେରଙ୍ଗ ଫୁଲ ପାଖୁଡାରେ ସାଜସଜ୍ଜା କରୁଥିବାରୁ ଘର ସମେତ ଗାଁ ଦାଣ୍ଡ ଓ ଚଉଁରା ମୂଳ ହସି ଉଠୁଥିଲା। କଇଁଫୁଲରେ ମା' ବୃନ୍ଦାବତୀଙ୍କୁ ସଜାଯାଉଥିଲା। 'କୁଆଁର ପୁନେଇ ଜହ୍ନ ଗୋ ଫୁଲ ବଉଳ ବେଣୀ' ଗୀତରେ ପରିବେଶ ଚହଟି ଉଠୁଥିଲା। ଏବେ ଗାଁ ପୋଖରୀ ଓ ରାସ୍ତପାଖ ନାଳରେ କଇଁଫୁଲ ଫୁଟୁ ନ ଥିବା ଓ ବଜାରରେ ଆବଶ୍ୟକ ପରିମାଣର ଫୁଲ ମିଳୁ ନ ଥିବାରୁ କୁଆଁରୀମାନଙ୍କ ମଧ୍ୟରେ ଏହି ପୂଜା ଲାଗି ଆଗ୍ରହ ରହୁ ନାହିଁ। ତେଣୁ ଆଗଭଳି କୁମାର ପୂର୍ଣ୍ଣିମା ପାଳନର ସରସତା ଆଉ କେଉଁଠି ଦେଖିବାକୁ ମିଳୁନି। କେବଳ କାମଚଳା ନ୍ୟାୟରେ ବିଧି ପାଳନ କରାଯାଉଛି।

# ବାତ୍ୟା ମୁକାବିଲା ନିମନ୍ତେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ପ୍ରାକ୍ ପ୍ରସ୍ତୁତି ଓ ସମୀକ୍ଷା

ଖୋରଧା,୨୫।୧୦ :(ମନ୍ଥନ) ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ଲଘୁ ଚାପ ସମ୍ଭାବ୍ୟ ବାତ୍ୟା ରୂପ ନେବା ଭାରତୀୟ ପାଣିପାଗ ବିଭାଗ ର ସଦ୍ୟତମ ପୂର୍ବାନୁମାନକୁ ଦୃଷ୍ଟିରେ ରଖି ଆଜି ଜିଲ୍ଲାପାଳ ତଥା ଜିଲ୍ଲା ମାଜଷ୍ଟ୍ରେଟ ତଥା ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ,ଖୋରଧା ଶ୍ରୀ ଅମ୍ରିତ୍ ଋତୁରାଜ ଙ୍କ ଅଧ୍ୟକ୍ଷତାରେ ଆଭାସିରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳମାନେ, ଉପଜିଲ୍ଲାପାଳ ମାନେ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ବ୍ଲକ ଉନ୍ନୟନ ଅଧିକାରୀମାନେ, ତହସିଲଦାର ମାନେ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ପଦକ୍ଷେପ ଗୁଡ଼ିକ ଉପରେ ନ୍ୟସ୍ତ ଦାୟିତ୍ୱ ସମ୍ବନ୍ଧରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ କ୍ଷ ଶୂନ୍ୟ ମୃତ୍ୟୁ ହାର ବଜାୟ ନିମନ୍ତେ ଜିଲ୍ଲାପ୍ରଶାସନ ର ଭିଜନ କୁ ଦୃଷ୍ଟିରେ ରଖି ପ୍ରତ୍ୟେକ ବିଭାଗ ତତ୍ପରତା ସହ କାର୍ଯ୍ୟ କରିବା ନିମନ୍ତେ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର ଏବଂ ଅଧୀନସ୍ଥ କାର୍ଯ୍ୟାଳୟଗୁଡ଼ିକରେ ନିୟନ୍ତ୍ରଣ କକ୍ଷଗୁଡ଼ିକୁ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାରେ ୫୧ଟି ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ସହିତ ଅତିରିକ୍ତ ୩୭୯ଟି ଆଶ୍ରୟସ୍ଥଳୀ ଚିହ୍ନଟ କରାଯାଇଛି। ଆଶ୍ରୟସ୍ଥଳୀଗୁଡ଼ିକର ସୁପରିଚାଳନା ନିମନ୍ତେ ସ୍ଥାନୀୟ ଲୋକ ପ୍ରତିନିଧି ଓ ସ୍ଥାନୀୟ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ନେଇ ଆଶ୍ରୟସ୍ଥଳୀ ପରିଚାଳନା କମିଟି ଗଠନ କରାଯାଇଛି। ପାନୀୟ ଜଳ, ପରିମଳ, ବିଦ୍ୟୁତ୍ ଯୋଗାଣ ଏବଂ ବିକଳ୍ପ ବିଦ୍ୟୁତ୍ ବ୍ୟବସ୍ଥା ସହ ଆଶ୍ରୟସ୍ଥଳୀଗୁଡ଼ିକର ପ୍ରସ୍ତୁତି ସମୀକ୍ଷା କରାଯାଇଛି। ତଳିଆ ଓ ବନ୍ୟାପ୍ରବଣ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରାଯାଇଥିବାବେଳେ ଆବଶ୍ୟକସ୍ଥଳେ, ବିଶେଷକରି ଅସୁରକ୍ଷିତ ସ୍ଥାନ ରେ ରହୁଥିବା ବ୍ୟକ୍ତିମାନଙ୍କୁ ସ୍ଥାନାନ୍ତରଣ ଉପରେ ଗୁରୁତ୍ୱ ଦିଆଯାଇଛି।ସ୍ୱତନ୍ତ୍ର ରିଲିଫ୍ କମିଶନର ଙ୍କ କାର୍ଯ୍ୟାଳୟ ପକ୍ଷରୁ ୮ଟି ମୋଟରଚାଳିତ ଡଙ୍ଗାକୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଛି। ଆବଶ୍ୟକ ପଡ଼ିଲେ ଘରୋଇ ଡଙ୍ଗାଗୁଡ଼ିକୁ ମଧ୍ୟ ନିୟୋଜିତ କରାଯାଇପାରିବ ବୋଲି କୁହାଯାଇଛି। ରାସ୍ତା ଅବରୋଧ ହଟାଇ ଯାତାୟାତ ସ୍ୱାଭାବିକ କରିବା ପାଇଁ ଆବଶ୍ୟକ ଯନ୍ତ୍ରପାତି ଓ ଯାନ୍ତ୍ରିକ ସାଧନଗୁଡ଼ିକୁ ପ୍ରସ୍ତୁତ ରଖାଯାଆଇଛି। ଜଳ ପ୍ରବେଶ, ପଛୁଆ ଜଳପ୍ରବାହ ଏବଂ ଜଳବନ୍ଦୀ ସମସ୍ୟାର ଆଶଙ୍କା ଥିବା ଅଞ୍ଚଳଗୁଡ଼ିକ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନଯିବାକୁ ପରାମର୍ଶ ଦିଆଯାଇଛି। ଆବଶ୍ୟକତା ଅନୁଯାୟୀ ଓଡରାଫ ଏବଂ ଅଗ୍ନିଶମ ସେବା ଦଳଗୁଡ଼ିକୁ ଆବଶ୍ୟକ ସ୍ଥାନରେ ମୁତୟନ କରାଯିବ।୨୩ ଅକ୍ଟୋବର ୨୦୨୬ ତାରିଖର ମହଜୁଦ ରିପୋର୍ଟ ଅନୁଯାୟୀ, ଜିଲ୍ଲାର ପାଞ୍ଚଟି ଗୋଦାମ/ସଂରକ୍ଷଣ କେନ୍ଦ୍ରରେ ପ୍ରାୟ ୧,୧୨,୫୩୮ କୁଇଣ୍ଟାଲ ଚାଉଳ ମହଜୁଦ ରହିଛି। ଏହା ବ୍ୟତୀତ ରିଲିଫ୍ କାର୍ଯ୍ୟ ପାଇଁ ୨୫୨ କୁଇଣ୍ଟାଲ ଚୁଡ଼ା ଓ ୧୯୭ କୁଇଣ୍ଟାଲ ଗୁଡ଼ ଉପଲବ୍ଧ ରହିଛି। ଜରୁରୀକାଳୀନ ବ୍ୟବହାର ପାଇଁ ଜିଲ୍ଲାରେ ୨,୩୮୩ ପ୍ୟାକେଟ୍ ପଲିଥିନ୍ ମଧ୍ୟ ମହଜୁଦ ଅଛି। ସୁରକ୍ଷିତ ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ସେବାର ତ୍ୱରିତ ପୁନରୁଦ୍ଧାର, ଦୁର୍ଗମ ଅଞ୍ଚଳରେ ଖାଦ୍ୟଶସ୍ୟ ମହଜୁଦ ରଖିବା ଏବଂ ପଶୁଖାଦ୍ୟ, ପ୍ରାଣୀ ଚିକିତ୍ସା ସେବା ଓ ଗୃହପାଳିତ ପଶୁଙ୍କ ପାଇଁ ସୁରକ୍ଷିତ ଆଶ୍ରୟ ବ୍ୟବସ୍ଥାର ସମୀକ୍ଷା କରାଯାଇଛି।ସ୍ୱାସ୍ଥ୍ୟ ସେବା ପ୍ରସ୍ତୁତିର ଅଂଶସ୍ୱରୂପ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରେ ବିକଳ୍ପ ବିଦ୍ୟୁତ୍ ବ୍ୟବସ୍ଥା, ଡାକ୍ତରଖାନାଗୁଡ଼ିକରେ ଅତ୍ୟାବଶ୍ୟକ ଔଷଧ ଓ ସାପ କାମୁଡ଼ା ପ୍ରତିରୋଧୀ ଔଷଧ ର ଉପଲବ୍ଧତା ଏବଂ ଜିଲ୍ଲା ଡାକ୍ତରଖାନା ଓ ପ୍ରଭାବିତ ନହୋଇଥିବା ବ୍ଲକଗୁଡ଼ିକରୁ ଜଣେ ଡାକ୍ତର ଓ ଜଣେ ପାରାମେଡିକ୍ ?ଙ୍କୁ ନେଇ ମୋବାଇଲ୍ ସ୍ୱାସ୍ଥ୍ୟ ଦଳ ନିୟୋଜନ ବ୍ୟବସ୍ଥାର ସମୀକ୍ଷା କରାଯାଇଛି। ଆଗାମୀ ୧୫ ଦିନ ମଧ୍ୟରେ ପ୍ରସବ ହେବାର ସମ୍ଭାବ୍ୟ ତାରିଖ ଥିବା ୫୩୯ ଜଣ ଗର୍ଭବତୀ ମହିଳାଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି, ଯାହାଦ୍ୱାରା ସେମାନଙ୍କୁ ସମୟୋଚିତ ଚିକିତ୍ସା ସହାୟତା ଯୋଗାଇ ଦିଆଯାଇପାରିବ। ଖୋରଧା ଓ ଜଟଣୀ ପୌରପାଳିକା ଏବଂ ଟାଙ୍ଗୀ, ବାଲୁଗାଁ ଓ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଜଳ ନିଷ୍କାସନ ପମ୍ପ, ବିକଳ୍ପ ବିଦ୍ୟୁତ୍ ବ୍ୟବସ୍ଥା, ପାନୀୟ ଜଳ, ଆଶ୍ରୟସ୍ଥଳୀ ଓ ଯାନବାହନର ଉପଲବ୍ଧତା ସମୀକ୍ଷା କରାଯିବା ସହ ଅସୁରକ୍ଷିତ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରାଯାଇଛି।ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ସର୍ବଦା ସତର୍କ ରହିବା, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ବଜାୟ ରଖିବା ଏବଂ ସମସ୍ତ ଦିଗରୁ ଆଗୁଆ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ପ୍ରଶାସନ ପରିସ୍ଥିତି ଉପରେ ନିରନ୍ତର ନଜର ରଖିଛି। ଜନସାଧାରଣଙ୍କୁ ସରକାରୀ ସତର୍କ ସୂଚନା ଓ ପରାମର୍ଶ ପାଳନ କରିବା ସହ ଜନସୁରକ୍ଷା ନିମନ୍ତେ ପ୍ରଶାସନକୁ ସହଯୋଗ କରିବାକୁ ଅନୁରୋଧ କରାଯାଉଛି।

# ଶିଶୁ ଶ୍ରମମୁକ୍ତ ଖୋର୍ଦ୍ଧା ଜିଲ୍ଲା ଗଠନ ନିମନ୍ତେ ଜନସଚେତନତା କାର୍ଯ୍ୟକ୍ରମ

ଖୋର୍ଦ୍ଧା,୨୫।୧୦ :(ମନ୍ଥନ) ଜିଲ୍ଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ), ଖୋର୍ଦ୍ଧା ଏବଂ ସହକାରୀ ଶ୍ରମ ଅଧିକାରୀ, ବାଲିଅନ୍ତାଙ୍କ ମିଳିତ ଉଦ୍ୟମରେ ଶିଶୁ ଶ୍ରମମୁକ୍ତ ଖୋର୍ଦ୍ଧା ଜିଲ୍ଲା ଗଠନ ଲକ୍ଷ୍ୟରେ ବାଲିଅନ୍ତା ବ୍ଲକର ବିଭିନ୍ନ ଅଞ୍ଚଳରେ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।ଏହି ଅଭିଯାନ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ପ୍ରତାପଶାସନ ପଞ୍ଚାୟତର ବାଲକାଟି ବଜାର, ଭଇଁଚୁଆ ପଞ୍ଚାୟତର ରଙ୍ଗ ବଜାର, ବାଲିଅନ୍ତା ପଞ୍ଚାୟତର ବାଲିଅନ୍ତା ବଜାର, ସରକଣା ପଞ୍ଚାୟତର ସରକଣା ବଜାର ଓ ହାଟ, ପୁରଣ ପ୍ରଧାନ ପଞ୍ଚାୟତ ଏବଂ ବାଲିଅନ୍ତା ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା।କାର୍ଯ୍ୟକ୍ରମରେ ପଦଯାତ୍ରା, ଦାସକାଠିଆ, ପାଲା ଓ ସଚେତନତା ରଥ ମାଧ୍ୟମରେ ଶିଶୁ ଶ୍ରମ ନିରାକରଣର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଯାଇଥିଲା। ଏଥିସହିତ ବିଭିନ୍ନ ହୋଟେଲ, ଜଳଖିଆ ଦୋକାନ, ଗ୍ୟାରେଜ ଓ ଅନ୍ୟାନ୍ୟ ବ୍ୟବସାୟିକ ପ୍ରତିଷ୍ଠାନରେ ଜନସଚେତନତା କାର୍ଯ୍ୟକ୍ରମ କରାଯିବା ସହ ଶିଶୁ ଶ୍ରମ ନିଷେଧ ସମ୍ପର୍କିତ ପୋଷ୍ଟର ଓ ଘୋଷଣାନାମା ପ୍ରଦର୍ଶନ କରାଯାଇଥିଲା।ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକର କାନ୍ଥରେ ଶିଶୁ ଶ୍ରମ ନିଷେଧ ସମ୍ବନ୍ଧୀୟ ଘୋଷଣାନାମା ଲଗାଯାଇ ଦୋକାନୀ, ବ୍ୟବସାୟୀ ଓ ସାଧାରଣ ଜନତାଙ୍କୁ ଶିଶୁ ଶ୍ରମ ନିୟୋଜନର କୁପରିଣାମ ଏବଂ ଏହା ସମ୍ପର୍କିତ ଆଇନଗତ ଦଣ୍ଡବିଧାନ ବିଷୟରେ ସଚେତନ କରାଯାଇଥିଲା।ଶିଶୁମାନଙ୍କ ପାଇଁ ଶିକ୍ଷା, ସୁରକ୍ଷା ଓ ଉଜ୍ଜ୍ୱଳ ଭବିଷ୍ୟତ ସୁନିଶ୍ଚିତ କରିବା ସହିତ ଶିଶୁ ଶ୍ରମର ସମ୍ପୂର୍ଣ୍ଣ ନିରାକରଣ ନିମନ୍ତେ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ସହଯୋଗ ଓ ସକ୍ରିୟ ଅଂଶଗ୍ରହଣ ଅତ୍ୟନ୍ତ ଜରୁରୀ ବୋଲି ବାର୍ତ୍ତା ଦିଆଯାଇଥିଲା। ଶିଶୁ ଶ୍ରମମୁକ୍ତ ଖୋର୍ଦ୍ଧା ଜିଲ୍ଲା ଗଠନ ଦିଗରେ ଏହି ଅଭିଯାନ ଜନସାଧାରଣଙ୍କ ମଧ୍ୟରେ ସଚେତନତା ଓ ସାମାଜିକ ଦାୟିତ୍ୱବୋଧ ବୃଦ୍ଧି କରିବାରେ ସହାୟକ ହେବ।

# ଦିବ୍ୟ ଦର୍ଶନ ସଂଘ ପକ୍ଷରୁ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ

ବୁଗୁଡ଼ା, ୨୫।୧୦ :(ମନ୍ଥନ) ସ୍ଥାନୀୟ ନିୟୁ ଏରା ପବ୍ଲିକ୍ ସ୍କୁଲ ପରିସରରେ ଦିବ୍ୟ ଦର୍ଶନ ସଂଘ ଆଦିପୁର ଶାଖା ପକ୍ଷରୁ ଦ୍ୱିଦିବସୀୟ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ସଦଗୁରୁ ଶ୍ରୀ ଅର୍ଜୁନଙ୍କ ରଥାରୂଢ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଜ୍ଞାନଯଜ୍ଞ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ କମିଟିର ସଭାପତି ରବିନ୍ଦ୍ର ନାଥ ମହାନ୍ତି , ସମ୍ପାଦକ କେଶବ ସେଠୀ , ସଦସ୍ୟ ପ୍ରଭାକର ପଣ୍ଡା ପ୍ରମୁଖ ଯୋଗ ଦେଇ ଦିବ୍ୟ ଦର୍ଶନର ମୌଳିକ ଆଧ୍ୟାତ୍ମିକ ବିଚାର ସମ୍ପର୍କେ ଆଲୋକପାତ ସହ ମାର୍ଗ ଦର୍ଶନ କରିଥିଲା ବେଳେ ଏଥିରେ ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଗୁରୁଭାଇ ଓ ଭଉଣୀ ଯୋଗ ଦେଇ ଭଗବତ କୃପା ଲାଭ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଆଦିପୁର ଶାଖା ଦିବ୍ୟଦର୍ଶନ ସଂଘର ସଭାପତି ମନୋଜ କୁମାର ସାହୁ, ସମ୍ପାଦକ ରଙ୍କନିଧି ମହାନ୍ତି, ରାଜେନ୍ଦ୍ର ଜେନା, ଧନେଶ୍ୱର ସାହୁ, ଅରୁଣ କୁମାର ସାହୁ, ରାଜେନ୍ଦ୍ର ପ୍ରଧାନ,ସତ୍ୟ ନାରାୟଣ ନାହାକ ଓ ବଳରାମ ବିଷୋୟୀ ପ୍ରମୁଖ ପରିଚାଳନା କରିଥିଲେ।

# ଢେଙ୍କାନାଳ ଏମ ପି ରୁଦ୍ର ନାରାୟଣ ପାଣି ଙ୍କ ଛେଣ୍ଡିପଦା ଓ କଣିହାଁ ଅଞ୍ଚଳ ଗସ୍ତ

ଛେଣ୍ଡିପଦା,୨୫।୧୦ :(ମନ୍ଥନ)ଢେଙ୍କାନାଳ ଏମ ପି ରୁଦ୍ର ନାରାୟଣ ପାଣି ଏକ ଦିନିକିଆ ଗସ୍ତରେ ଅନୁଗୋଳ ଜିଲ୍ଲାର ଛେଣ୍ଡିପଦା ଓ କଣିହାଁ ବ୍ଲକ ଅଞ୍ଚଳ ପରଦର୍ଶନ କରିଥିଲେ । ଏହି ଅବସରରେ ସନ୍ତରାବନ୍ଧ , ବ୍ରାହ୍ମଣ ବିଲ, କୋଶଳ। ଅଞ୍ଚଳ ରେ ଥିବା ବରିଷ୍ଠ କାର୍ଯ୍ୟକର୍ତ୍ତା ଙ୍କ ସହ ଭେଟି ସାକ୍ଷାତ ଆଲୋଚନା କରିଥିଲେ।ଏହାପରେ ଉଭୟ କଣିହାଁ ବ୍ଲକ ସୀମାନ୍ତ ଏବଂ ଛେଣ୍ଡିପଦା ବ୍ଲକ ସୀମାନ୍ତ ରେ ଥିବା ସନ୍ତରାବନ୍ଧ, ଟାକୁଆ, ବଇଣ୍ଡା, ଟାଙ୍ଗୁଡ଼ିଆ, କାକୁ ଡ଼ିଆ , ସାନ ସନ୍ତରାବନ୍ଧ, ବ୍ରାହ୍ମଣ ବିଲ ଆଦି ଗ୍ରାମ ଗସ୍ତ କରିବା ସହ ପ୍ରସ୍ତାବିତ ମନ୍ଦାକିନୀ କୋଲ ବ୍ଲକ ଅନ୍ତର୍ଗତ କେପିସିଏଲ୍ କମ୍ପାନୀ ଯୋଗୁଁ କ୍ଷତିଗ୍ରସ୍ତ ତଥା ଜମିହରା ପ୍ରଜା ମାନଙ୍କ ସହ ସେମାନଙ୍କ ବିଭିନ୍ନ ସମସ୍ୟା ଦାବି ଆପତ୍ତି, କମ୍ପାନୀ ପ୍ରଶାସନ ସ୍ତରରେ ଥିବା ଜମି ଅଧିଗ୍ରହଣ ସମସ୍ୟା ଉପଯୁକ୍ତ କ୍ଷତି ପୂରଣ ରାଶି ପ୍ରଦାନ, ସ୍ଥାୟୀ ନିଯୁକ୍ତି, ଉପଯୁକ୍ତ ଥଇଥାନ ପାରିପାର୍ଶ୍ୱିକ ଉନ୍ନୟନ ଆଦି ସଂମ୍ପର୍କରେ ଆଲୋଚନା କରିଥିଲେ । ଏହାର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଉପସ୍ଥାପନ କରିବା ସହ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସେହିପରି ' ସେବା ' ସାମାଜିକ ସଙ୍ଗଠନ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ । ଏହାପରେ କୋଶଳ। ଶିମିଳି ସାହି ଗ୍ରାମ ସ୍ଥିତ ଅଲେଖ ମହିମା ଆଶ୍ରମ ପରିଦର୍ଶନ କରିବା ସହ ସାଧୁ ସନ୍ଥ ଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ । ଅନ୍ୟ ପକ୍ଷରେ କୋଶଳ। ଆନ୍‌ଦୋଳନରେ କାରାବରଣ କରିଥିବା ୫ଜଣ ଆନ୍‌ଦୋଳନକାରୀ ଙ୍କ ବାସ ଭବନ କୁ ପହଞ୍ଚି ସମବେଦନା ଜଣାଇବା ସହ ଆଶ୍ୱାସନା ଦେଇଥିଲେ । ବରିଷ୍ଠ ବିଜେପି ମହିଳା ନେତ୍ରୀ ବିଜୟ ଲକ୍ଷ୍ମୀ ଗଡ଼ନାୟକ ଶାରିରୀକ ଅସୁସ୍ଥତା ଖବର ପାଇ ତାଙ୍କ ବାସ ଭବନ କୁ ପହଞ୍ଚି ଆଶୁ ଆରୋଗ୍ୟ କାମନା କରିଥିଲେ । ଏହି ଗସ୍ତ ସମୟରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ମଣ୍ଡଳ ସଭାପତି ସୁନୀଲ କୁମାର ସାହୁ, ବରିଷ୍ଠ ନେତା ଚୌଧୁରୀ ପ୍ରଧାନ, ପୂର୍ବତନ ସରପଞ୍ଚ ସୁଧାକର ବେହେରା, ଯୁବ ନେତା ବିବେକାନନ୍ଦ ସାହୁ, ବରିଷ୍ଠ ନେତା ଧୋବେଇ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ନବୀନଙ୍କୁ ଭେଟିଲେ କେନ୍ଦ୍ରାପଡାର ନବ ନିର୍ବାଚିତ ଛାତ୍ର ସଂସଦ ପ୍ରତିନିଧି

କେନ୍ଦ୍ରାପଡ଼ା,୨୫।୧୦ :(ମନ୍ଥନ)ବିଜୁ ଜନତା ଦଳର ରାଜ୍ୟ କାର୍ଯ୍ୟାଳୟ 'ଶଙ୍ଖ ଭବନ'ରେ ଏକ ଭବ୍ୟ ଏବଂ ଉତ୍ସାହପୂର୍ଣ୍ଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ପ୍ରମୁଖ ମହାବିଦ୍ୟାଳୟର ନବନିର୍ବାଚିତ ଛାତ୍ର ସଂସଦ ପ୍ରତିନିଧିମାନେ ଭୁବନେଶ୍ୱରସ୍ଥିତ ଦଳୀୟ କାର୍ଯ୍ୟାଳୟକୁ ଆସି ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଏଥିସହ ଛାତ୍ର ପ୍ରତିନିଧିମାନେ ବିଜେଡିର ବରିଷ୍ଠ ନେତ୍ରୀ ସୁଜାତା ରାଉତଙ୍କୁ ଭେଟି ନିଜର ଶୁଭେଚ୍ଛା ଜଣାଇବା ସହ ସାଙ୍ଗଠନିକ ଦିଗ ଉପରେ ଆଲୋଚନା କରିଛନ୍ତି। କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ମହାକାଳପଡ଼ାର ବାୟାବାବା ମହାବିଦ୍ୟାଳୟ ଏବଂ କରିଲୋପାଟଣା ମହାବିଦ୍ୟାଳୟର ନବନିର୍ବାଚିତ ଛାତ୍ର ସଂସଦ କର୍ମକର୍ତ୍ତାମାନେ ଏକ ବିଶାଳ ଶୋଭାଯାତ୍ରାରେ ଶଙ୍ଖ ଭବନରେ ପହଞ୍ଚିଥିଲେ। ଛାତ୍ର ପ୍ରତିନିଧିମାନଙ୍କୁ ସ୍ୱାଗତ କରି ନବୀନ ପଟ୍ଟନାୟକ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଛାତ୍ର ସମାଜ ସର୍ବଦା ସମାଜ ଗଠନ ଓ ନେତୃତ୍ୱ ନେବାର ମୁଖ୍ୟ ଶକ୍ତି ବୋଲି ପ୍ରକାଶ କରିଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରମୁଖ ତୁଙ୍ଗ ନେତୃବୃନ୍ଦ ଉପସ୍ଥିତ ରହି ଛାତ୍ର ପ୍ରତିନିଧିମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ଅତନୁ ସବ୍ୟସାଚୀ ନାୟକ, ବିଧାୟକ ଗଣେଶ୍ୱର ବେହେରା, ବିଧାୟକ ଧ୍ରୁବ ସାହୁ ଏବଂ ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭଳ ଉପସ୍ଥିତ ରହି ଦଳୀୟ ଆଦର୍ଶ ଓ ଛାତ୍ର ରାଜନୀତିର ଗୁରୁତ୍ୱ ସମ୍ପର୍କରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ।

# ସମ୍ଭାବ୍ୟ ପ୍ରବଳ ବର୍ଷା ଓ ବାତ୍ୟାର ମୁକାବିଲା ପାଇଁ ମହାନଗର ନିଗମର ପ୍ରସ୍ତୁତି ବୈଠକ

ବ୍ରହ୍ମପୁର,୨୫।୧୦ :(ମନ୍ଥନ)ବ୍ରହ୍ମପୁର ମହାନଗର ନିଗମରେ ସମ୍ଭାବ୍ୟ ପ୍ରବଳ ବର୍ଷା ଓ ବାତ୍ୟାର ମୁକାବିଲା ପାଇଁ ଶନିବାର ସନ୍ଧ୍ୟାରେ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଛି । ମେୟର ଶ୍ରୀମତୀ ସଙ୍ଘମିତ୍ରା ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଗମ କମିଶନର ଶ୍ରୀମତୀ ଏ ସସ୍ୟା ରେଡ୍ଡୀ, କର୍ପୋରେଟର ଗଣ, ବିଧାୟକ ପ୍ରତିନିଧି, ନିଗମର ସମସ୍ତ ଅଫିସର ଓ ଇଞ୍ଜିନିୟର ତଥା ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଏନେଇ ବିସ୍ତୃତ ଆଲୋଚନା ହୋଇଥିଲା । ତେବେ ସୂଚନା ଅନୁସାରେ ଏହି ସମୟରେ ନିଗମ କାର୍ଯ୍ୟାଳୟରେ ୨୫ ଅକ୍ଟୋବର ଠାରୁ ୨୯ ଅକ୍ଟୋବର ପର୍ଯ୍ୟନ୍ତ ଏକ ଚବିଶ ଘଣ୍ଟିଆ କଣ୍ଟ୍ରୋଲ ରୁମ କାମ କରିବ । ସମୁଦାୟ ୨୪ଟି ଅସ୍ଥାୟୀ ଆଶ୍ରୟ ସ୍ଥଳୀ ଚିହ୍ନଟ କରାଯିବା ସହ ସେ ଗୁଡିକର ସୁପରିଚାଳନା ପାଇଁ ସେଠାରେ ଚବିଶ ଘଣ୍ଟିଆ ଦାୟିତ୍ୱ ନିର୍ବାହ ସକାଶେ କର୍ମଚାରୀ ନିୟୋଜିତ କରାଯାଇଛି । କଚ୍ଚା ଘର ଏବଂ ତଳିଆ ଅଞ୍ଚଳରୁ ଲୋକ ମାନଙ୍କୁ ସ୍ଥାନାନ୍ତର କରି ସେହି ଆଶ୍ରୟ ସ୍ଥଳୀ ଗୁଡ଼ିକରେ ରଖାଯିବ । ସେହିପରି ଟାଟା ପାୱାର ସଂସ୍ଥା ସହ ସମନ୍ୱୟ ରକ୍ଷା କରି ବିପଦ ସଂକୁଳ ଅବସ୍ଥାରେ ଥିବା ଗଛ ଗୁଡ଼ିକର ଡାଳ ଆଗୁଆ କାଟିବା ଏବଂ ଜଳବନ୍ଦୀ ପ୍ରବଣ ଅଞ୍ଚଳରେ ପ୍ରାଥମିକତା ଭିତ୍ତିରେ ନାଳ ସଫା କରିବା।କୁ ନିର୍ଦ୍ଦେଶ ଦିଆଯାଇଛି । ଜଳବନ୍ଦୀ କିମ୍ବା କୃତ୍ରିମ ବନ୍ୟା ପରିସ୍ଥିତିର ତ୍ୱରିତ ମୁକାବିଲା ପାଇଁ ବ ଛା। ବ ଛା। ସ୍ଥାନରେ କୁଶଳୀ କର୍ମଚାରୀଙ୍କ ସହ ଯାନ ବାହାନ ଓ ଯନ୍ତ୍ରପାତି ପ୍ରସ୍ତୁତ ରଖାଯାଇଛି ବୋଲି ନିଗମ କର୍ତ୍ତୃପକ୍ଷ କହିଛନ୍ତି । ଜନ ସାଧାରଣ ଅଯଥା ଆତଙ୍କିତ ନହୋଇ, ଗୁଜବରେ ବିଶ୍ୱାସ ନକରି ନିଜ ଅଞ୍ଚଳର ସମସ୍ୟାକୁ ମହାନଗର ନିଗମର କଣ୍ଟ୍ରୋଲ ରୁମ ନମ୍ବର '୭୬୦୮୮୦୪୮୦' ରେ ଯୋଗାଯୋଗ କରି ଜଣାଇବା ପାଇଁ ମହାନଗର ନିଗମ ପକ୍ଷରୁ ନିବେଦନ କରାଯାଇଛି । ଅନ୍ୟ ପକ୍ଷରେ ଆଗାମୀ ୧୫ଦିନ ମଧ୍ୟରେ ପ୍ରସବ ତାରିଖ ଧାର୍ଯ୍ୟ ଥିବା ଗର୍ଭବତୀ ମହିଳା ମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର ପାଇଁ ସିଡ଼ିପିଓ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବର୍ଷା ସମୟରେ ପ୍ରାଣୀ ଚିକିତ୍ସା ବିଭାଗର ଆମ୍ବୁଲାନ୍ସ ସେବା ଓ ଆଶୁ ଚିକିତ୍ସା ବ୍ୟବସ୍ଥା ସକ୍ରିୟ ରଖିବାକୁ ବିଭାଗୀୟ ଅଧିକାରୀଙ୍କୁ ସୂଚିତ କରାଯାଇଛି । ଯଥେଷ୍ଟ ଶୁଖିଲା ଖାଦ୍ୟ ମହଜୁଦ ରଖିବା ସହ ଅତ୍ୟାବଶ୍ୟକୀୟ ସାମଗ୍ରୀର କୃତ୍ରିମ ଅଭାବ ରୋକିବା ଓ ଦରଦାମ ଉପରେ ନଜର ରଖିବାକୁ ଅତିରିକ୍ତ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ନିଗମ ପକ୍ଷରୁ କୁହାଯାଇଛି।



# କଳିଙ୍ଗା ଘାଟି ଖୋଲିବା ଦାବିରେ ତାତିଲା ମିଳିତ ମଞ୍ଚ, ଅଧିକାରୀଙ୍କୁ ଘେରିଲେ ଜନସାଧାରଣ

କନ୍ଧମାଳ,୨୫।୧୦ :(ମନ୍ଥନ) କଳିଙ୍ଗା ଘାଟି ରାସ୍ତା କେବେ ଖୋଲିବୟ ଆଉ କେତେ ଦିନ ଦୁର୍ଦ୍ଦଶା ଭୋଗିବେ କନ୍ଧମାଳ ଓ ଗଞ୍ଜାମ ଜିଲ୍ଲାର ହଜାର ହଜାର ଲୋକ ଜାତୀୟ ରାଜପଥ ବିଭାଗ ହାଲୁକା ଯାନ ଚଳାଚଳ ପାଇଁ ରାସ୍ତା ଉପଯୁକ୍ତ ଥିବା ସୂଚନା ଦେଇଥିବା ସତ୍ତ୍ୱେ ଜିଲ୍ଲା ପ୍ରଶାସନର ଅନୁମତି ମିଳିନଥିବାରୁ ଏବେ ଏହି ପ୍ରଶ୍ନ ଜୋର ଧରିଛି। ଭୂସ୍ଖଳନ ପରବର୍ତ୍ତୀ ମରାମତି କାର୍ଯ୍ୟକୁ ନେଇ ବିଭାଗୀୟ ସୂଚନା ଓ ଯାତାୟାତ ଉପରେ ଜାରି କଟକଣା ମଧ୍ୟରେ ତାଳମେଳ ନଥିବା ଅଭିଯୋଗ କରି ଶନିବାର କଳିଙ୍ଗା ଘାଟିରେ ଯାତାୟାତ ସ୍ୱାଭାବିକ କରିବା ଦାବିରେ ମିଳିତ ମଞ୍ଚ ଜାତୀୟ ରାଜପଥ ବିଭାଗର ଅଧିକାରୀଙ୍କୁ ଘେରିଛି।କନ୍ଧମାଳ ଓ ଗଞ୍ଜାମ ଜିଲ୍ଲାକୁ ସଂଯୋଗ କରୁଥିବା କଳିଙ୍ଗା ଘାଟି କେବଳ ଏକ ରାସ୍ତା ନୁହେଁ, ଏହା ହଜାର ହଜାର ଲୋକଙ୍କ ଦୈନନ୍ଦିନ ଜୀବନ, ବ୍ୟବସାୟ, ଚିକିତ୍ସା ଓ ଜରୁରୀ ଯାତାୟାତର ଏକ ପ୍ରମୁଖ ମାଧ୍ୟମ। ଏଭଳି ଗୁରୁତ୍ୱପୂର୍ଣ୍ଣ ରାସ୍ତା ଦୀର୍ଘଦିନ ଧରି ବନ୍ଦ ରହିବା ଯୋଗୁଁ ସାଧାରଣ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଚାଲିଛି। ଅନ୍ୟପକ୍ଷରେ, ରାସ୍ତାର ସ୍ଥିତି ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସକାରାତ୍ମକ ସୂଚନା ପରେ ମଧ୍ୟ ଯାତାୟାତ ସ୍ୱାଭାବିକ ନହେବାକୁ ନେଇ ଅଞ୍ଚଳବାସୀ ପ୍ରଶାସନର ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇଛନ୍ତି।ଏହି ପରିପ୍ରେକ୍ଷୀରେ କଳିଙ୍ଗା ପଥପ୍ରାନ୍ତ କେନ୍ଦ୍ରଠାରେ ମିଳିତ ମଞ୍ଚର ସଦସ୍ୟମାନେ ଏକତ୍ରିତ ହୋଇ ଘାଟି ରାସ୍ତାର ସମସ୍ୟା ଓ ତାହାର ସ୍ଥାୟୀ ସମାଧାନ ନେଇ ଆଲୋଚନା କରିଥିଲେ। ଯୁବ ସମାଜସେବୀ ଆମନ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ଟିକାବାଲି, ଘୁ.ଉଦୟଗିରି, କଳିଙ୍ଗା ଓ ଦୁର୍ଗାପ୍ରସାଦ ଅଞ୍ଚଳର ଶତାଧିକ ଲୋକ ଯୋଗଦେଇ ନିଜ ନିଜର ମତ ରଖିଥିଲେ। ପରେ ଜାତୀୟ ରାଜପଥ ବିଭାଗର ଅଧିକାରୀଙ୍କୁ ସାକ୍ଷାତ କରି ରାସ୍ତା ଖୋଲିବା ସମ୍ପର୍କରେ ସ୍ପଷ୍ଟ ଓ ଲିଖିତ ସୂଚନା ଦେବାକୁ ଦାବି କରାଯାଇଥିଲା।ଏହାପରେ ମିଳିତ ମଞ୍ଚର ସଦସ୍ୟମାନେ କଳିଙ୍ଗା ବଙ୍ଗଳାରେ ପହଞ୍ଚି ଜାତୀୟ ରାଜପଥ ବିଭାଗର ସିସିଇ ପ୍ରକାଶ ବେହେରା ଓ ଉପଖଣ୍ଡ ଅଧିକାରୀ (ଏସ୍‌ଡିଓ) ସତୀଶ ପଟେଲଙ୍କ ସହ ଆଲୋଚନା କରିଥିଲେ। ଅଧିକାରୀଙ୍କ ସୂଚନା ଅନୁଯାୟୀ, ଭୂସ୍ଖଳନରେ କ୍ଷତିଗ୍ରସ୍ତ ସ୍ଥାନରେ ଗାର୍ଡ ୱାଲ୍ ନିର୍ମାଣର ଗୋଟିଏ ପର୍ଯ୍ୟାୟ କାର୍ଯ୍ୟ ଶେଷ ହୋଇଥିବା ବେଳେ ଆଉ କିଛି ନିର୍ମାଣ କାର୍ଯ୍ୟ ବାକି ରହିଛି। ତେବେ ବର୍ତ୍ତମାନର ସ୍ଥିତିରେ ହାଲୁକା ଯାନ ଚଳାଚଳ କରିପାରିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।ଏନେଇ ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଥିବା ଅଧିକାରୀମାନେ କହିଥିଲେ। ପ୍ରଶାସନ ଅନୁମତି ଦେଲେ ହାଲୁକା ଯାନ ଚଳାଚଳ ସ୍ୱାଭାବିକ ହୋଇପାରିବ ବୋଲି ସେମାନେ ସ୍ପଷ୍ଟ କରିଥିଲେ। ଆଗାମୀ ବାତ୍ୟାର ସମ୍ଭାବନା ଓ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଚୂଡ଼ାନ୍ତ ନିଷ୍ପତ୍ତି ଜିଲ୍ଲା ପ୍ରଶାସନ ନେବ ବୋଲି ମଧ୍ୟ ଜଣାଇଥିଲେ।ମିଳିତ ମଞ୍ଚ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ସୂଚନା ଦେବାକୁ ଦାବି କରାଯିବା ପରେ ଏସ୍‌ଡିଓ ସତୀଶ ପଟେଲ ଏ ସମ୍ପର୍କରେ ଲିଖିତ ଭାବେ ଜଣାଇଥିବା କୁହାଯାଇଛି। ଏହାପରେ ମଧ୍ୟ ମୂଳ ପ୍ରଶ୍ନ ଅବ୍ୟାହତ ରହିଛି ଯେତେବେଳେ ଜାତୀୟ ରାଜପଥ ବିଭାଗ ହାଲୁକା ଯାନ ଚଳାଚଳ ପାଇଁ ଅନୁକୂଳ ସ୍ଥିତି ଥିବା କହୁଛି, ସେତେବେଳେ ଯାତାୟାତ ସ୍ୱାଭାବିକ କରିବା ପାଇଁ ପ୍ରଶାସନର ନିଷ୍ପତ୍ତି କାହିଁକି ବିଳମ୍ବ ହେଉଛି ସୁରକ୍ଷା ନିଶ୍ଚିତ କରିବା ନିଶ୍ଚିତ ଭାବେ ଜରୁରୀ, କିନ୍ତୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କଟକଣା ଜାରି ରଖିବା ପରିବର୍ତ୍ତ ସ୍ପଷ୍ଟ କାରଣ, ସମୟସୀମା ଓ ବିକଳ୍ପ ବ୍ୟବସ୍ଥା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯିବା ଉଚିତ ବୋଲି ମଞ୍ଚ ଦାବି କରିଛି।ଆଲୋଚନା ସମୟରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଫୋନ୍ ଯୋଗେ ମଧ୍ୟ ଯୋଗାଯୋଗ କରାଯାଇ ଅଞ୍ଚଳବାସୀଙ୍କ ସମସ୍ୟା ଜଣାଇ ଦିଆଯାଇଥିଲା। ନଭେମ୍ବର ୧ ତାରିଖ ସୁଦ୍ଧା ଘାଟି ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇପାରେ ବୋଲି ସୂଚନା ମିଳିଥିବା କୁହାଯାଇଛି। ତେବେ ଏହି ସୂଚନା ଉପରେ ଆନୁଷ୍ଠାନିକ ସ୍ପଷ୍ଟୀକରଣ ଓ ପ୍ରଶାସନିକ ନିଷ୍ପତ୍ତିକୁ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି।ମିଳିତ ମଞ୍ଚର ଦାବି ଜନସାଧାରଣଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉ, କିନ୍ତୁ ସୁରକ୍ଷା ନାମରେ ନିଷ୍ପତ୍ତିହୀନତା ଚାଲିନପାରେ। ରାସ୍ତା ଖୋଲିବା ସମ୍ଭବ ହେଲେ ତୁରନ୍ତ ଅନୁମତି ଦିଆଯାଉ; ଯଦି କୌଣସି ବୈଷୟିକ କିମ୍ବା ସୁରକ୍ଷାଜନିତ ବାଧା ରହିଛି, ତେବେ ତାହାର କାରଣ ଓ ସମାଧାନର ସମୟସୀମା ସାର୍ବଜନୀନ କରାଯାଉ। ଜନସାଧାରଣଙ୍କୁ ଅନିଶ୍ଚିତତାରେ ରଖିବା ବନ୍ଦ କରି ପ୍ରଶାସନ ତୁରନ୍ତ ଦାୟିତ୍ୱପୂର୍ଣ୍ଣ ପଦକ୍ଷେପ ନେଉ।ଆଗାମୀ ବାତ୍ୟା ପରେ ମଧ୍ୟ ଯଦି ଘାଟି ରାସ୍ତାରେ ଯାତାୟାତ ସ୍ୱାଭାବିକ ନହୁଏ ଏବଂ ପ୍ରଶାସନ ପକ୍ଷରୁ ସ୍ପଷ୍ଟ ନିଷ୍ପତ୍ତି ନିଆନଯାଏ, ତେବେ ଜନସ୍ୱାର୍ଥରେ ଗଣତାନ୍ତ୍ରିକ ପଦ୍ଧତିରେ ରାଜରାସ୍ତାକୁ ଓହ୍ଲାଇବାକୁ ମିଳିତ ମଞ୍ଚ ପଛଘୁଞ୍ଚା ଦେବ ନାହିଁ ବୋଲି ଚେତାବନୀ ଦେଇଛି।ଏହି ଆଲୋଚନାରେ ଟିକାବାଲି ଅଞ୍ଚଳର ଜନସାଧାରଣ ଓ ସରପଞ୍ଚ, ଘୁ.ଉଦୟଗିରିର ସମାଜସେବୀ, ମୋଟର ଚାଳକ ସଂଘର କର୍ମକର୍ତ୍ତା, ବୁଦ୍ଧିଜୀବୀ, ମାନବାଧିକାର କର୍ମୀ, ବ୍ୟବସାୟୀ ଓ ସାମ୍ବାଦିକଙ୍କ ସମେତ କଳିଙ୍ଗା ଓ ଦୁର୍ଗାପ୍ରସାଦ ଅଞ୍ଚଳର ଯୁବକ ଏବଂ ବ୍ୟବସାୟୀମାନେ ଯୋଗଦେଇଥିଲେ।ଏବେ ସମସ୍ତଙ୍କ ନଜର ଜିଲ୍ଲା ପ୍ରଶାସନ ଉପରେ। ବିଭାଗୀୟ ସୂଚନା ପରେ ମଧ୍ୟ ଯଦି ନିଷ୍ପତ୍ତି ବିଳମ୍ବିତ ହୁଏ, ତେବେ ଏହା କେବଳ ରାସ୍ତା ଖୋଲିବାର ପ୍ରଶ୍ନ ନୁହେଁ, ବରଂ ଜନସାଧାରଣଙ୍କ ଦୁର୍ଦ୍ଦଶା ପ୍ରତି ପ୍ରଶାସନର ଦାୟିତ୍ୱବୋଧର ମଧ୍ୟ ପରୀକ୍ଷା ହେବ।

# କୋଣାର୍କ ମୌଜାର ୧୧ ଏକରରୁ ଉର୍ଦ୍ଧ୍ୱ ଜମି ସରକାରଙ୍କ ପାଖକୁ ଫେରିଲା

ଗୋପ,୨୫।୧୦ :(ମନ୍ଥନ) ଓଡ଼ିଶାର ଗୌରବ,ଭାରତୀୟ ସ୍ଥାପତ୍ୟକଳାର ଅଦ୍ୱିତୀୟ ନିଦର୍ଶନ ଏବଂ ବିଶ୍ୱ ଐତିହ୍ୟର ଅମୂଲ୍ୟ ସମ୍ପଦ – କୋଣାର୍କ ସୂର୍ଯ୍ୟମନ୍ଦି ର କେବଳ ଏକ ଐତିହାସିକ ସ୍ମାରକ ନୁହେଁ। ଏହା ଓଡ଼ିଶାର ସାଂସ୍କୃତିକ ପରିଚୟ, ଗୌରବମୟ ଇତିହାସ ଏବଂ ପର୍ଯ୍ୟଟନ ? ଭିତ୍ତିକ ଅର୍ଥନୈତିକ ବିକାଶର ଏକ ପ୍ରମୁଖ ଖ ଆଧାର। ତ୍ରୟୋଦଶ ଶତାବ୍ଦୀରେ ନି ଅନନ୍ୟ ସୂର୍ଯ୍ୟମନ୍ଦିର ନିର୍ମିତ ଏହି ଜନାବଦ୍ଧ ଭିତତି ଭୂମିର ମସିହାରେ ୟୁନେସ୍କ ର ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନ ପାଇଥିଲା। ମନ୍ଦିରର ଐତିହ୍ୟ ସୁରକ୍ଷା ସହ ଏହାର ପାରିପାର୍ଶ୍ୱିକ ଅଞ୍ଚଳର ଯୋଜନ ବିକାଶ, ପର୍ଯ୍ୟଟନ ଭିତତିଭୂ ସମ୍ପ୍ରସାରଣ, ସ୍ଥାନୀୟ ଲୋକଙ୍କ ଜୀବିକା ଓ ଓଡ଼ିଶାର ଅର୍ଥନୈତିକ ପ୍ରଗତି ପାଇଁ ଏଠାକାର ପ୍ରତ୍ୟେକ ଇଞ୍ଚ ଜମିର ଗୁରୁତ୍ୱ ଅପରିସୀମ ଏପରି ଏକ ଐତିହ୍ୟସମ୍ପନ୍ନ ଅଞ୍ଚଳରେ ଜମି କେବଳ ସମ୍ପତି ନୁହେଁ, ଏହା ଓଡ଼ିଶାର ଅମୂଲ୍ୟ ସାଂସ୍କୃତିକ ଓ ହଁ,ସାମୂହିକ ସମ୍ପଦ। ଏହି ପୃଷ୍ଠଭୂମିରେ କୋଣାର୍କ ସୂର୍ଯ୍ୟମନ୍ଦିର ନିକଟରେ ଥିବା ୧୧ ଏକରରୁ ଅଧିକ ଜମିକୁ ନେଇ ରାଜସ୍ୱ ପରିଷଦର ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଗୁରୁତ୍ୱ ବହନ କରୁଛି। ଏହି ଜମିର ମିର



ବର୍ତ୍ତମାନର ଆନୁମାନିକ ବଜାର ମୂଲ୍ୟ ୧୧୦ କୋଟି ଟଙ୍କାରୁ ଅଧିକ ବୋଲି ଜଣାପଡ଼ିଛି। ଏହି ବହୁଚର୍ଚ୍ଚିତ ଜମି ବିବାଦରେ ଓଡ଼ିଶା ରାଜସ୍ୱ ପରିଷଦର ସଦସ୍ୟ ଶ୍ରୀ ସତ୍ୟବ୍ରତ ସାହୁ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି ଓ ପୂର୍ବତନ ଭୂ-ଅଭି ଲେଖ ଏବଂ ବନ୍ଦୋବସ୍ତ ଆୟୁକ୍ତଙ୍କ ୧୯ସିହାର ଆଦେଶକୁ ରଦ୍ଦ କରିବା ସହ ରାଜ୍ୟ ସରକାରଙ୍କ ଅନୁମୋଦନ ସହିତ ପୁରୀ ଜିଲ୍ଲାପାଳ ଦାଖଲ କରିଥିବା ରିଭିଜନ୍ ମାମଲାକୁ ଅନୁମୋଦନ କରା ରାଯାଇଛି। ଫଳରେ ପ୍ରାୟ ୧୦୦ କୋଟି ଟଙ୍କାରୁ ଉଦ୍ଧ ମୂଲ୍ୟର ଜମି ସରକାରଙ୍କ ପାଖକୁ ଫେରିଛି। ଏନେଇ ଶୁକ୍ରବାର ଅପରାହ୍ନରେ ରାଜସ୍ୱ ବିଭାଗର ଅଧିକାରୀ ଓ ତହସିଲଦାର, ରାଜସ୍ୱ ନିରୀକ୍ଷକ ସରଜମିନ ତଦନ୍ତ କରିବା ସହ ସରକା ନାରୀ ଅଧିନକୁ ଆସିଥିବା ଜମି ଉପ ପରେ ନାଲି ପତାକା ମାରିଥିବା ବିଶେଷ ସୂତ୍ରରୁ ଜଣାପଡିଛି।



# ବରିଷ୍ଠ ଆଇନଜିବୀ ଅଶ୍ୱିନୀ ମିଶ୍ରଙ୍କ ପରଲୋକ

ବଲାଙ୍ଗିର, ୨୫।୧୦ :(ମନ୍ଥନ)ବଲାଙ୍ଗିର ତେଲିଗୋଠପଡା ମୂଳ ନିବାସୀ ବରିଷ୍ଠ ଆଇନଜିବୀ ତଥା ନୋଟାରୀ ଅଶ୍ୱିନୀ କୁମାର ମିଶ୍ର (୭୮) ଙ୍କ ଆଜି ଦିନ ବେଳା ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲ ରେ ପରଲୋକ ହୋଇଯାଇଛି । ଗତ କିଛି ଦିନ ହେଲା ତାଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ପରିବାର ଲୋକେ ଏକ ଘରୋଇ ହସ୍ପିଟାଲ ଚିକିତ୍ସିତ ପାଇଁ ଭର୍ତ୍ତି କରିଥିଲେ । ଚିକିତ୍ସା ଚାଲିଥିବା ସମୟରେ ତାଙ୍କ ଦେହାନ୍ତ ହୋଇଯାଇଥିଲା । ତାଙ୍କ ଦେହାନ୍ତ ସମୟରେ ସ୍ତ୍ରୀ ମାଧୁରୀ ମିଶ୍ର, ପୁଅ ଅଭିନାଶ ମିଶ୍ର, ବୋହୁ ଅର୍ଚ୍ଚନା ମିଶ୍ର, ବଡ ଝିଅ ରଂଜିତା ମିଶ୍ର ଜ୍ୱାଇଁ ସାମ୍ବାଦିକ ରିତୁରାଜ ସିଂହ, ସାନ ଝିଅ ସିପ୍ରା ପାଢୀ, ଜ୍ୱାଇଁ ସନ୍ତୋଷ ପାଢୀ, ନାତୁଣୀ ଆଦ୍ୟାଶା, ଆରାଧ୍ୟା, ସାଇଲି, ସାଇସା, ନାତି ସୋମୁ ଙ୍କ ସମସ୍ତ ପରିବାର ଓ ବନ୍ଧୁବର୍ଗ ଉପସ୍ଥିତ ଥିଲେ । ଆଜି ସନ୍ଧ୍ୟାରେ ପୁରୀ ସ୍ଥିତ ସ୍ୱର୍ଗଦ୍ୱାର ରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ତାଙ୍କ ପୁତ୍ର ଅଭିନାଶ ମୁଖାଗ୍ନି ଦେଇଥିଲେ । ତେଲିଗୋଠ ପଡାରେ ସ୍ୱର୍ଗତ ଅଶ୍ୱିନୀ କୁମାର ମିଶ୍ରଙ୍କ ଦେହାନ୍ତ ଖବର ପହଂଚିଲା ପରେ ସ୍ଥାନୀୟ ଅଂଚଳରେ ଏକ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା । ସ୍ୱର୍ଗତ ମିଶ୍ର ଆଇନଜୀବୀ ସାଙ୍ଗକୁ ଜଣେ ସମାଜସେବୀ ଓ ପରଉପକାରୀ ବ୍ୟକ୍ତି ଥିଲେ । ତାଙ୍କ ଦେହାନ୍ତ ରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି ।

# ଶିରିଡି ସାଇବାବାଙ୍କ ପାଲିଙ୍କି ଶୋଭାଯାତ୍ରା

କେନ୍ଦ୍ରାପଡ଼ା,୨୫।୧୦ :(ମନ୍ଥନ)କେନ୍ଦ୍ରାପଡା ସହରରେ ବିଜୟାଦଶମୀ ଅବସରରେ ଶ୍ରୀ ଶିରିଡି ସାଇବାବାଙ୍କ ପାଲିଙ୍କି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଶିରିଡ଼ି ସାଇବାବା ଜଣେ ମହାନ ସନ୍ଥ ତଥା ଶ୍ରୀ ଦତ୍ତାତ୍ରେୟଙ୍କ ଦୟା ଓ କରୁଣାର ଅବତାର। ୧୯୧୮ ମସିହା ଅକ୍ଟୋବର ମାସ ୧୫ ତାରିଖ, ପବିତ୍ର ଦଶହରା, ରମଜାନ୍‌ର ନବମୀ ଦିନ ତଥା ପାପାଙ୍କୁଶ ଏକାଦଶୀ ଆଗମନର ଶୁଭ ମୁହୂର୍ତ୍ତରେ ଧାରଣ କରିଥିବା ମନୁଷ୍ୟ ଶରୀରକୁ ପରିତ୍ୟାଗ କରି ପରମାତ୍ମାଙ୍କ ଠାରେ ଲୀନ ହୋଇଥିଲେ। ବାବାଙ୍କ ଦେହତ୍ୟାଗ ଦିନଟିକୁ ସ୍ମରଣୀୟ ରଖିବା ପାଇଁ ସାରା ପୃଥିବୀରେ ଥିବା ବାବାଙ୍କ ସମସ୍ତ ମନ୍ଦିରରେ ଦଶହରା ବା ବିଜୟାଦଶମୀ ଦିନକୁ ମହାସମାଧି ଦିବସ ରୂପେ(ଶ୍ରୀସାଇବାବା ପୁଣ୍ୟତିଥିଉତ୍ସବ)ପାଳନ କରାଯାଏ। ଚଳିତ ବର୍ଷ ଆଶ୍ୱିନ ମାସ ଶୁକ୍ଳପକ୍ଷ ଦଶମୀ ଦିନ ଗୋଲ୍‌ଡେନ୍ ଭିଲ୍ଲା କଜଳା ସ୍ଥିତ ଶ୍ରୀ ଶ୍ରୀ ଶିରିଡ଼ି ସାଇବାବାଙ୍କ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ସାଇବାବାଙ୍କ ୧୦୮ତମ ପୁଣ୍ୟତିଥି ଉତ୍ସବ ମହାସମାରୋହରେ ପାଳନ ହୋଇଯାଇଛି। ଏହି ଅବସରରେ ଶ୍ରୀ ସାଇଙ୍କ ୧୦୦୮ ନାମମନ୍ତ୍ରରେ ମହାଯଜ୍ଞ, ବାବାଙ୍କ ପାଦୁକା ପୂଜା, ସୀମା ଲଙ୍ଘନ ଉତ୍ସବ ତଥା ସାଇ ପାଲିଙ୍କି ଯାତ୍ରା ମହାସମାରୋହରେ ପାଳିତ ହୋଇ କେନ୍ଦ୍ରାପଡ଼ା ସହର ପରିକ୍ରମା କରିଥିଲା। ଏହି ପାଲିଙ୍କି ଯାତ୍ରା ସାରା ଦୁନିଆକୁ ଗୋଟିଏ ସୁନ୍ଦର ସନ୍ଦେଶ ତଥା ବାର୍ତ୍ତା ଦେଇଥିଲା, ଯାହା ହେଉଛି ସମସ୍ତଙ୍କର ଭଗବାନ ଏକ। ହିନ୍ଦୁ ହେଉ ଅବା ମୁସଲମାନ,ଶିଖ୍ ହେଉ ଅବା ଖ୍ରୀଷ୍ଟିଆନ୍, ଯିଏ ଯାହାଙ୍କୁ ପୂଜା କରନ୍ତୁ ବା ଆରାଧନା କରନ୍ତୁ, ସମସ୍ତଙ୍କର ପ୍ରାର୍ଥନା ଜଣଙ୍କ ପାଖରେ ହିଁ ପହଞ୍ଚିଥାଏ।ସେ ହେଉଛନ୍ତି ପରମେଶ୍ୱର, ପରଂବ୍ରହ୍ମ, ଯିଏକି ସର୍ବଜ୍ଞ, ସର୍ବଶକ୍ତିମାନ ଏବଂ ସର୍ବବ୍ୟାପୀ। ସାରା ସଂସାରର ଗୋଟିଏ ଧର୍ମ ରହୁ, ତାହା ହେଉଛି ମାନବ ଧର୍ମ। ଦଶହରା ହେଉଛି ଅଧର୍ମ ଉପରେ ଧର୍ମର ବିଜୟ। ଯେହେତୁ ଏହି ଦଶହରା ଦିନ ହିଁ ବାବା ମହାସମାଧି ନେଇଥିଲେ। ସେଥିପାଇଁ ବାବାଙ୍କ ସ୍ମୃତିରେ ଏହି ପାଲିଙ୍କି ଯାତ୍ରାଟି ଅନୁଷ୍ଠିତ ହୋଇଥିଲା। ବାବା କୌଣସି ନିର୍ଦ୍ଦିଷ୍ଟ ଧର୍ମର ନ ଥିଲେ କିମ୍ବା କୌଣସି ନିର୍ଦ୍ଦିଷ୍ଟ ଧର୍ମକୁ ମଧ୍ୟ ସମର୍ଥନ କରୁନଥିଲେ। ସେ କେବଳ ମାନବ ଧର୍ମକୁ ସମର୍ଥନ କରୁଥିଲେ।



# ମୋବାଇଲ ଟାୱାରରୁ ୨୪ଟି ବ୍ୟାଟେରି ଚୋରି ଘଟଣାର ପର୍ଦ୍ଦାଫାଶ, ୩ ଗିରଫ

ମୋରଡ଼ା,୨୫।୧୦ :(ମନ୍ଥନ) ମୋବାଇଲ ଟାୱାରରୁ ବ୍ୟାଟେରି ଚୋରି ଘଟଣାରେ ମୋରଡ଼ା ପୋଲିସକୁ ମିଳିଛି ବଡ଼ ସଫଳତା। ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ଥାନା ଅନ୍ତର୍ଗତ ଖୁରୁଣ୍ଟିଆ ଗ୍ରାମରେ ଥିବା ଏକ ଏୟାରଟେଲ ମୋବାଇଲ ଟାୱାରରୁ ୨୪ଟି ବ୍ୟାଟେରି ଚୋରି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଏଥିସହ ଚୋରି ହୋଇଥିବା ସମସ୍ତ ୨୪ଟି ବ୍ୟାଟେରି ସହ ଏକ କାରକୁ ବାଲେଶ୍ୱର ଜିଲ୍ଲାର ରାଇବଣିଆ ଅଞ୍ଚଳରୁ ଜବତ କରାଯାଇଛି। ସୂଚନା ଅନୁଯାୟୀ, ଗତ ୨୧ ଅକ୍ଟୋବର ୨୦୨୬ ତାରିଖରେ ଖୁରୁଣ୍ଟିଆ ଗ୍ରାମରେ ଥିବା ଏୟାରଟେଲ ଟାୱାରରୁ ୨୪ଟି ବ୍ୟାଟେରି ଚୋରି ହୋଇଥିବା ଘଟଣା ସାମ୍ନାକୁ ଆସିଥିଲା। ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ମୋରଡ଼ା ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପୋଲିସର ତଦନ୍ତ ଓ ତତ୍ପରତା ଫଳରେ ଏହି ଚୋରି ଘଟଣାରେ ସମ୍ପୃକ୍ତ ୩ ଜଣଙ୍କୁ ଠାବ କରିବା ସହ ଚୋରି ସାମଗ୍ରୀ ଉଦ୍ଧାର କରିବାରେ ସଫଳତା ମିଳିଛି।ତେବେ ତଦନ୍ତ ସମୟରେ ଅଭିଯୁକ୍ତମାନେ ରାସଗୋବିନ୍ଦପୁର ଅଞ୍ଚଳରେ ଥିବା ମୋବାଇଲ ଟାୱାରରୁ ମଧ ବ୍ୟାଟେରି ଚୋରି କରିଥିବା ଜଣାପଡ଼ିଥିବା ମୋରଡ଼ା ଥାନା ଅଧିକାରୀ ସୁମିତ ସୋରେନ ପ୍ରକାଶ କରିଛନ୍ତି। ଏହାଦ୍ୱାରା ଏହି ଗୋଷ୍ଠୀର ଅନ୍ୟ ଚୋରି ଘଟଣାରେ ସମ୍ପୃକ୍ତି ନେଇ ମଧ ତଦନ୍ତର ଦିଗ ଖୋଲିଛି। ମୋବାଇଲ ଟାୱାରରୁ ବ୍ୟାଟେରି ଚୋରି ହେବା ଫଳରେ ଟେଲିଯୋଗାଯୋଗ ସେବା ବାଧାପ୍ରାପ୍ତ ହେବାର ଆଶଙ୍କା ରହିଥାଏ। ତେଣୁ ଏଭଳି ଅପରାଧ ରୋକିବା ଦିଗରେ ପୋଲିସର ଏହି କାର୍ଯ୍ୟାନୁଷ୍ଠାନକୁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଭାବେ ଦେଖାଯାଉଛି। ଏହି ଘଟଣାରେ ଗିରଫ ୩ ଜଣଙ୍କ ନିକଟରୁ ଚୋରି ସାମଗ୍ରୀ ଉଦ୍ଧାର ହେବା ସହ ଅନ୍ୟ କେଉଁ କେଉଁ ଅଞ୍ଚଳରେ ଏଭଳି ଚୋରି ଘଟଣା ଘଟିଛି, ସେନେଇ ପୋଲିସର ତଦନ୍ତ ଜାରି ରହିଛି।




# ବୁଗୁଡ଼ାରେ ଏବିଭିପି ପକ୍ଷରୁ ଛାତ୍ର ନେତା ସମ୍ମିଳନୀ, ବିଜୟୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବୁଗୁଡ଼ା,୨୫।୧୦ :(ମନ୍ଥନ)ସ୍ଥାନୀୟ ଶ୍ରୀ ବିରଞ୍ଚି ନାରାୟଣ କଲ୍ୟାଣୀ ମଣ୍ଡପ ପରିସରରେ ଘୁମୁସର ସାଂଗଠନିକ ଜିଲ୍ଲା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଛାତ୍ରନେତା ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରନେତା ଓ ସଂଗଠନର କାର୍ଯ୍ୟକର୍ତ୍ତାଗଣ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏବିଭିପିର ରାଷ୍ଟ୍ରୀୟ ସହ-ସଂଗଠନ ସମ୍ପାଦକ ଗୋବିନ୍ଦ ନାୟକ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ଗୋପାଳ ନାୟକ, ଓଡ଼ିଶା ପୂର୍ବ ପ୍ରାନ୍ତର ସଂଗଠନ ସମ୍ପାଦକ ବୁଦ୍ଧଦେବ ବାଘ, ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ରୁଦ୍ର ପ୍ରସାଦ ସେଠୀ, ବିଜେପି ଯୁବମୋର୍ଚ୍ଚାର ଘୁମୁସର ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ର, ବିଜେପି ବୁଗୁଡ଼ା ନଗର ସଭାପତି କେଦାରନାଥ ମହାରଣା ଏବଂ ଶେଷଦେବ ପାତ୍ର ପ୍ରମୁଖ ମଞ୍ଚାସୀନ ରହିଥିଲେ। ଏହି ଛାତ୍ରନେତା ସମ୍ମିଳନୀ ଅବସରରେ ବୁଗୁଡ଼ା ପିପୁଲ୍ସ କଲେଜ, ବାଲିପଦର ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟ ଏବଂ ଭଞ୍ଜନଗର ସାବିତ୍ରୀ ମହିଳା ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ବିଜୟୀ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ଛାତ୍ର ନେତୃତ୍ୱ, ସାଂଗଠନିକ କାର୍ଯ୍ୟକଳାପ ଏବଂ ଛାତ୍ରଛାତ୍ରୀଙ୍କ ଭୂମିକାକୁ ନେଇ ଏହି ସମ୍ମିଳନୀରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମର ଶେଷରେ ଏବିଭିପି ଘୁମୁସର ଜିଲ୍ଲା ସଂଯୋଜକ ତଥା ବୁଗୁଡ଼ା ପିପୁଲ୍ସ କଲେଜ ଛାତ୍ର ସଂସଦର ନବ ନିର୍ବାଚିତ ସଭାପତି ସଂଗ୍ରାମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



# କେନ୍ଦ୍ରାପଡା ଜିଲ୍ଲା ବ୍ରାହ୍ମଣ ମହାସଙ୍ଘର ୪୭ତମ ଅଧିବେଶନ

କେନ୍ଦ୍ରାପଡ଼ା,୨୫।୧୦ :(ମନ୍ଥନ)କେନ୍ଦ୍ରାପଡା ଜିଲ୍ଲା ବ୍ରାହ୍ମଣ ମହାସଂଘର ୪୭ତମ ଅଧିବେଶନ ଏହି ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପଞ୍ଚାୟତର ଫୁଲବାଗ ଗ୍ରାମର ମା' ବେଲମଙ୍ଗଳା ଠାକୁରାଣୀଙ୍କ ମନ୍ଦିର ପରିସରରେ ଜିଲ୍ଲା ସଭାପତି ମାନସ ଭୂଷଣ ପଣ୍ଡିତ ହୃଷୀକେଶ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଯାଜ୍ଞିକ ପଣ୍ଡିତ ରବିନାରାୟଣ ମହାପାତ୍ର, ପ୍ରଦୀପ ପ୍ରଜ୍ଜ୍ୱଳନ କରିବା ସହିତ ବେଦପାଠ କରିଥିଲେ। ସଂଘର ବାର୍ତ୍ତା ସମ୍ପାଦକ ନୃସିଂହ ଚରଣ ତ୍ରିପାଠୀ ପ୍ରାରମ୍ଭିକ ସୂଚନା ଦେବା ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଜିଲ୍ଲା ସମ୍ପାଦକ ପଣ୍ଡିତ ହରେକୃଷ୍ଣ ପତି ଅତିଥି ପରିଚୟ ପ୍ରଦାନ ପୂର୍ବକ ପୂର୍ବ ଅଧିବେଶନର ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ପଣ୍ଡିତ କ୍ଷୀରୋଦ ପଣ୍ଡା ଆୟବ୍ୟୟର ହିସାବ ପ୍ରଦାନ କରିବା ସହିତ ମୁଖ୍ୟ ଉପଦେଷ୍ଟା ପଣ୍ଡିତ ନିତ୍ୟାନନ୍ଦ ମିଶ୍ର, ପଣ୍ଡିତ ଲକ୍ଷ୍ମୀଧର ଦୀକ୍ଷିତ, ଉପସଭାପତି ପଣ୍ଡିତ କିଶୋର ଚନ୍ଦ୍ର ମିଶ୍ର, ସଂଗଠନ ସମ୍ପାଦକ ପଣ୍ଡିତ ତପନ କୁମାର ଦାଶ ପ୍ରମୁଖ ଯୋଗଦେଇ ସମାଜ ଗଠନରେ ବ୍ରାହ୍ମଣ ସମାଜର ଅବଦାନ ଓ ତୃଣମୂଳସ୍ତରରେ ବ୍ରାହ୍ମଣ ସମାଜ ଗଠନ ସମ୍ପର୍କରେ ଆଲୋଚନା କରିଥିଲେ।

# ୮୫ବର୍ଷରେ କେନ୍ଦ୍ରାପଡାର ଗଙ୍ଗାଭଗୀରଥ ପୂଜା କମିଟି

କେନ୍ଦ୍ରାପଡ଼ା,୨୫।୧୦ :(ମନ୍ଥନ) ଓଡ଼ିଶାର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି କେନ୍ଦ୍ରାପଡ଼ାର ତୁଳସୀକ୍ଷେତ୍ର। ଆଉ ଦୁଇ ଦିନ ପରେ ଆଲୋକମାଳା, ଭବ୍ୟ ତୋରଣ ଓ ଭକ୍ତିପୂର୍ଣ୍ଣ ପରିବେଶ ମଧ୍ୟରେ ସହରର କୋଣ ଅନୁକୋଣ ଉତ୍ସବମୁଖର ହୋଇଉଠିବ। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ସହରର ମଢିଆଳ ବଜାରସ୍ଥିତ ଐତିହ୍ୟସମ୍ପନ୍ନ ଗଙ୍ଗା ଭଗୀରଥ ପୂଜା କମିଟି ଚଳିତ ବର୍ଷ ନିଜର ଗୌରବମୟ ୮୫ ବର୍ଷରେ ପଦାର୍ପଣ କରିଛି। ଏହି ଐତିହାସିକ ଅବସରକୁ ସ୍ମରଣୀୟ କରିରଖିବା ପାଇଁ କମିଟି ପକ୍ଷରୁ ସ୍ୱତନ୍ତ୍ର ଓ ଆକର୍ଷଣୀୟ ପ୍ରସ୍ତୁତି କରାଯାଇଛି। ଚଳିତ ବର୍ଷ ଗଙ୍ଗା ଭଗୀରଥ ପୂଜା କମିଟିର ମୁଖ୍ୟ ଆକର୍ଷଣ ପାଲଟିବ ମା' ଗଜଲକ୍ଷ୍ମୀଙ୍କ ସ୍ୱର୍ଣ୍ଣ ମୁକୁଟ। ୮୫ ବର୍ଷ ପୂର୍ତ୍ତି ଉପଲକ୍ଷେ ମା'ଙ୍କ ମସ୍ତକରେ ୬୦୦ ଗ୍ରାମ ଓଜନର ଏକ ଭବ୍ୟ ତଥା କାରୁକାର୍ଯ୍ୟପୂର୍ଣ୍ଣ ସୁନା ମୁକୁଟ ଶୋଭା ପାଇବ। ଏ ନେଇ କାରିଗରଙ୍କ ଦ୍ୱାରା ମୁକୁଟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି। ଏଥିସହିତ ମା'ଙ୍କ ଭବ୍ୟ ମେଢ, କଣ୍ଠହାର ଏବଂ ଅଣ୍ଟା ବିଛା ପାଇଁ ପ୍ରାୟ ୧ କ୍ୱିଣ୍ଟାଲ ୪୦ କିଲୋଗ୍ରାମର ଚାନ୍ଦି ବ୍ୟବହାର କରାଯାଇ ନୂତନ ଡିଜାଇନର ମେଢ ନିର୍ମାଣ କରାଯାଇଛି। ପୂର୍ବରୁ ୨୦୧୮ ମସିହାରେ କମିଟି ପକ୍ଷରୁ ପ୍ରଥମ ଥର ପାଇଁ ୧ କ୍ୱିଣ୍ଟାଲ ୨୦ କେଜି ରୂପାରେ ଚାନ୍ଦି ମେଢ ପ୍ରସ୍ତୁତ କରାଯାଇଥିବା ବେଳେ ଚଳିତ ବର୍ଷ ଏଥିରେ ଅତିରିକ୍ତ ରୂପା ସଂଯୋଗ କରାଯାଇ ଏହାକୁ ଆହୁରି ମନୋରମ ଓ ଭବ୍ୟ ରୂପ ଦିଆଯାଇଛି। ମଢିଆଳ ବଜାରରେ ଏହି ପୂଜାର ଆରମ୍ଭ ବହୁ ପୁରୁଣା। ସ୍ୱାଧୀନତା ପୂର୍ବରୁ ଅର୍ଥାତ୍ ୧୯୪୧ ମସିହାରେ କେତେକ ଧର୍ମପରାୟଣ ବ୍ୟକ୍ତିବିଶେଷଙ୍କ ଉଦ୍ୟମରେ ଏହି ପୂଜା ପ୍ରଥମେ ଆରମ୍ଭ କରାଯାଇଥିଲା। ସ୍ୱର୍ଗତ ସାଧୁ ଚରଣ ସାହୁ, ନନ୍ଦ ଦେଲେଇ, ପଞ୍ଚୁ ଦଳେଇ, ଧୋଇ ବେହେରା, ବାବାଜି ବେହେରା ଏବଂ ଶୁକଦେବ ମଣ୍ଡଳ ପ୍ରମୁଖ ଏକତ୍ରିତ ହୋଇ ଏହି ପୂଜାର ଶୁଭାରମ୍ଭ କରିଥିଲେ। ସେବେଠାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ଆଠ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ନିରବଚ୍ଛିନ୍ନ ଭାବେ ଏବଂ ଶ୍ରଦ୍ଧାର ସହ ଏହି ପୂଜା ଅନୁଷ୍ଠିତ ହୋଇଆସୁଛି। ସ୍ଥାନୀୟ ବାସିନ୍ଦା ଏବଂ ବ୍ୟବସାୟୀଙ୍କ ପୂର୍ଣ୍ଣ ସହଯୋଗରେ ଆଜି ଏହି କମିଟି ଜିଲ୍ଲାର ଅନ୍ୟତମ ପ୍ରମୁଖ ଆକର୍ଷଣର କେନ୍ଦ୍ର ପାଲଟିଛି। ପୂଜା ଉପଲକ୍ଷେ ଚଳିତ ବର୍ଷ ଅକ୍ଟୋବର ୨୯, ୩୦ ଓ ୩୧ ତାରିଖ ତିନି ଦିନ ଧରି ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଦର୍ଶକଙ୍କ ମନୋରଞ୍ଜନ ପାଇଁ ମୁମ୍ବାଇରୁ ପ୍ରସିଦ୍ଧ ହାସ୍ୟ ଅଭିନେତା (ଷ୍ଟାଣ୍ଡଅପ୍ କମେଡିଆନ୍) ସୁନିଲ ପାଲ୍ କେନ୍ଦ୍ରାପଡ଼ା ଆସୁଛନ୍ତି। ସେ ନିଜର ଅନନ୍ୟ ହାସ୍ୟରସ ଓ କଳା ମାଧ୍ୟମରେ ଦର୍ଶକଙ୍କୁ ହସାଇ ହସାଇ ବେଦମ କରିବେ। ଏହାବ୍ୟତୀତ ଆନ୍ଧ୍ରପ୍ରଦେଶର ସୁନାମଧନ୍ୟ ଶିକାକୁଲମ ବ୍ୟାଣ୍ଡ ପାର୍ଟି ନିଜର ସଙ୍ଗୀତ ଝଙ୍କାରରେ ପୂଜା ପରିବେଶକୁ ଅଧିକ ଜୀବନ୍ତ ଓ ଆନନ୍ଦଦାୟକ କରିବେ। ପୂଜା ପ୍ରସ୍ତୁତି, ଶାନ୍ତିଶୃଙ୍ଖଳା ଏବଂ ଦର୍ଶକଙ୍କ ସୁବିଧା ସମ୍ପର୍କରେ କମିଟିର ସଭାପତି ସୁବାସ କୁମାର ଚାନ୍ଦ, ସମ୍ପାଦକ ନିଗମାନନ୍ଦ ସାହୁ ଏବଂ ଉପଦେଷ୍ଟା ଗନ୍ଧର୍ବ ଚରଣ ବେହେରା ସୂଚନା ଦେଇ କହିଛନ୍ତି ଯେ ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତ ଭାବେ ମା'ଙ୍କ ଦର୍ଶନ କରିପାରିବେ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିପାରିବେ, ସେଥିପାଇଁ ପୋଲିସ ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ସ୍ୱେଚ୍ଛାସେବୀ ନିୟୋଜିତ କରାଯାଇଛି। ୮୫ତମ ବର୍ଷର ଏହି ଭବ୍ୟ ମହୋତ୍ସବରେ ସାମିଲ ହେବା ପାଇଁ କମିଟି ପକ୍ଷରୁ ସମସ୍ତ ଭକ୍ତ ଓ ସହରବାସୀଙ୍କୁ ଆମନ୍ତ୍ରଣ କରାଯାଇଛି।

# ମଇଁଷିବିନ୍ଧାରେ ମଦ୍ୟପ ଯୁବକଙ୍କ ଉନ୍ମତ୍ତକାଣ୍ଡ

ଖଣ୍ଡପଡ଼ା, ୨୫।୧୦ :(ମନ୍ଥନ)ଖଣ୍ଡପଡ଼ା ବ୍ଲକ ରୟତ ଢୋଲମରା ପଞ୍ଚାୟତରେ ଜଣେ ମଦ୍ୟପ ଯୁବକ ଡିଲରଙ୍କ ପିଓଏସ ମେସିନ ଭାଙ୍ଗିଦେବା ଯୋଗୁଁ ହିତାଧିକାରୀଙ୍କୁ ଚାଉଳ ମିଳିନଥିବା ଅଭିଯୋଗ ହୋଇଛି। ଏ ନେଇ ଜିଲ୍ଲା ପ୍ରଶାସନ ସହିତ ସ୍ଥାନୀୟ ଥାନାରେ ମାମଲା ରୁଜୁ ହୋଇଥିବା ବେଳେ କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବା ସୂଚନା ମିଳିଛି। ଫଳରେ ଚାଉଳ ନ ପାଇ ୩ ଗ୍ରାମର ଶହ ଶହ ହିତାଧିକାରୀ ଏବେ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି। ମିଳିଥିବା ଅଭିଯୋଗ ଅନୁଯାୟୀ ରୟତ ଢୋଲମରା ପଞ୍ଚାୟତ ଅଧୀନ ମଇଁଷିବିନ୍ଧାରେ ଗତ ୧୪ ତାରିଖ ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର ସ୍ୱୀକୃତପ୍ରାପ୍ତ ଡିଲର କୈଳାସ ଚନ୍ଦ୍ର ନାୟକ ଚାଉଳ ବଣ୍ଟନ କରୁଥିଲେ। ଏଥିରେ କୈଳାସଙ୍କ ପୁଅ ପବିତ୍ର ନାୟକ ତାଙ୍କୁ ସହଯୋଗ କରିବା ସହିତ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରୁଥିଲେ। ତେବେ ହଠାତ ସ୍ଥାନୀୟ ଗ୍ରାମର ସୁଶାନ୍ତ ପ୍ରଧାନ (୪୦) ଉକ୍ତ ସ୍ଥାନରେ ପହଁଚିବା ସହିତ ପବିତ୍ରଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଟେବୁଲ ଚେୟାର ଭଙ୍ଗାରୁଜା କରିଥିଲେ। ଏଥିସହିତ ଚାଉଳ ବାୟୋମେଟ୍ରିକ ଦିଆଯାଉଥିବା ମେସିନକୁ ମଧ କଚାଡି ଭାଙ୍ଗିଦେଇଥିଲେ। ଏ ନେଇ ପ୍ରତିବାଦ କରିବାରୁ ଉଭୟ ବାପ ପୁଅଙ୍କୁ ମାରିଦେବା ନିମନ୍ତେ ଧମକ ମଧ ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ କୈଳାସ ଖଣ୍ଡପଡ଼ା ଥାନା ସମେତ ନୟାଗଡ଼ ଜିଲ୍ଲାପାଳ, ନୟାଗଡ଼ ଉପଜିଲ୍ଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଘଟଣାକୁ ଇତି ମଧ୍ୟରେ ପ୍ରାୟ ୯ଦିନ ବିତିଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ମେସିନ ଅଚଳ ହେବା ଯୋଗୁଁ ମଇଁଷିବିନ୍ଧା, ବରପଲ୍ଲୀ, କୁଟୁକୁଣୀ, କନ୍ଧମିରିଗ, କେନ୍ଦୁପଲ୍ଲୀ ଆଦି ୩ ଗ୍ରାମର ଶତାଧିକ ଲୋକେ ରାସନ ପାଇବାରୁ ଦୀର୍ଘଦିନ ହେବ ବଂଚିତ ରହିଛନ୍ତି। ଘଟଣା ସମ୍ପର୍କରେ ବ୍ଲକ ଯୋଗାଣ ନିରୀକ୍ଷକ ଜୀବନ କୁମାର ବେହେରାଙ୍କୁ ଯୋଗାଯୋଗ କରିବାରେ ମେସିନ ମରାମତି ପରେ ଆସନ୍ତା ସୋମବାର ସୁଦ୍ଧା ରାସନ ପାଇବେ ବୋଲି କହିଛନ୍ତି।ଏ ଦିଗରେ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି।

# ରାୟଗଡ଼ାରେ କଂଗ୍ରେସର ସାମ୍ବାଦିକ ସମ୍ମିଳନୀ




ରାୟଗଡ଼ା, ୨୫।୧୦ :(ମନ୍ଥନ) ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା, ଭୋଟର ତାଲିକାର ଶୁଦ୍ଧତା ଓ ନିର୍ବାଚନ ଆୟୋଗର ନିରପେକ୍ଷତାକୁ ନେଇ ରାୟଗଡ଼ାରେ କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଛି। ଶନିବାର ସହରର ହୋଟେଲ ତେଜସ୍ୱୀର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମ୍ମିଳନୀରେ କଂଗ୍ରେସର ରାଜ୍ୟ ପ୍ରଭାରୀ ହରପାଲ ସିଂ ଠାକୁର ଓ ରାୟଗଡ଼ା ବିଧାୟକ କାଡ୍ରାକା ଆପଲାସ୍ୱାମୀ ଯୋଗଦେଇ କେନ୍ଦ୍ରର ବିଜେପି ସରକାର ଏବଂ ନିର୍ବାଚନ ଆୟୋଗର କାର୍ଯ୍ୟପ୍ରଣାଳୀକୁ ନେଇ ତୀବ୍ର ସମାଲୋଚନା କରିଥିଲେ।ସମ୍ମିଳନୀରେ ହରପାଲ ସିଂ ଠାକୁର ଅଭିଯୋଗ କରିଥିଲେ ଯେ, ନିର୍ବାଚନ ଆୟୋଗର କାର୍ଯ୍ୟପ୍ରଣାଳୀକୁ ବ୍ୟବହାର କରି ଶାସକ ବିଜେପି ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଦୁର୍ବଳ କରୁଛି। ଭୋଟର ତାଲିକାରେ ଅନିୟମିତତା, ଯୋଗ୍ୟ ଭୋଟରଙ୍କ ନାମ ବାଦ୍ ପଡ଼ିବା ଏବଂ ନିର୍ବାଚନ ଆୟୋଗର ନିରପେକ୍ଷତାକୁ ନେଇ ସେ ପ୍ରଶ୍ନ ଉଠାଇଥିଲେ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗତ ଦୁଇ ବର୍ଷ ଧରି ଉଠାଇ ଆସୁଥିବା 'ଭୋଟ ଚୋରି' ପ୍ରସଙ୍ଗ ଦେଶର ଗଣତନ୍ତ୍ର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହୋଇଥିବା ସେ କହିଥିଲେ।ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଭୂମିକାକୁ ନେଇ କଂଗ୍ରେସ ପକ୍ଷରୁ ଆପତ୍ତି ଉଠାଯାଇଥିଲା। ନିର୍ବାଚନ ଆୟୋଗର ଅନ୍ୟ ଦୁଇ କମିଶନର ସୁଖବୀର ସିଂହ ସନ୍ଧୁ ଓ ବିବେକ ଯୋଶୀଙ୍କ ଅସହମତିକୁ ଅଣଦେଖା କରାଯାଉଥିବା ଦଳ ଅଭିଯୋଗ କରିଥିଲା। ଗତ ୧୦ ମାସ ମଧ୍ୟରେ ଭୋଟର ତାଲିକାରୁ ନାମ ବାଦ୍ ଦେବା, ଡାଟାବେସ୍‌ର କେନ୍ଦ୍ରୀକରଣ ଓ ସଫ୍ଟୱେର୍‌ର କାର୍ଯ୍ୟପ୍ରଣାଳୀକୁ ନେଇ ୧୪ ଥର ଲିଖିତ ଆପତ୍ତି ଉଠାଯାଇଥିବା ସତ୍ତ୍ୱେ ଉପଯୁକ୍ତ ସମାଧାନ ହୋଇନଥିବା କଂଗ୍ରେସ ଦାବି କରିଥିଲା।ନିର୍ବାଚନ ଆୟୋଗର ଆଇଟି ବ୍ୟବସ୍ଥା ଓ ତଥ୍ୟ ପରିଚାଳନାକୁ ନେଇ କଥିତ ଅନିୟମିତତା ସମ୍ପର୍କରେ କ୍ୟାବିନେଟ୍ ସଚିବଙ୍କ ନିକଟରେ ଅଭିଯୋଗ ହୋଇଥିବା ନେଇ ମଧ ଦଳ ପକ୍ଷରୁ ଦାବି କରାଯାଇଥିଲା। ଏହି ପ୍ରସଙ୍ଗ ନିର୍ବାଚନ ଆୟୋଗର ସ୍ୱାଧୀନତା ଓ ନିରପେକ୍ଷତା ଉପରେ ପ୍ରଶ୍ନ ସୃଷ୍ଟି କରୁଥିବା କଂଗ୍ରେସ ନେତାମାନେ କହିଥିଲେ।ଭୋଟର ତାଲିକାର ସ୍ୱତନ୍ତ୍ର ଗଭୀର ସଂଶୋଧନ ପ୍ରକ୍ରିୟା ଏବଂ ଫର୍ମ-୬ ଓ ଫର୍ମ-୭ର ବ୍ୟବହାରକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଥିଲା। ଫର୍ମ-୭ର ଦୁରୁପଯୋଗ କରି ଅନେକ ଯୋଗ୍ୟ ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦିଆଯାଉଥିବା ଦଳ ଅଭିଯୋଗ କରିଥିଲା। ସେହିପରି, ପୂର୍ବରୁ ପଞ୍ଜୀକୃତ ଭୋଟରଙ୍କୁ ପୁନର୍ବାର ଫର୍ମ-୬ ପୂରଣ କରିବାକୁ ପଡୁଥିବା ନେଇ ମଧ ଆପତ୍ତି ଉଠାଯାଇଥିଲା।ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର କାର୍ଯ୍ୟକାରିତାକୁ ନେଇ ନିର୍ବାଚନ ଆୟୋଗ ଭ୍ରମାତ୍ମକ ତଥ୍ୟ ଦେଉଥିବା କଂଗ୍ରେସ ଅଭିଯୋଗ କରିଥିଲା। ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଯୋଗ୍ୟ ବିବେଚିତ କେତେକ ଭୋଟରଙ୍କ ନାମ ମଧ ତାଲିକାରୁ ବାଦ୍ ପଡୁଥିବା ଦଳ ପକ୍ଷରୁ କୁହାଯାଇଥିଲା।ଝଓଜ ପ୍ରକ୍ରିୟା ପରେ ଦେଶରେ ୧୩ କୋଟିରୁ ଅଧିକ ଭୋଟରଙ୍କ ନାମ ବାଦ୍ ପଡ଼ିଥିବା ନେଇ କଂଗ୍ରେସ ଦାବି କରିଥିଲା। ଅନୁପସ୍ଥିତ, ସ୍ଥାନାନ୍ତରିତ, ମୃତ ଓ ନକଲି ଭୋଟରଙ୍କ ନାମ ବାଦ୍ ଦେବା ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଦଳ ଅଭିଯୋଗ କରିଥିଲା। ବିଶେଷକରି ଗରିବ, ଶ୍ରମିକ, ଦଳିତ, ସଂଖ୍ୟାଲଘୁ ଓ ବିରୋଧୀ ଦଳର ସମର୍ଥକଙ୍କ ନାମ ଟାର୍ଗେଟ୍ କରି ବାଦ୍ ଦିଆଯାଉଥିବା ଅଭିଯୋଗ କରି ଏହାକୁ ଗଣତନ୍ତ୍ର ପ୍ରତି ଗୁରୁତର ବିପଦ ବୋଲି କଂଗ୍ରେସ ବର୍ଣ୍ଣନା କରିଥିଲା।କଂଗ୍ରେସ ପକ୍ଷରୁ 'ସମ୍ବିଧାନ ବଞ୍ଚାଅ-ଦେଶ ବଞ୍ଚାଅ' ଅଭିଯାନ ମାଧ୍ୟମରେ ଦେଶବ୍ୟାପୀ ଜନସଚେତନତା ସୃଷ୍ଟି କରାଯାଉଥିବା ସୂଚନା ଦିଆଯାଇଥିଲା। ବ୍ଲକ୍, ପଞ୍ଚାୟତ ଓ ଜିଲ୍ଲାସ୍ତରରେ ପଦଯାତ୍ରା, ବାଇକ୍ ଓ ସାଇକେଲ୍ ରାଲି, ମଶାଲ ଶୋଭାଯାତ୍ରା ଏବଂ ପ୍ରତିବାଦ ସଭା ଆୟୋଜନ କରି ସାଧାରଣ ଲୋକଙ୍କୁ ଭୋଟର ତାଲିକା ଓ ସାମ୍ବିଧାନିକ ଅଧିକାର ସମ୍ପର୍କରେ ସଚେତନ କରାଯାଉଛି ବୋଲି କୁହାଯାଇଥିଲା।ଆଗାମୀ ଦିନରେ ଚୌପାଲ୍ ଓ ଗ୍ରାମସଭା ମାଧ୍ୟମରେ ଅଭିଯାନକୁ ଆହୁରି ବ୍ୟାପକ କରିବା ସହ ଭାରତୀୟ ସମ୍ବିଧାନର ଧାରା ୩୨୬ ଅନୁଯାୟୀ ନିର୍ବାଚନ ଅଧିକାର ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବାକୁ ଦଳ ଯୋଜନା କରିଥିବା କୁହାଯାଇଥିଲା। ଏଥିସହ ଦିଲ୍ଲୀରେ ଆଗାମୀ ନଭେମ୍ବର ୧, ୨୫ ଓ ୨୬ ତାରିଖରେ ହେବାକୁ ଥିବା କାର୍ଯ୍ୟକ୍ରମରେ କଂଗ୍ରେସ ନେତା ଓ କର୍ମୀମାନେ ଯୋଗଦେବାକୁ ଆହ୍ୱାନ ଦିଆଯାଇଥିବା ସୂଚନା ମିଳିଥିଲା।ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ପକ୍ଷରୁ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ପଦରୁ ହଟାଇବା, SIR ପ୍ରକ୍ରିୟାକୁ ବନ୍ଦ କରିବା ଏବଂ କଥିତ ଅନିୟମିତ ଭୋଟର ତାଲିକା ଆଧାରରେ ହୋଇଥିବା କିମ୍ବା ହେବାକୁ ଥିବା ନିର୍ବାଚନର ଆଇନଗତ ବୈଧତା ଯାଞ୍ଚ କରିବାକୁ ଦାବି କରାଯାଇଥିଲା।

# ଅବ୍ୟବସ୍ଥାରେ ବନମାଳିପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର




ଖଣ୍ଡପଡ଼ା, ୨୫।୧୦ :(ମନ୍ଥନ)ଖଣ୍ଡପଡ଼ା ବ୍ଲକ ସଦର ମହକୁମା ଠାରୁ ମାତ୍ର ୨ କିମି ଦୂରରେ ପ୍ରାଥମିକସ୍ୱାସ୍ଥ୍ୟକେନ୍ଦ୍ର। ମାତ୍ର ଏବେବି ସ୍ୱାସ୍ଥ୍ୟକେନ୍ଦ୍ରଟି ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିବା ନେଇଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ଗତ ପ୍ରାୟ ଦେଢବର୍ଷ ହେବ ନାନା ଅବ୍ୟବସ୍ଥାରେଚାଲିଛି ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର। ବିଶେଷକରି ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତଡାକ୍ତର ରମାକାନ୍ତ ମିଶ୍ରଙ୍କୁ ଗତ କିଛିମାସ ହେବ ୬ ଦିନ ବଦଳରେ ୩ ଦିନ ପାଇଁ ଏବଂ କଣ୍ଟିଲୋରେ୩ ଦିନ ପାଇଁ ଡେପୁଟେସନ କରିଦିଆଯାଇଛି। ସେହିପରି ଏଠାରେ କାର୍ଯ୍ୟରତ ଏଏନଏମ ସଂଗୀତା ରାଣୀପରିଡ଼ାଙ୍କୁ ନିକଟରେ ବିରିଡ଼ିହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଙ୍କୁ ବଦଳି କରିଦିଆଯାଇଛି। ଫଳରେରୋଗୀଙ୍କୁ ଔଷଧ ଦେବାକୁ ମଧ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀ ଅଭାବ ଥିବା ଦେଖିବାକୁ ମିଳିଛି।ଅନ୍ୟପକ୍ଷରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆଲୋକ ବ୍ୟବସ୍ଥା ନଥିବାରୁ ସନ୍ଧ୍ୟା ହେଲେଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟୁଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ଦୀର୍ଘବର୍ଷ ଧରିସ୍ୱାସ୍ଥ୍ୟକେନ୍ଦ୍ର ଗୃହଗୁଡିକ ନବୀକରଣ ହୋଇନଥିବା ବେଳେ ବିପଦଶଙ୍କୁଳ ଅବସ୍ଥାକୁ ଗତି କରୁଥିବାମଧ ଦେଖିବାକୁ ମିଳିଛି। ଏଭଳି କ୍ଷେତ୍ରରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘବର୍ଷ ଧରିରୋଗୀ କଲ୍ୟାଣ ସମିତି ବୈଠକ ବସିନଥିବା ଅଭିଯୋଗ ହୋଇଛି। ସ୍ୱାସ୍ଥ୍ୟସେବା ଭଳି ମୌଳିକ ସୁବିଧାବାଧାପ୍ରାପ୍ତ ହେଉଥିବା ବେଳେ ସ୍ୱାସ୍ଥ୍ୟବିଭାଗ ଏକଦମ ଚୁପ ବସିଛି। ସ୍ୱାସ୍ଥ୍ୟକେନ୍ଦ୍ରଦାୟିତ୍ୱରେ ଥିବା ଏମବିବିଏସ ଡାକ୍ତର ଆସୁନଥିବା ଯୋଗୁଁ ରୋଗୀ ମାନେ ହନ୍ତସନ୍ତ ହେଉଥିବାବେଳେ ଅଭିଯୋଗ କଲେ ମଧ ସୁଫଳ ମିଳୁନାହିଁ। ଖାଲିସେତିକି ନୁହେଁ ରୋଗୀଙ୍କୁସ୍ୱାସ୍ଥ୍ୟକେନ୍ଦ୍ରରେ ଦିଆଯାଉଥିବା ମାଗଣା ଔଷଧକୁ ନ ଦେଇ ଏହା ବଦଳରେ ବାହାରୁ କିଣିବାନିମନ୍ତେ ଲେଖାଯାଉଥିବା ମଧ ଅଭିଯୋଗ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରତି ୩ ମାସରେ ଥରେଆରକେଏସ ବୈଠକ ବସିବା ନିମନ୍ତେ ନିୟମ ଥିବାବେଳେ ପ୍ରାୟ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରିବୈଠକ ଅନୁଷ୍ଠିତ ହୋଇନାହିଁ। ବୈଠକ ନିମନ୍ତେ ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟ ତଥା ଜିଲ୍ଲାପରିଷଦ ଉପସଭାପତି ବିଷ୍ଣୁପ୍ରିୟା ବେହେରା ଦାବି କରିଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେଥିବା ଅଧିକାରୀ ଏ ଦିଗରେ କର୍ଣ୍ଣପାତ କରୁନଥିବା ଅଭିଯୋଗ ଆଣିଛନ୍ତି। ଏ ନେଇ ଦାୟିତ୍ୱରେ ଥିବାଭାରପ୍ରାପ୍ତ ଡାକ୍ତର ରଶ୍ମୀକାନ୍ତ ମିଶ୍ର କିନ୍ତୁ ଅଦ୍ଭୁତ ଯୁକ୍ତି ବାଢିଛନ୍ତି। ଡ଼ା ମିଶ୍ରଙ୍କ ଯୁକ୍ତିହେଲା ସ୍ୱାସ୍ଥ୍ୟକେନ୍ଦ୍ର ପଛପାଖରେ ନୂତନ ଗୃହ ନିର୍ମାଣ ଚାଲିଥିବା ବେଳେ ରୋଗୀ କଲ୍ୟାଣ ସମିତିବୈଠକର କୌଣସି ଆବଶ୍ୟକତା ନଥିବା କହିଛନ୍ତି। ଏଭଳି ସ୍ଥିତିରେ ରୋଗୀ କଲ୍ୟାଣ ସମିତି ବୈଠକକାହାପାଇଁ ତାଙ୍କୁ ନେଇ ପ୍ରଶ୍ନ କରିଛନ୍ତି ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଶ୍ରୀମତୀ ବେହେରା। ଜିଲ୍ଲାପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

ସୋମବାର ୨୬ ଅକ୍ଟୋବର, ୨୦୨୬, ଭୁବନେଶ୍ୱର
Monday October 26, 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଜୀବନ ସହ ଖେଳ

କାଶି ହେଲେ ଆରାମ ଦେବା ପାଇଁ ଯେଉଁ ଔଷଧ ତିଆରି ହୋଇଛି, ତାହା ଯଦି ଚିକିତ୍ସାର ଘରୁ ବାହାରି ନିଶାର ଅନ୍ଧକାର ଦୁନିଆକୁ ପହଞ୍ଚିଯାଏ, ତେବେ ସେହି ଔଷଧ ଆଉ କେବଳ ଔଷଧ ରହେ ନାହିଁ—ସେହି ମୁହୂର୍ତ୍ତରୁ ଏହା ଜନସ୍ୱାସ୍ଥ୍ୟ ପାଇଁ ଏକ ଗୁରୁତର ବିପଦର ରୂପ ନେଇଥାଏ । ଆଜି ଦେଶରେ କିଛି କାଶି ଔଷଧର ଅପବ୍ୟବହାରକୁ ନେଇ ଯେଉଁ ଚିନ୍ତା ବଢୁଛି, ତାହାକୁ ଆଉ ହାଲୁକା ଭାବେ ନେବାର ସମୟ ନାହିଁ । କାଶି ଔଷଧରେ ଥିବା କିଛି ଉପାଦାନ, ବିଶେଷକରି ନିଶା ସୃଷ୍ଟି କରିପାରୁଥିବା ଔଷଧୀୟ ଉପାଦାନ, ଡାକ୍ତରଙ୍କ ପରାମର୍ଶ ବିନା ଅଧିକ ପରିମାଣରେ ନିଆଗଲେ ଶରୀର ଉପରେ ଭୟଙ୍କର ପ୍ରଭାବ ପକାଇପାରେ । ଏହା କେବଳ ମୁଣ୍ଡ ଘୂରିବା କିମ୍ବା ଘୁମ ଆସିବାର କଥା ନୁହେଁ; ଅତ୍ୟଧିକ ବ୍ୟବହାରରେ ଚେତନା ହ୍ରାସ, ଶ୍ୱାସକ୍ରିୟା ଧୀର ହେବା, ଅଚେତନତା, କୋମା ଏପରିକି ମୃତ୍ୟୁ ପର୍ଯ୍ୟନ୍ତ ଝୁମ୍ପ ରହିପାରେ । ଏହାଠାରୁ ବଡ଼ ସତର୍କତା ଆଉ କ'ଣ ହୋଇପାରେ ? ଯେଉଁ ତରଳ ଔଷଧ ଏକ ରୋଗୀଙ୍କୁ ସୁସ୍ଥ କରିବା ପାଇଁ ଦିଆଯାଏ, ସେହି ଔଷଧକୁ ଯଦି କେହି ନିଶା ପାଇଁ ବ୍ୟବହାର କରୁଛି, ତେବେ ଏହା ତାଙ୍କ ଶରୀର ସହିତ ଖେଳ ମାତ୍ର ନୁହେଁ, ତାଙ୍କ ପରିବାରର ଭବିଷ୍ୟତ ସହିତ ମଧ୍ୟ ଖେଳ । ଆଉ ଯଦି ଏହି ଅପବ୍ୟବହାର ଯୁବପିଢ଼ି ମଧ୍ୟରେ ପ୍ରବେଶ କରେ, ତେବେ ସମସ୍ୟାଟି ଏକ ବ୍ୟକ୍ତିର ନୁହେଁ, ସମାଜର । ସେଥିପାଇଁ କାଶି ଔଷଧର ବିକ୍ରି ଓ ବ୍ୟବହାର ଉପରେ ସରକାରଙ୍କ କଠୋର ନଜରକୁ ସ୍ୱାଗତ କରିବାକୁ ହେବ । କେନ୍ଦ୍ର ସରକାର ୨୦୨୬ ମସିହାରେ ଛୋଟ ଗାଁଗୁଡ଼ିକରେ କାଶି ଔଷଧ ବିକ୍ରି ସମ୍ପର୍କିତ ବିଶେଷ ଛାଡ଼କୁ ହଟାଇ ଅନୁମୋଦିତ ଔଷଧ ଦୋକାନ ମାଧ୍ୟମରେ ଏହାର ବିକ୍ରିକୁ ନିୟମିତ କରିବା ଦିଗରେ ପଦକ୍ଷେପ ନେଇଛନ୍ତି । ଏହି ପଦକ୍ଷେପର ମୂଳ ସନ୍ଦେଶ ସ୍ପଷ୍ଟ—ଔଷଧକୁ ମନଇଚ୍ଛାରେ ବିକ୍ରି କରାଯିବ ନାହିଁ, ଔଷଧ ଦୋକାନକୁ ମଧ୍ୟ ଆଇନର ସୀମା ଭିତରେ ରହିବାକୁ ହେବ । ଏହି ନିୟମକୁ କେବଳ କାଗଜରେ ରଖିଦେଲେ ଚଳିବ ନାହିଁ । ଭୂମିସ୍ତରରେ ଏହାର କଠୋର କାର୍ଯ୍ୟକାରିତା ଆବଶ୍ୟକ । କାରଣ ଅବୈଧ ଭାବେ କାଶି ଔଷଧ ବିକ୍ରି କରୁଥିବା ଜଣେ ବ୍ୟକ୍ତି କେବଳ ଆଇନ ଭାଙ୍ଗୁନାହାନ୍ତି, ସେ ଅନ୍ୟ ଜଣଙ୍କ ସ୍ୱାସ୍ଥ୍ୟକୁ ବିପଦରେ ପକାଉଛନ୍ତି । ଏଠାରେ ସରକାରଙ୍କ ଦାୟିତ୍ୱ ତିନିଗୁଣ । ପ୍ରଥମେ, କେଉଁ ଔଷଧ ଡାକ୍ତରଙ୍କ ପରାମର୍ଶ ବିନା ବିକ୍ରି କରାଯିବ ନାହିଁ, ତାହା ସ୍ପଷ୍ଟ ଭାବେ ଲୋକଙ୍କୁ ଜଣାଇବାକୁ ହେବ । ଦ୍ୱିତୀୟରେ, ଲାଇସେନ୍ସ ନଥିବା କିମ୍ବା ନିୟମ ଭାଙ୍ଗୁଥିବା ଦୋକାନ ଉପରେ ନିୟମିତ ଯାଞ୍ଚ ହେବା ଦରକାର । ତୃତୀୟରେ, ଯେଉଁଠାରେ କାଶି ଔଷଧକୁ ନିଶା ପାଇଁ ବ୍ୟବହାର କରାଯାଉଛି ବୋଲି ସୂଚନା ମିଳୁଛି, ସେଠାରେ ଔଷଧ ନିୟନ୍ତ୍ରଣ ବିଭାଗ ଓ ଆଇନ ଶୃଙ୍ଖଳା ବ୍ୟବସ୍ଥା ମିଳିତ ଭାବେ କଠୋର କାର୍ଯ୍ୟ କରିବା ଦରକାର । ଏହି ଲଢେଇ କେବଳ ଔଷଧ ଦୋକାନ ଯାଞ୍ଚରେ ଶେଷ ହେବ ନାହିଁ । ନିଶାର ଚାହିଦା କେଉଁଠାରୁ ଆସୁଛି, କେଉଁମାନେ ଯୁବପିଢ଼ିକୁ ଏହି ଦିଗକୁ ଠେଲୁଛନ୍ତି, କିପରି ଔଷଧ ବେଆଇନ ଭାବେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ପହଞ୍ଚୁଛି—ଏହି ସମସ୍ତ ଦିଗକୁ ଖୋଜିବାକୁ ହେବ । ଔଷଧକୁ ନିଶାରେ ପରିଣତ କରୁଥିବା ଚକ୍ର ଯଦି ଥାଏ, ତେବେ ସେହି ଚକ୍ରର ମୂଳକୁ ଧରିବା ଆବଶ୍ୟକ । କେବଳ ଜଣେ ଯୁବକକୁ ଧରି ମାମଲା କରିଦେଲେ ସମସ୍ୟା ଶେଷ ହେବ ନାହିଁ । ନିଶାର ବ୍ୟବସାୟ କରୁଥିବା ମୂଳ ଯୋଗାଣକାରୀଙ୍କୁ ଧରିବାକୁ ହେବ । ଏଠାରେ ସମାଜର ଭୂମିକା ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ । ମାଆବାପା ନିଜ ପିଲାଙ୍କ ଆଚରଣରେ ହଠାତ୍ ପରିବର୍ତ୍ତନ, ଅସାଧାରଣ ଘୁମ, ଅତ୍ୟଧିକ ଅସ୍ଥିରତା, ପଢ଼ାଶୁଣାରେ ଅବନତି, ଅର୍ଥର ଅସ୍ପଷ୍ଟ ବ୍ୟବହାର କିମ୍ବା ସନ୍ଦେହଜନକ ଔଷଧ ବ୍ୟବହାର ଦେଖିଲେ ଚୁପ୍ ରହିବା ଉଚିତ ନୁହେଁ । କିନ୍ତୁ ଏହାର ଅର୍ଥ ପ୍ରତ୍ୟେକ କାଶି ଔଷଧ ବ୍ୟବହାରକାରୀଙ୍କୁ ନିଶାସକ୍ତ ବୋଲି ଚିହ୍ନଟ କରିବା ନୁହେଁ । ଚିକିତ୍ସା ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ବ୍ୟବହାର କରିବା ଏବଂ ତାହାକୁ ନିଶା ଭାବେ ବ୍ୟବହାର କରିବା—ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ କଥା । ଏହି ପାର୍ଥକ୍ୟକୁ ସମାଜ ବୁଝିବା ଦରକାର । ଏହା ସହିତ ଆଉ ଏକ ଭୟଙ୍କର ବିପଦ ହେଉଛି ଦୂଷିତ ତରଳ ଔଷଧ । ଔଷଧରେ ଯଦି ବିଷାକ୍ତ ରାସାୟନିକ ଉପାଦାନ ମିଶିଯାଏ, ତେବେ ତାହା ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗକୁ ଭୟଙ୍କର କ୍ଷତି କରିପାରେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦୂଷିତ ତରଳ ଔଷଧ ସମ୍ପର୍କରେ ଦେଇଥିବା ସତର୍କତାରେ ବିଷାକ୍ତ ଡାଇଇଥିଲିନ୍ ? ଗ୍ଲାଇକଲ୍ ? ଓ ଇଥିଲିନ୍ ? ଗ୍ଲାଇକଲ୍ ? ଭଳି ଉପାଦାନରୁ ତୀବ୍ର ବୃକ୍କ କ୍ଷତି ଓ ମୃତ୍ୟୁର ଝୁମ୍ପ ବିଷୟରେ ଉଲ୍ଲେଖ କରାଯାଇଛି । ତେଣୁ କାଶି ଔଷଧର ନିରାପତ୍ତା କେବଳ ତାହାର ନାମ କିମ୍ବା ଚମକଦାର ପ୍ୟାକେଟ ଦେଖି ନିର୍ଣ୍ଣୟ ହୋଇପାରେ ନାହିଁ । ଗୁଣମାନ ପରୀକ୍ଷା ଅନିବାର୍ଯ୍ୟ । ଉତ୍ପାଦନରୁ ଆରମ୍ଭ କରି ଔଷଧ ଦୋକାନ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ନଜରଦାରି ଦରକାର । ଏକ ବୋତଲ ଔଷଧ ବଜାରକୁ ଆସିବା ପୂର୍ବରୁ ତାହାର ଗୁଣମାନ ପ୍ରତି ଯେତେ ନିଶ୍ଚିତତା ଆବଶ୍ୟକ, ବଜାରକୁ ଆସିବା ପରେ ମଧ୍ୟ ତାହାର ନିରାପତ୍ତା ଉପରେ ସେତେ ନଜର ଦରକାର । ଔଷଧ ନିର୍ମାତାମାନେ ମଧ୍ୟ ବୁଝିବା ଦରକାର ଯେ ଏଠାରେ ଲାଭଠାରୁ ଜୀବନ ବଡ଼ । ଗୋଟିଏ ଭୁଲ ଉପାଦାନ, ଗୋଟିଏ ନିମ୍ନମାନର କଚ୍ଚାମାଲ, ଗୋଟିଏ ଭୁଲ ମାତ୍ରା କିମ୍ବା ଗୁଣମାନ ଯାଞ୍ଚରେ ଗୋଟିଏ ଅବହେଳା ଅନେକ ପରିବାରକୁ ଶୋକରେ ଠେଲିପାରେ । ସେହିପାଇଁ ଔଷଧ ନିର୍ମାଣରେ ଶୂନ୍ୟ ଅବହେଳାର ନୀତି ଆବଶ୍ୟକ । ଓଡ଼ିଶାରେ ମଧ୍ୟ ଏହି ପ୍ରସଙ୍ଗକୁ ଅତ୍ୟନ୍ତ ଗୁରୁତ୍ୱ ସହ ନେବାକୁ ହେବ । ଗାଁଠାରୁ ସହର ପର୍ଯ୍ୟନ୍ତ ଔଷଧ ଦୋକାନଗୁଡ଼ିକର ନିୟମିତ ଯାଞ୍ଚ, ସନ୍ଦେହଜନକ ଔଷଧର ନମୁନା ସଂଗ୍ରହ, ଗୁଣମାନ ପରୀକ୍ଷା, ଅନୁମତି ବିନା ବିକ୍ରି ଉପରେ ତୁରନ୍ତ କାର୍ଯ୍ୟ ଏବଂ ନିଶା ପାଇଁ ଔଷଧର ଅପବ୍ୟବହାର ଚିହ୍ନଟ ହେଲେ ଆଇନ ଶୃଙ୍ଖଳା ସଂସ୍ଥା ସହ ସମନ୍ୱୟ—ଏସବୁ କାର୍ଯ୍ୟ ନିରନ୍ତର ଚାଲିବା ଦରକାର । ଏହା ସହିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ନିଶା ବିରୋଧୀ ସଚେତନତାକୁ ଆହୁରି ମଜବୁତ କରିବା ଦରକାର । ଯୁବପିଢ଼ିକୁ ଏହା ବୁଝାଇବାକୁ ହେବ ଯେ ଔଷଧର ନାମ, ବୋତଲର ଆକାର କିମ୍ବା ତାହା ସହଜରେ ମିଳୁଛି ବୋଲି ଏହା ନିରାପଦ ନିଶା ନୁହେଁ । ନିଶାର କୌଣସି ନିରାପଦ ରାସ୍ତା ନାହିଁ । ଆଜି ଯାହାକୁ ମଜା ଭାବି ଆରମ୍ଭ କରାଯାଏ, କାଲି ତାହା ନିର୍ଭରଶୀଳତାରେ ପରିଣତ ହୋଇପାରେ । ତା'ପରେ ଶରୀର, ମନ, ପରିବାର, ପଢ଼ାଶୁଣା, ଚାକିରି—ସବୁକିଛି ତାହାର ଶିକାର ହୋଇପାରେ । ଅତ୍ୟଧିକ ଔଷଧ ବ୍ୟବହାରରେ ଚେତନା ହ୍ରାସ ଓ ଶ୍ୱାସକ୍ରିୟାର ଗୁରୁତର ସମସ୍ୟା ହେଲେ ଜୀବନ ରକ୍ଷା ପାଇଁ ତୁରନ୍ତ ଚିକିତ୍ସା ଆବଶ୍ୟକ । ଏପରି ଅବସ୍ଥାରେ ଘରୋଇ ଉପାୟ କରି ସମୟ ନଷ୍ଟ କରିବା ଚାଲିବ ନାହିଁ । ରୋଗୀ ଅଚେତନ, ଶ୍ୱାସ ଧୀର କିମ୍ବା ଅସାମାନ୍ୟ, ଖିଚୁଣି କିମ୍ବା ଅନ୍ୟ ଗୁରୁତର ଲକ୍ଷଣ ଦେଖାଇଲେ ତୁରନ୍ତ ଜରୁରୀ ଚିକିତ୍ସା ସେବା ନେବା ଦରକାର । ଆଉ ଏକ ଦାୟିତ୍ୱ ହେଉଛି—ନିଶାସକ୍ତ ବ୍ୟକ୍ତିଙ୍କୁ କେବଳ ଅପରାଧୀ ଭାବେ ଦେଖିବା ନୁହେଁ । ଯେଉଁଠାରେ ନିର୍ଭରଶୀଳତା ଗଢ଼ିଉଠିଛି, ସେଠାରେ ଚିକିତ୍ସା, ପରାମର୍ଶ ଓ ପୁନର୍ବାସ ମଧ୍ୟ ଆବଶ୍ୟକ । ନିଶା ବେପାରୀଙ୍କ ପ୍ରତି କଠୋରତା ଓ ନିଶାସକ୍ତ ଯୁବକଙ୍କ ପ୍ରତି ଚିକିତ୍ସାମୂଳକ ସହାୟତା—ଏହି ଦୁଇଟି ନୀତି ଏକାସାଙ୍ଗେ ଚାଲିବା ଦରକାର । ଏହି ଲଢେଇରେ ସରକାର, ପୁଲିସ, ଔଷଧ ନିୟନ୍ତ୍ରଣ ବ୍ୟବସ୍ଥା, ଚିକିତ୍ସକ, ଔଷଧ ବିକ୍ରେତା, ଶିକ୍ଷକ, ଅଭିଭାବକ ଓ ସମାଜ—ସମସ୍ତଙ୍କୁ ଏକାଠି ହେବାକୁ ପଡ଼ିବ । କାଶି ଔଷଧ ହେଉଛି ରୋଗୀଙ୍କ ଆରୋଗ୍ୟ ପାଇଁ; ଏହାକୁ ନିଶାର ବଜାରକୁ ଯିବାକୁ ଦେବା ଯାଇପାରିବ ନାହିଁ । ସରକାର ଯେଉଁ କଠୋର ପଦକ୍ଷେପ ନେଉଛନ୍ତି, ତାହାକୁ ଆହୁରି ସୁଦୃଢ଼ କରିବାର ସମୟ ଆସିଛି । ଔଷଧର ଅନିୟନ୍ତ୍ରିତ ବିକ୍ରି ଉପରେ ରୋକ, ନିଶା ପାଇଁ ଅପବ୍ୟବହାର ଉପରେ କଠୋର ନଜର, ନିମ୍ନମାନର ଔଷଧ ବିରୋଧରେ ଶୀଘ୍ର କାର୍ଯ୍ୟ, ଔଷଧ ଦୋକାନର ନିୟମିତ ଯାଞ୍ଚ ଏବଂ ଯୁବପିଢ଼ି ମଧ୍ୟରେ ବ୍ୟାପକ ସଚେତନତା—ଏହି ପାଞ୍ଚଟି ମୋର୍ଚ୍ଚାରେ ଏକାସାଙ୍ଗେ ଯୁଦ୍ଧ କରିବାକୁ ହେବ । କାରଣ ପ୍ରଶ୍ନଟି ଗୋଟିଏ ବୋତଲ କାଶି ଔଷଧର ନୁହେଁ; ପ୍ରଶ୍ନଟି ଆମ ଯୁବପିଢ଼ିର ଭବିଷ୍ୟତର । ଗୋଟିଏ ଶିଶୁର ହାତରେ ଚିକିତ୍ସାର ଔଷଧ ରହିବା ଉଚିତ, ନିଶାର ବିଷ ନୁହେଁ । ଗୋଟିଏ ଯୁବକର ଜୀବନରେ ସ୍ୱପ୍ନ ରହିବା ଉଚିତ, ନିଶାର ଅନ୍ଧକାର ନୁହେଁ । ତେଣୁ ଏବେ ସମୟ ଆସିଛି ଏକ ସ୍ପଷ୍ଟ ସନ୍ଦେଶ ଦେବାର—କାଶି ଔଷଧ ରୋଗ ଭଲ କରିବା ପାଇଁ, ନିଶା ପାଇଁ ନୁହେଁ । ଜୀବନ ସହ ଖେଳୁଥିବା ଅପବ୍ୟବହାର ବିରୋଧରେ ଏବେ ଶୂନ୍ୟ ସହନଶୀଳତା ଦରକାର ।

# ଗଜଲକ୍ଷ୍ମୀ ପୂଜାର ମାହାତ୍ମ୍ୟ

ଦାଶରଥି ଶତପଥୀ

ଓଡିଶା ହେଉଛି ପର୍ବ ପର୍ବାଣୀର ମାଟି । ବାର ମାସରେ ତେର ପର୍ବ ଏଠି ପାଳନ ହୁଏ । ସବୁ ପର୍ବ ଭିତରେ ଶରତ କାଳର ଗଜଲକ୍ଷ୍ମୀ ପୂଜା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । କୁମାର ପୂର୍ଣ୍ଣିମା ପରେ ଆସୁଥିବା ଏହି ପୂଜା କେବଳ ଏକ ଧାର୍ମିକ ଅନୁଷ୍ଠାନ ନୁହେଁ, ଏହା ଓଡିଆ ଜାତିର ଅର୍ଥନୀତି, ସଂସ୍କୃତି ଓ ଆଧ୍ୟାତ୍ମିକତାର ସଙ୍ଗମ । ମା ଗଜଲକ୍ଷ୍ମୀ ହେଉଛନ୍ତି ଧନ, ଧାନ୍ୟ, ଐଶ୍ୱର୍ଯ୍ୟ ଓ ସୌଭାଗ୍ୟର ଅଧିଷ୍ଠାତ୍ରୀ ଦେବୀ । ତାଙ୍କ ପୂଜାର ମାହାତ୍ମ୍ୟ ଅପାର ।ଗଜଲକ୍ଷ୍ମୀ ଶବ୍ଦର ଅର୍ଥ ବହୁତ ଗଭୀର । ଗଜ ଅର୍ଥ ହାତୀ ଓ ଲକ୍ଷ୍ମୀ ଅର୍ଥ ଧନର ଦେବୀ । ଶାସ୍ତ୍ର ଅନୁସାରେ ଯେଉଁ ଲକ୍ଷ୍ମୀ ଦୁଇ ହାତୀ ଦ୍ୱାରା ପୂଜିତ ଓ ସ୍ନାନ କରାଯାଉଛନ୍ତି ସେ ହେଉଛନ୍ତି ଗଜଲକ୍ଷ୍ମୀ । ଏହି ରୂପ ହେଉଛି ଲକ୍ଷ୍ମୀଙ୍କ ଅଷ୍ଟ ଲକ୍ଷ୍ମୀ ମଧ୍ୟରୁ ଅନ୍ୟତମ ଏବଂ ସବୁଠୁ ଶୁଭ ରୂପ । ହାତୀ ହେଉଛି ଶକ୍ତି, ଗାମ୍ଭୀର୍ଯ୍ୟ ଓ ସମୃଦ୍ଧିର ପ୍ରତୀକ । ମା ଲକ୍ଷ୍ମୀ ପଦ୍ମ ଉପରେ ବସିଥାନ୍ତି ଓ ଦୁଇ ପାର୍ଶ୍ୱରେ ଦୁଇ ଶ୍ୱେତ ହାତୀ ଶୁଣ୍ଢରେ କଳସ ଧରି ତାଙ୍କୁ ଅଭିଷେକ କରୁଥାନ୍ତି । ଏହି ଦୃଶ୍ୟ ଦେଖିଲେ ମନରେ ଶାନ୍ତି ଓ ଐଶ୍ୱର୍ଯ୍ୟର ଭାବ ଆସେ । ଏହି ରୂପର ପୂଜା କଲେ ଘରେ ଧନ ସ୍ଥାୟୀ ହୁଏ ବୋଲି ବିଶ୍ୱାସ ରହିଛି ।ଗଜଲକ୍ଷ୍ମୀ ପୂଜାର ପୌରାଣିକ କାହାଣୀ ସମୁଦ୍ର ମନ୍ଥନ ସହିତ ଜଡିତ । ଦେବତା ଓ ଅସୁର ଯେତେବେଳେ ଅମୃତ ପାଇଁ ସମୁଦ୍ର ମନ୍ଥନ କଲେ ସେତେବେଳେ ସମୁଦ୍ରରୁ ଚତୁର୍ଦଶ ରତ୍ନ ବାହାରିଲା । ସେଥି ମଧ୍ୟରୁ ମା ଲକ୍ଷ୍ମୀ ଓ ଐରାବତ ହାତୀ ବାହାରିଲେ । ଐରାବତ ହାତୀ ମା ଲକ୍ଷ୍ମୀଙ୍କୁ ନିଜର ଆରାଧ୍ୟ ଦେବୀ ବୋଲି ଗ୍ରହଣ କରି ତାଙ୍କର ସେବା କଲା । ସେହି ଦିନଠାରୁ ଗଜ ସହିତ ଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହେଲା । ଅନ୍ୟ ଏକ କଥା ଅନୁସାରେ ଇନ୍ଦ୍ର ଦେବତା ଅହଂକାର ବଶତଃ ମା ଲକ୍ଷ୍ମୀଙ୍କୁ ଅପମାନ କରିବାରୁ ଲକ୍ଷ୍ମୀ ସମୁଦ୍ରରେ ଲୀନ ହୋଇଗଲେ ଓ ତିନି ଲୋକ ଶ୍ରୀହୀନ ହୋଇଗଲା । ପରେ ଦେବତା ମାନେ କ୍ଷମା ମାଗିବାରୁ ଗଜ ମାନେ ସମୁଦ୍ରରୁ ମାଆଙ୍କୁ ପୁନର୍ବାର ଆଣି ଅଭିଷେକ କରିଥିଲେ । ତେଣୁ ଗଜଲକ୍ଷ୍ମୀ ପୂଜା ହେଉଛି ହଜି ଯାଇଥିବା ଶ୍ରୀକୁ ଫେରାଇ ଆଣିବାର ପୂଜା ।ଓଡିଶାରେ ବିଶେଷ କରି କେନ୍ଦ୍ରାପଡା, ଜଗତସିଂହପୁର, ଢେଙ୍କାନାଳ, ଅନୁଗୁଳ ଓ ଭଦ୍ରକ ଅଞ୍ଚଳରେ ଗଜଲକ୍ଷ୍ମୀ ପୂଜା ଅତି ଆଡମ୍ବରରେ ପାଳନ ହୁଏ । ବିଶେଷ କରି ଆମ ବାଲିକୁଦା, ଢେଙ୍କାନାଳରେ ଏହି ପୂଜା ଦୁର୍ଗା ପୂଜା ଠାରୁ ବି ବଡ କରି ପାଳନ କରାଯାଏ । କୁମାର ପୂର୍ଣ୍ଣିମା ଦିନ ମାଆଙ୍କ ମୂର୍ତ୍ତି ସ୍ଥାପନ ହୁଏ ଓ ତିନି ଦିନ ଧରି ପୂଜା ଚାଲେ । ପୂଜା ମଣ୍ଡପ



ମାନ ଆଲୋକମାଳାରେ ଝଲସି ଉଠେ । କାରିଗର ମାନେ ମାସ ମାସ ଧରି ମାଆଙ୍କ ମୂର୍ତ୍ତି ଗଢନ୍ତି । କେଉଁଠି ମା ଦଶ ଫୁଟ ଉଚ୍ଚ ତ କେଉଁଠି ପଚିଶ ଫୁଟ ଉଚ୍ଚ । ସୁନା ଅଳଙ୍କାର ନୁହେଁ, ମାଟିର ଅଳଙ୍କାରରେ ମାଆ ଝଲସି ଉଠନ୍ତି । ଏହି ପୂଜାର ସବୁଠୁ ବଡ ବିଶେଷତା ହେଲା ଏଠି ଧନୀ ଗରିବ ଭେଦ ନାହିଁ । ସମସ୍ତେ ଚାନ୍ଦା ଦେଇ ମିଶି ପୂଜା କରନ୍ତି । ଏହା ସାମାଜିକ ଏକତାର ପ୍ରତୀକ ।ଗଜଲକ୍ଷ୍ମୀ ପୂଜାର ଆଧ୍ୟାତ୍ମିକ ମାହାତ୍ମ୍ୟ ସହିତ ଆର୍ଥିକ ମାହାତ୍ମ୍ୟ ମଧ୍ୟ ଜଡିତ । ଶରତ କାଳ ହେଉଛି ଅମଳ ଋତୁ । ବିଲରେ ଧାନ ପାଚିଲା ହୁଏ, ଚାଷୀ ଖୁସି ହୁଏ । ସେ ନିଜର ପ୍ରଥମ ଅମଳ ମାଆଙ୍କୁ ଅର୍ପଣ କରେ । ତେଣୁ ଏହା କୃତଜ୍ଞତାର ପୂଜା । ବ୍ୟବସାୟୀ ମାନେ ଏହି ଦିନ ନୂଆ ଖାତା ଆରମ୍ଭ କରନ୍ତି, ନୂଆ ଦୋକାନ ଖୋଲନ୍ତି । କାରଣ ମା ଗଜଲକ୍ଷ୍ମୀଙ୍କ ଆଶୀର୍ବାଦରେ ବ୍ୟବସାୟ ବୃଦ୍ଧି ହୁଏ ବୋଲି ବିଶ୍ୱାସ । ଘରେ ଘରେ ଝିଅ ବୋହୂ ମାନେ ଅଳ୍ପନା ପକାଇ, ଧାନ କଣିକାରେ ମାଆଙ୍କୁ ଆବାହନ କରନ୍ତି । ମା ଗଜଲକ୍ଷ୍ମୀ ଯେଉଁ ଘରେ ପରିଷ୍କାର ପରିଚ୍ଛନ୍ନତା, ସତ୍ୟ ଓ ପରିଶ୍ରମ ଥାଏ ସେହି ଘରେ ବାସ କରନ୍ତି । ଯେଉଁ ଘରେ କଳହ, ଅଳସୁଆମୀ ଓ ଅସତ୍ୟ ଥାଏ ସେ ଘରୁ ସେ ଚାଲି ଯାଆନ୍ତି । ତେଣୁ ଏହି ପୂଜା ଆମକୁ ପରିଷ୍କାର ରହିବା, ପରିଶ୍ରମ କରିବା ଓ ସତ୍ୟ ପଥରେ ଚାଲିବାର ଶିକ୍ଷା ଦିଏ ।ଆଜିର ସମାଜରେ ଯେତେବେଳେ ଧନ ପଛରେ ସମସ୍ତେ ଦୌଡୁଛନ୍ତି, ଗଜଲକ୍ଷ୍ମୀ ପୂଜାର ପ୍ରକୃତ ମାହାତ୍ମ୍ୟ ବୁଝିବା ନିହାତି ଆବଶ୍ୟକ । ଗଜଲକ୍ଷ୍ମୀ କେବଳ ଟଙ୍କା ନୁହଁନ୍ତି, ସେ ହେଉଛନ୍ତି ଧାନ୍ୟ ଲକ୍ଷ୍ମୀ, ବିଦ୍ୟା ଲକ୍ଷ୍ମୀ, ସନ୍ତାନ ଲକ୍ଷ୍ମୀ, ଶାନ୍ତି ଲକ୍ଷ୍ମୀ । ଯେଉଁ ଘରେ ପୁଅ ଝିଅ ଶିକ୍ଷିତ, ସେ ଘରେ ବିଦ୍ୟା ଲକ୍ଷ୍ମୀ ଅଛନ୍ତି । ଯେଉଁ ଘରେ ସମସ୍ତେ ସୁସ୍ଥ, ସେ ଘରେ ଆରୋଗ୍ୟ ଲକ୍ଷ୍ମୀ ଅଛନ୍ତି । ତେଣୁ ଧନ ସହିତ ଗୁଣର ପୂଜା କରିବା ଶିଖିବା ଉଚିତ । ପୂଜା ମଣ୍ଡପରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବା ଅପେକ୍ଷା ସେହି ଟଙ୍କାରେ ଗରିବ ପିଲାଙ୍କୁ ପାଠ ପଢାଇବା, ଅସହାୟକୁ ସାହାଯ୍ୟ କରିବା ହେଉଛି ପ୍ରକୃତ ଗଜଲକ୍ଷ୍ମୀ ପୂଜା । କାରଣ ମଣିଷ ସେବା ହିଁ ମାଧବ ସେବା ।ପ୍ରଶାସନିକ ଜୀବନରେ ମୁଁ ଦେଖିଛି ଯେଉଁ ଅଫିସର ସଚ୍ଚୋଟ ଓ ପରିଶ୍ରମୀ, ତା ପାଖରେ ଲକ୍ଷ୍ମୀ ଆପେ ଆପେ ଆସନ୍ତି । ଲାଞ୍ଚ ନେଇ ଧନୀ ହେବା କ୍ଷଣସ୍ଥାୟୀ, କିନ୍ତୁ ସତ୍ୟ ପଥରେ ଯେଉଁ ଲକ୍ଷ୍ମୀ ଆସନ୍ତି ସେ ଚିରସ୍ଥାୟୀ । ଗଜଲକ୍ଷ୍ମୀ ଆମକୁ ସେହି ସ୍ଥାୟୀ ଧନର ମାର୍ଗ ଦେଖାନ୍ତି ।ଶେଷରେ କହିବାକୁ ଗଲେ ଗଜଲକ୍ଷ୍ମୀ ପୂଜା ହେଉଛି ଓଡିଶାର ଆତ୍ମାର ପୂଜା । ଏହା ଆମକୁ ଶିଖାଏ ଧନ ଅର୍ଜନ କର, କିନ୍ତୁ ଧର୍ମ ପଥରେ, ଧନ ବାଣ୍ଟ, କିନ୍ତୁ ଅହଂକାର କର ନାହିଁ । ମା ଗଜଲକ୍ଷ୍ମୀଙ୍କ କୃପାରୁ ପ୍ରତି ଘରେ ଶାନ୍ତି, ସମୃଦ୍ଧି ଓ ଖୁସି ଭରି ରହୁ । ଆସନ୍ତୁ ଏହି ପୂଜାରେ ଆମେ ସମସ୍ତେ ପ୍ରାର୍ଥନା କରିବା ଓଡିଶା ସମୃଦ୍ଧ ହେଉ, ଭାରତ ସମୃଦ୍ଧ ହେଉ । ଜୟ ମା ଗଜଲକ୍ଷ୍ମୀ ।

ମୋ-୯୩୩୭୪୪୯୩୭୩

# ଅଷ୍ଟଲକ୍ଷ୍ମୀ

ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ସୌନ୍ଦର୍ଯ୍ୟ, ଧନ ଓ ଉତ୍ପାଦନର ଦେବୀ ଲକ୍ଷ୍ମୀଙ୍କର ଅନେକ ରୂପ ଅଛି । ଯେମିତି ମା'ଦୁର୍ଗାଙ୍କର ନ'ଟି ରୂପ, ସେମିତି ମା'ଲକ୍ଷ୍ମୀଙ୍କର ଆଠଟି ରୂପ । ସେମାନଙ୍କୁ ଅଷ୍ଟଲକ୍ଷ୍ମୀ କୁହାଯାଏ । ପୁରାଣରେ ବର୍ଣ୍ଣନା ଅଛି ମା'ଲକ୍ଷ୍ମୀ ପ୍ରଦାନ କରୁଥିବା ଧନ ଷୋଳ ପ୍ରକାରର । ଏହି ଷୋଡ଼ଶ ଧନ ହେଉଛି - ଜ୍ଞାନ, ବୁଦ୍ଧିମତା, ଶକ୍ତି, ବୀରତ୍ୱ, ସୌନ୍ଦର୍ଯ୍ୟ, ପରାକ୍ରମ, ଖ୍ୟାତି, ଅଭିଳାଷା, ନୈତିକତା, ସ୍ୱର୍ଣ୍ଣ, ଶସ୍ୟ, ଖୁସି, ପରମାନନ୍ଦ, ସ୍ୱାସ୍ଥ୍ୟ, ଆୟୁଷ ଓ ପରାକ୍ରମୀ ସନ୍ତାନ । ଲକ୍ଷ୍ମୀଙ୍କର ଅଷ୍ଟସ୍ୱରୂପ ମନୁଷ୍ୟ ନିମନ୍ତେ ଆବଶ୍ୟକ ଏହି ଷୋଡ଼ଶ ଧନର ଆବଶ୍ୟକତା ପୂରଣ କରନ୍ତି । ମା'ଲକ୍ଷ୍ମୀଙ୍କର ଏହି ଆଠ ରୂପ ହେଉଛି - ଆଦି ଲକ୍ଷ୍ମୀ ବା ମହାଲକ୍ଷ୍ମୀ, ଧନ ଲକ୍ଷ୍ମୀ ବା ଐଶ୍ୱର୍ଯ୍ୟ ଲକ୍ଷ୍ମୀ, ଧାନ୍ୟ ଲକ୍ଷ୍ମୀ, ରଜ ଲକ୍ଷ୍ମୀ, ସନ୍ତାନ ଲକ୍ଷ୍ମୀ, ବୀରଲକ୍ଷ୍ମୀ ବା ଧୈର୍ଯ୍ୟ ଲକ୍ଷ୍ମୀ, ବିଦ୍ୟା ଲକ୍ଷ୍ମୀ, ବିଜୟଲକ୍ଷ୍ମୀ ବା ଜୟଲକ୍ଷ୍ମୀ ।

ପରମ ପ୍ରେମମୟ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କୌଣସି ଦେବତାଙ୍କୁ କେବଳ ମନ୍ଦିରର ପ୍ରତିମା ହିସାବରେ ଦେଖନ୍ତି ନାହିଁ । ଦେବ ବା ଦେବୀଙ୍କର ଭାବମୂର୍ତ୍ତିକୁ ଆମ୍ଭମାନଙ୍କ ଭିତରେ ଜୀବନ୍ତ କରି ଉଠାଇବା ପାଇଁ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଗୁରୁତ୍ୱ ପ୍ରଦାନ କରିଛନ୍ତି । କୁଳମାଳିକ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ମହାଲକ୍ଷ୍ମୀଙ୍କୁ ପୂଜା କରିବା ଅର୍ଥ ତାଙ୍କର ଇଚ୍ଛା ବୁଝି ଓ ଜାଣି ସେହି ପ୍ରକାର ଚଳିବା ଯାହାଫଳରେ ମହାଲକ୍ଷ୍ମୀ ପ୍ରୀତ ହୁଅନ୍ତି । ମହାଲକ୍ଷ୍ମୀ ଯେଭଳି ଧନଧାନ୍ୟର ଅଧିଷ୍ଠାତ୍ରୀ ସେହିଭଳି ସୌନ୍ଦର୍ଯ୍ୟର ମଧ୍ୟ ଦେବୀ । ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ମହାଲକ୍ଷ୍ମୀଙ୍କର ବୀଜମନ୍ତ୍ରୀ ହେଉଛି - ଶ୍ରୀଂ ଅର୍ଥାତ୍ ମହାଲକ୍ଷ୍ମୀ ଶ୍ରୀ-ସ୍ୱରୂପିଣୀ । ଯେଉଁ ଗୃହରେ ଅନାଚାର, କଦାଚାର ଓ ବ୍ୟଭିଚାର ଘଟେ ସେଠାରେ ମହାଲକ୍ଷ୍ମୀ ଅନ୍ତର୍ହିତ ହୁଅନ୍ତି । ହୀନସ୍ୱାର୍ଥପରତା, ଅର୍ଥଲୋଭ, କଳହ, ଖିଟିମିଟିଆ ସ୍ୱଭାବ, ଅସହିଷ୍ଣୁତା, ହିଂସା, ସ୍ୱେଚ୍ଛାଚାରୀ ଚଳନ, ଗୁରୁଜନ ମାନଙ୍କୁ ଅଶ୍ରଦ୍ଧା, ଅହଂମତ୍ତତା, ଅନ୍ୟକୁ ଦବାଇବାର ବୁଦ୍ଧି, ଅଭିମାନ ଓ ଆଧିପତ୍ୟ ଯେଉଁଠାରେ ଦେଖାଯାଏ ସେଠାରେ ମହାଲକ୍ଷ୍ମୀ ହଜି ଯାଆନ୍ତି । ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ମନୁଷ୍ୟ ନିଜର ଟଙ୍କା ପର, ଯେତେ ପାରିବ ମନୁଷ୍ୟ ଧର । ପୁଣି ଦୟାଲ ଠାକୁର କହିଛନ୍ତି ମା'ମାନଙ୍କର ଲକ୍ଷ୍ମୀ ପୂଜା କରିବା ଅର୍ଥ ବ୍ୟକ୍ତିଗତ ଭାବେ ସେମାନେ ଜଣେ ଜଣେ ଲକ୍ଷ୍ମୀ ହୋଇ ଉଠିବେ । ଲକ୍ଷ୍ମୀ ଆସିଛି 'ଲକ୍ଷ' ଧାତୁ ଠାରୁ - ଅର୍ଥ ଅଙ୍କନ, ଚିହ୍ନିତକରଣ, ଜ୍ଞାନ, ଦର୍ଶନ ଓ ଆଲୋଚନା । ଏହାର ଅର୍ଥ - ଯିଏ ଦେଖନ୍ତି, ଆଲୋଚନା କରନ୍ତି, ଗୁଣାଗୁଣ ବିଚାର କରନ୍ତି, ଯେଉଁଠାରେ ଯେଭଳି ଭାବେ ପ୍ରୟୋଜନ ତାହାକୁ ଚିହ୍ନିତ କରନ୍ତି - ଏହା ହିଁ ଲକ୍ଷ୍ମୀ ସ୍ୱଭାବ ।

ଆଦି ଲକ୍ଷ୍ମୀ : ଆଦି ଲକ୍ଷ୍ମୀ ଲକ୍ଷ୍ମୀଙ୍କର ପ୍ରଥମ ସ୍ୱରୂପ । ସେ ମହର୍ଷି ଭୃଗୁଙ୍କ ଝିଅ ଓ ପ୍ରଭୁ ନାରାୟଣଙ୍କ ପତ୍ନୀ । ଲକ୍ଷ୍ମୀଙ୍କର ଏହି ସ୍ୱରୂପ ନାରାୟଣଙ୍କ ସହ ବୈକୁଣ୍ଠରେ ରୁହନ୍ତି । ସେ ନାରାୟଣଙ୍କ ତାଙ୍କୁ ଆଦର କରିବା ଦର୍ଶାଏ ଏ ଜଗତ ତାଙ୍କର ସେବାରେ ତତ୍ପର । ଆଦିଲକ୍ଷ୍ମୀଙ୍କର ଚାରୋଟି ହାତ । ଗୋଟିଏ ହାତରେ ପଦ୍ମପୁଷ୍ପ ଓ ଅନ୍ୟ ହାତରେ ପତାକା ଧରିଥାନ୍ତି । ଗୋଟିଏ ହାତ ଅଭୟ ମୁଦ୍ରାରେ ଥିବାବେଳେ ଅନ୍ୟ ହାତ ବରଦ ମୁଦ୍ରାରେ ଥାଏ । ତାଙ୍କୁ



ଆନନ୍ଦ ପ୍ରଦାନକାରିଣୀ ରମା ବୋଲି କୁହାଯାଏ । ତାଙ୍କର ଅନ୍ୟନାମ ଇନ୍ଦିରା । ପଦ୍ମକୁ ହୃଦୟ ସହ ସଂଯୁକ୍ତ କରିଥିବାରୁ ସେ ଶୁଦ୍ଧତାର ପ୍ରତୀକ । ଅଷ୍ଟଲକ୍ଷ୍ମୀଙ୍କର ପ୍ରଥମ ସ୍ୱରୂପ ଆଦିଲକ୍ଷ୍ମୀଙ୍କର ପ୍ରଥମ ସ୍ୱରୂପ ଆଦିଲକ୍ଷ୍ମୀ ।

ଧନଲକ୍ଷ୍ମୀ : ଧନ ଅର୍ଥ ସୁନା ବା ଅର୍ଥ ଭାବରେ ବୈଭବ । ଆଧ୍ୟାତ୍ମିକ ଅର୍ଥରେ ଏହା ବଳ, ଇଚ୍ଛାଶକ୍ତି, ପ୍ରତିଭା, ବୀରତ୍ୱ ଓ ଚରିତ୍ରକୁ ବୁଝାଏ । ଧନଲକ୍ଷ୍ମୀ ମନୁଷ୍ୟ ଜଗତର ଏହି କ୍ଷେତ୍ରକୁ ପ୍ରତିନିଧିତ୍ୱ କରନ୍ତି । ତାଙ୍କର ଦୟାରେ ଆମେ ଆବଶ୍ୟକ ପରିମାଣର ଧନ ଓ ସମୃଦ୍ଧି ପାଇପାରିବା । ଏହି ଲକ୍ଷ୍ମୀ ସ୍ୱରୂପାଙ୍କର ୬ଟି ହସ୍ତ ଅଛି । ସେ ଲାଲ ଶାଢ଼ି ପରିଧାନ କରନ୍ତି । ପାଞ୍ଚଟି ହାତରେ ଯଥାକ୍ରମେ ଚକ୍ର, ଶଙ୍ଖ, ପବିତ୍ର କଳସ, ଧନୁତୀର ଓ ପଦ୍ମ ଧାରଣ କରିଥାନ୍ତି ।

ଧାନ୍ୟ ଲକ୍ଷ୍ମୀ : ଲକ୍ଷ୍ମୀଙ୍କର ତୃତୀୟ ସ୍ୱରୂପ ଖାଦ୍ୟଶସ୍ୟର ଦେବୀ ଧାନ୍ୟ ଲକ୍ଷ୍ମୀ । ଶରୀର ଓ ମନର ପୋଷଣ ଆବଶ୍ୟକତା ପରିପୂର୍ଣ୍ଣ କରନ୍ତି ଏହି ଲକ୍ଷ୍ମୀ । ସେ ମନୁଷ୍ୟକୁ କୃଷିଜାତ ଧନ ସହ ଶରୀରର ସମସ୍ତ ଆବଶ୍ୟକତା ପୂରଣ ପାଇଁ ପୋଷଣ ପ୍ରଦାନ କରନ୍ତି । ତାଙ୍କର ଦୟା ଥିଲେ କେବେ ଖାଦ୍ୟରେ ଅଭାବ ହୁଏନି । ଧାନ୍ୟଲକ୍ଷ୍ମୀ ସବୁଜ ବସ୍ତ୍ର ପରିହିତା, ଅଷ୍ଟଭୂଜା ବିଶିଷ୍ଟ । ସେ ଦୁଇ ହାତରେ ପଦ୍ମ ଧରିଥାନ୍ତି ।

ଗଜଲକ୍ଷ୍ମୀ : ହିନ୍ଦୁ ପୁରାଣ ଅନୁଯାୟୀ କ୍ଷୀର ସମୁଦ୍ର ମନ୍ଥନରୁ ଲକ୍ଷ୍ମୀ ଏହି ସ୍ୱରୂପରେ ଉଦ୍ଭବ ହୋଇଥିଲେ । ସେ ଜଳର ଈଶ୍ୱର ବରୁଣଙ୍କ ପୁତ୍ରୀ । ସମୁଦ୍ର ଗର୍ଭରେ ବିଭିନ୍ନ ହୋଇଯାଇଥିବା ଇନ୍ଦ୍ରଙ୍କର ସମ୍ପତ୍ତି ସବୁକୁ ଗଜଲକ୍ଷ୍ମୀ ପୁଣି ତାଙ୍କୁ ଫେରାଇ ଦେଇଥିଲେ । ଲକ୍ଷ୍ମୀଙ୍କର ଏହି ସ୍ୱରୂପ ଧନ, ସମୃଦ୍ଧି, ସୁଖ ପ୍ରାଚୁର୍ଯ୍ୟ ଓ ରାଜକୀୟତାର ପ୍ରଦାୟିନୀ ତଥା ସୁରକ୍ଷାକାରିଣୀ । ଲକ୍ଷ୍ମୀଙ୍କର ଏହି ସ୍ୱରୂପ ସବୁଠାରୁ ସୁନ୍ଦର ।

ସନ୍ତାନ ଲକ୍ଷ୍ମୀ : ମା' ଲକ୍ଷ୍ମୀଙ୍କର ଏହି ପଞ୍ଚମ ସ୍ୱରୂପ ପାରିବାରିକ ଜୀବନର ଧନ ସନ୍ତାନର ଦେବୀ । ତାଙ୍କ ଦୟାରେ ଦମ୍ପତି ସ୍ୱାସ୍ଥ୍ୟବାନ, ଦୀର୍ଘାୟୁ ସୁସନ୍ତାନ ପ୍ରାପ୍ତ ହୁଅନ୍ତି । ଏହି ଲକ୍ଷ୍ମୀ ଷଡ଼ଭୂଜା । ଦୁଇ ହାତରେ କଳସ ଧାରଣ କରିଥାନ୍ତି । ଗୋଟିଏ ହାତରେ ଖଡ଼୍ଗ ଓ ଅନ୍ୟଟିରେ ଢ଼ାଲଥାଏ । ଶେଷ ଦୁଇହାତ ଅଭୟ ଓ ବରଦ ମୁଦ୍ରାରେ ଥାନ୍ତି ।

ବୀରଲକ୍ଷ୍ମୀ : ଲକ୍ଷ୍ମୀଙ୍କର ଏହି ଷଷ୍ଠ ସ୍ୱରୂପ ସାହାସ, ଶକ୍ତି, କ୍ଷମତା ପ୍ରଦାନକାରିଣୀ । ଯୁଦ୍ଧରେ ବା ଜୀବନ ଯୁଦ୍ଧରେ ଆସୁଥିବା ବିପଦ ଓ ପ୍ରତିବନ୍ଧକକୁ ଅତିକ୍ରମ କରିବା ନିମନ୍ତେ ବଳ ପରାକ୍ରମ ଲାଭ ନିମନ୍ତେ ବୀରଲକ୍ଷ୍ମୀଙ୍କୁ ପୂଜା କରାଯାଏ । ଜୀବନରେ ସ୍ଥିରତା ପାଇଁ ମଧ୍ୟ ତାଙ୍କୁ ଆରଧନା କରାଯାଏ । ବୀରଲକ୍ଷ୍ମୀ ଅଷ୍ଟଭୂଜା ବିଶିଷ୍ଟ । ସେ ଲାଲ ରଙ୍ଗର ବସ୍ତ୍ର ପରିଧାନ କରନ୍ତି । ତାଙ୍କ ହାତରେ ଚକ୍ର ଶଙ୍ଖ, ଧନୁତୀର, ତ୍ରୀଶୂଳ ବା ଖଡ଼ଗ, ସ୍ୱର୍ଣ୍ଣଖଣ୍ଡ ବା ପୁସ୍ତକ ଶୋଭାପାଏ ।

ବିଦ୍ୟାଲକ୍ଷ୍ମୀ : ବିଦ୍ୟାର ଅର୍ଥ ଜ୍ଞାନ ଓ ଶିକ୍ଷା, ଏହା କେବଳ କଲେଜ ଓ ୟୁନିଭର୍ସିଟିର ସାର୍ଟିଫିକେଟ ନୁହେଁ ବରଂ ବାସ୍ତବିକ ଜ୍ଞାନ । ତେଣୁ ଲକ୍ଷ୍ମୀଙ୍କର ଏହି ସ୍ୱରୂପ କଳା ଓ ବିଜ୍ଞାନର ଜ୍ଞାନ ଦାନ କରନ୍ତି । ଜ୍ଞାନର ଦେବୀ ସରସ୍ୱତୀଙ୍କ ପରି ବିଦ୍ୟାଲକ୍ଷ୍ମୀ ଶୁଭ୍ରବସନା, ପଦ୍ମାସନା, ଚାରିଭୁଜା ଧାରିଣୀ । ତାଙ୍କର ଦୁଇଟି ହାତରେ ପଦ୍ମଫୁଲ ଶୋଭାପାଏ । ଅନ୍ୟ ଦୁଇ ହାତ ଅଭୟ ଓ ବରଦ ମୁଦ୍ରାରେ ଥାଏ ।

ବିଜୟ ଲକ୍ଷ୍ମୀ : ବିଜୟ ଅର୍ଥ ଜୟ କରିବା । ତେଣୁ ଏହି ସ୍ୱରୂପା ଲକ୍ଷ୍ମୀ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ବିଜୟର ପ୍ରତୀକ । କେବଳ ଯୁଦ୍ଧ ନୁହେଁ ପ୍ରତ୍ୟେକ ସଂଘର୍ଷ ଓ ଜୀବନ ଯୁଦ୍ଧରେ ବିଜୟରେ ପ୍ରତୀକ ବିଜୟ ଲକ୍ଷ୍ମୀ । ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ଜୟ କରିବା ପାଇଁ ବିଜୟଲକ୍ଷ୍ମୀଙ୍କ ଆରାଧନା କରାଯାଏ । ଦେବୀଙ୍କ ଏହି ସ୍ୱରୂପ ଅଷ୍ଟଭୂଜା ଧାରିଣୀ । ସେ ଲାଲ୍ ଶାଢ଼ି ପିନ୍ଧି ପଦ୍ମ ଉପରେ ଆସୀନ ହୋଇଥାନ୍ତି । ବାସିତା ବାଦ୍ୟନୁତେ କନକଧରାସ୍ତୁତି ବୈଭବ ବନ୍ଦିତା ଶଙ୍କରା ହେ ମଧୁସୂଦନ କାମିନୀ ବିଜୟଲକ୍ଷ୍ମୀ ପାଳୟମାମ୍ । ସ୍ତୋତ୍ରରେ ବିଜୟଲକ୍ଷ୍ମୀଙ୍କୁ ଆରାଧନା କରାଯାଏ ।

ପ୍ରତିରତ୍ନିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ଦୂରଭାଷ : ୯୪୩୭୦୫୧୯୫୭

# ଜୀବନର ଅଭିନୟ

ଦୁଷ୍ମନ୍ତ କୁମାର ସାହୁ

ସମାଜରେ ଆମେ ବହୁ ପ୍ରକାର ମନୁଷ୍ୟଙ୍କୁ ଦେଖୁ । ସେମାନଙ୍କ ମଧ୍ୟରୁ କେତେକଙ୍କ ସହିତ ଆମ ମନ ମିଶେ ତ ଆଉ କେତେକଙ୍କ ସହିତ ଆମ ମନ ମିଶେନାହିଁ । ଆମର ଶତ୍ରୁତା ହୋଇଥାଏ ମନ ନ ମିଶୁଥିବା ଲୋକଟି ସହିତ, ହୁଏତ ସେ ଆମର ମିତ୍ରତା ଅଥବା ସମ୍ପର୍କ ଚାହିଁ ପାରୁ ନଥାଏ । ଆଉ ଯେଉଁମାନଙ୍କ ସହିତ ମନ ଫାଟିଯାଏ, ଘୃଣା ଏବଂ ଅସୂୟା ସ୍ୱଭାବିକ ଭାବେ ତିଆରି ହୋଇଯାଏ । ଏପରି ଜୀବନ ଆଜିର ସମାଜରେ ଅନେକ କ୍ଷେତ୍ରରେ ଦେଖିବାକୁ ମିଳୁଛି । ତେବେ ମୂଳକଥାକୁ ଟିକିଏ ଭାବନ୍ତୁ ନା ବାସ୍ତବରେ ମଣିଷ ଭିତରେ ଏପରି ଭାବନା କାହିଁକି ଆସିଥାଏ ? ମନ ମେଳ ନ ହେବା ବା ନ ମିଶିବାର କାରଣ କ'ଣ ? ଆମ୍ଭେମାନେ ଅନେକ ସମୟରେ ଦୃଢ଼ ଓ ଦମ୍ଭ ସାମର୍ଥ୍ୟ ଦେଖାଉଥାଉ ଯେ ଆମେ ଅନେକ ଅସାଧ ସାଧନ କରିପାରିଛୁ । କିନ୍ତୁ ଆମ୍ଭେମାନେ ମୂଳ ଲକ୍ଷ୍ୟ ଠାରୁ ଯେ ଦୂରେଇ ଯାଇ ଆମ୍ଭମାନଙ୍କର ଇନ୍ଦ୍ରିୟମାନଙ୍କୁ ସଂଯମ କରିବାରେ ବିଫଳ ହୋଇଥାଉ ଏବଂ ଏହାକୁ ଲୁଚାଇବାକୁ ଚେଷ୍ଟା କରୁ । ମନଟି ଅତ୍ୟନ୍ତ ଚଗଲା, ମନ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଆସିପାରିବ ଯଦିଓ ଏହା ବଡ଼ ଆୟାସସାଧ୍ୟ । (ଶ୍ରୀମଦ୍ ଭାଗବତ ଗୀତା - ୬/୩୪,୩୫)ଭଗବାନ ଶ୍ରୀସତ୍ୟସାଇ ବାବା ତାଙ୍କର ଦିବ୍ୟ ସମ୍ଭାଷଣରେ ମଣିଷର ତିନୋଟି ରୂପକଥା ବ୍ୟାଖ୍ୟା କରିଛନ୍ତି । ସେହିଭଳି ସଂସାରକୁ ଆମେ ଯେତେବେଳେ ଦେଖୁଛେ ସାଧାରଣତଃ ମଣିଷମାନେ ହେଉଛନ୍ତି ତିନି ପ୍ରକାରର ବୋଲି ଉପଲବ୍ଧି ହୁଏ । ଏହା ନିଃସନ୍ଦେହ ଯେ ମଣିଷ ସମଜାତୀୟ ମଣିଷକୁ ହିଁ ଭଲ ପାଇଥାଏ । ଦର୍ଶନଶାସ୍ତ୍ର ଅନୁସାରେ ପ୍ରଥମ ଶ୍ରେଣୀର ମଣିଷଟି ହେଉଛି ପଶୁଜୀବନଧାରୀ । କିନ୍ତୁ ଜୀବନରେ ନୀତି, ନୈତିକତା, ଆଦର୍ଶ ଶୃଙ୍ଖଳାକୁ ଭଲ ଭାବରେ ଧରିଥିବା ମଣିଷ ହେଉଛନ୍ତି ଦ୍ୱିତୀୟ ଶ୍ରେଣୀର । ଯୋଗ, ଯଜ୍ଞ, ସାଧନାର ଉଚ୍ଚସ୍ତର ସ୍ଥାନରେ ପହଞ୍ଚି ଯାଇଥିବା ମନୁଷ୍ୟମାନେ ହେଉଛନ୍ତି ତୃତୀୟ ଶ୍ରେଣୀର । ଆମେ ଉଲ୍ଲେଖ କରିଥିବା ପ୍ରଥମ ଶ୍ରେଣୀର ମଣିଷମାନେ ଯେ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି ନାହିଁ ତାହା ନୁହେଁ; ସେମାନେ ଆଖିଠାରା ଈଶ୍ୱର ବିଶ୍ୱାସ କରନ୍ତି । ସେମାନେ ସର୍ବଦା ନିଜର ସ୍ୱାର୍ଥ ସାଧନ ଦିଗକୁ ଦେଖିଥାନ୍ତି । ପଶୁର ସ୍ୱଭାବ ଓ ପ୍ରବୃତ୍ତି ଯେପରି ସ୍ୱାର୍ଥ ଓ ଶ୍ରେଷ୍ଠ ହୋଇଥାଏ, ସେହିପରି ଏହି ମଣିଷମାନେ ଆଚରଣ କରିଥାନ୍ତି ।ବର୍ତ୍ତମାନର ସାଧାରଣ ମଣିଷର ଜୀବନଟିକୁ ଭଲ ଭାବେ ଦେଖନ୍ତୁ । ମଣିଷ ଭାବେ ଜନ୍ମ ହୋଇ ମଧ୍ୟ ପଶୁ ଜାତି ପରି କାର୍ଯ୍ୟସବୁ କରୁଛି । କେତେକ କ୍ଷେତ୍ରରେ ଦେଖାଯାଉଛି କିଛି ମଣିଷଙ୍କ କାର୍ଯ୍ୟ ବଣୁଆ ହାତୀ ପରି ଖାଇପିଇ, ଧସ୍ତାଧସ୍ତି ହୋଇ, ଦୌଡ଼ ଧପଡ଼ କରି ଆରଣ୍ୟକ ଜୀବନ ଯାପନ ସମ୍ପାଦନ କରୁଛି । କିନ୍ତୁ ସେ ପଶୁରାଜ ସିଂହ ସଦୃଶ ନିର୍ଭୟ ଓ ଅପରାଜେୟ ପ୍ରଭୁ ପରି ନିଜର ଯଶ ପ୍ରଚାର କରି ପାରୁନାହିଁ । ଅପରପକ୍ଷରେ ସେ ଆତ୍ମବଳରେ ବଳୀୟାନ୍ ହୋଇ ଭୟଶୂନ୍ୟ ଭାବରେ ବିହାର କରିବା ଉଚିତ । ଈଶ୍ୱରଙ୍କ ସେବା ଓ ପୂଜାକୁ ପଛରେ ପକାଇ ସଂସାରର ବିଷୟ ଭୋଗରେ ମାତି ଯାଆନ୍ତି ଏମାନେ । ପଶୁଜୀବନଧାରୀ ମନୁଷ୍ୟମାନଙ୍କର ଶେଷ ଗତି ହେଉଛି ନର୍କ । ଏମାନେ ଜୀବନର ଅନ୍ତଃକାଳରେ ନର୍କଯନ୍ତ୍ରଣା ହିଁ ଭୋଗିଥାଆନ୍ତି । ଏହି ପଶୁ ଜୀବନ ଜିଉଁଥିବା ମଣିଷ କେବଳ ଅର୍ଥ ଏବଂ ସ୍ୱାର୍ଥ ପଛରେ ହିଁ ଦୌଡ଼ିଥାଏ । ସେ ଯେତେବେଳେ ବୟସର ସନ୍ଧ୍ୟାକାଳରେ ପହଞ୍ଚିଯାଏ ତା'ର ଜୀବନଟି ହୋଇଯାଏ ଏକାନ୍ତ । କାହାରି ସାହଚର୍ଯ୍ୟ ବା ସହାୟତା ଏବଂ ସ୍ନେହ ଆଦୌ ମିଳିନଥାଏ ତାକୁ । କିନ୍ତୁ ଦ୍ୱିତୀୟ ପ୍ରକାରର ନୈତିକ ମାନବୀୟ ମୂଲ୍ୟବୋଧକୁ ଜୀବନର ଧର୍ମ ଓ କର୍ମଭାବରେ ଗ୍ରହଣ କରିଥାନ୍ତି ଯେଉଁମାନେ, ସେମାନେ ଈଶ୍ୱର ଭାବସମ୍ପନ୍ନ । ନୈତିକ ଚିନ୍ତନ ସହ ଜନମଙ୍ଗଳ କାର୍ଯ୍ୟ ପାଇଁ ସେମାନଙ୍କର ସବୁବେଳେ ସଯତ୍ନ ଓ ଦାୟିତ୍ୱ ରହିଥାଏ । ସେମାନେ ନିଜେ ସର୍ବନିମ୍ନ ସୁଖରେ ରହି ଅନ୍ୟମାନଙ୍କୁ ନିଜ ସୁଖରେ ସାମିଲ କରିଥାନ୍ତି । ଏହି ନୀତି ନୈତିକତାର ମନୁଷ୍ୟ ସମାଜର ସର୍ବାଙ୍ଗୀନ ମଙ୍ଗଳ ଇଚ୍ଛା କରିଥାଏ । ସଂସାରରୁ ସୁଖ ଖୋଜିବା, ଏହି ସୁଖକୁ ପୁଣି ଈଶ୍ୱରଙ୍କ ଦ୍ୱାରା ପ୍ରାପ୍ତ ହେଉଛି ବୋଲି ଜାଣିବା ଏବଂ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ବିଷୟରୁ ସୁଖ ସଂଗ୍ରହକରିବା ଉଦ୍ଦେଶ୍ୟରେ ଏହି ଲୋକମାନେ ପୂଜାର୍ଚ୍ଚନା କରିଥାଆନ୍ତି । ଅନ୍ତିମ ସମୟରେ ଏମାନଙ୍କୁ ସ୍ୱର୍ଗସୁଖ ପ୍ରାପ୍ତି ହୁଏ । ପୁଣ୍ୟ ଶେଷ ହେଲେ ପୁନର୍ବାର ଫେରିଆସନ୍ତି ମାତୃଗର୍ଭକୁ ।

ଏମାନେ ଆଜ୍ଞା ଚକ୍ରରେ ମନ- ପବନ ଓ ଚିତ୍ତକୁ ସ୍ଥିରକରି ସ୍ଥିତପ୍ରଜ୍ଞ ହୋଇଯାଆନ୍ତି । ସ୍ଥୁଳତଃ ଏମାନେ ପ୍ରତ୍ୟକ୍ଷରେ ଜଗତର କଲ୍ୟାଣ କଲାପରି ଜଣା ନଗଲେ ମଧ୍ୟ ଏହି ଯୋଗଜୀବନଧାରୀ ମନୁଷ୍ୟମାନଙ୍କର ଦୈବୀ ପ୍ରଭାବ ସୂକ୍ଷ୍ମ ଭାବରେ ପରୋକ୍ଷରେ ପଡ଼ିଥାଏ । ଜୀବନକୁ ଆନନ୍ଦମୟ, ଅନ୍ୟମାନଙ୍କ ପାଇଁ ପ୍ରେରଣୀୟ ଓ ପୂଜ୍ୟ ହୋଇଥିବା ଏହି ବର୍ଗର ଯୋଗୀ ଜୀବନଧାରୀମାନେ ପରମାତ୍ମାଙ୍କ ସହିତ ବିଲୀନ ହୋଇଯାଆନ୍ତି । ଦେହ ବନ୍ଧନରୁ ସେମାନେ ମୁକ୍ତ ହୋଇଥାଆନ୍ତି । ସେମାନଙ୍କର ପୁର୍ନଜନ୍ମ ଯାହା ଜନ୍ମମୃତ୍ୟୁର ଚକ୍ର ଭାବେ ବୁଝାଇଥାଏ ତାହା ସେମାନଙ୍କୁ ଭୋଗ କରିବାକୁ ପଡ଼ିନଥାଏ । ସେମାନେ ଅମୃତ ପୁରୁଷ ହୋଇଯାଆନ୍ତି ଯୁଗ ଯୁଗ ପାଇଁ ।

ପୁରୀ



# ଜାତିସଂଘରେ ପାକିସ୍ତାନକୁ କଡ଼ା ସ୍ୱରରେ ନିନ୍ଦା କଲା ଭାରତ

**ନୂଆଦିଲ୍ଲୀ,୨୫।୧୦(ଏଜେନ୍ସି):** ଜାତିସଂଘ ଭଳି ଆନ୍ତର୍ଜାତୀୟ ମଞ୍ଚ ବ୍ୟବହାର କରି ପାକିସ୍ତାନ ଅପପ୍ରଚାର କରୁଥିବା ଅଭିଯୋଗ କରିଛି ଭାରତ। ଏହା ପୁଣି ଦୋହରାଇଛି ଯେ, ଜମ୍ମୁ ଏବଂ କାଶ୍ମୀର ଭାରତର ଏକ ଅବିଚ୍ଛେଦ୍ୟ ଅଂଶ। ପାକିସ୍ତାନ ବେଆଇନ ଭାବେ ଦଖଲ କରିଥିବା ସମସ୍ତ ଅଞ୍ଚଳକୁ ଖାଲି କରିବା ଉଚିତ୍। ପାକିସ୍ତାନୀ ପ୍ରତିନିଧିମାନେ ସେମାନଙ୍କ ସେନାର ନିର୍ଦ୍ଦେଶ ପାଳନ କରିବା ଅପେକ୍ଷା ନିଜ ଲୋକଙ୍କ କଲ୍ୟାଣ ଉପରେ ଧ୍ୟାନ ଦେବା ଉଚିତ୍।ଭାରତ ମିଳିତ ଜାତିସଂଘ ସାଧାରଣ ପରିଷଦର ତୃତୀୟ କମିଟିରେ ପାକିସ୍ତାନରେ ସଂଖ୍ୟାଲଘୁଙ୍କ ସ୍ଥିତି ଉପରେ ମଧ୍ୟ ପ୍ରଶ୍ନ ଉଠାଇଛି। ଭାରତୀୟ ପ୍ରତିନିଧି ରଘୁ ପୁରୀ କହିଛନ୍ତି, ପାକିସ୍ତାନକୁ ନିଜର ନାଗରିକଙ୍କ କଲ୍ୟାଣ ଏବଂ ଦେଶରେ ରହୁଥିବା ହିନ୍ଦୁ ସଂଖ୍ୟାଲଘୁଙ୍କ ଅଧିକାର ଉପରେ ଧ୍ୟାନ ଦେବା




ଉଚିତ୍ ବୋଲି କହି ଆଇନା ଦେଖାଇଛି।ଭାରତର ବିବିଧ ସାଂସ୍କୃତିକ ଐତିହ୍ୟ, ଧାର୍ମିକ ସ୍ୱାଧୀନତା ଏବଂ ସାମ୍ବିଧାନିକ ବ୍ୟବସ୍ଥାକୁ ଉଦ୍ଧୃତ କରି ପୁରୀ କହିଥିଲେ ଯେ ଧାର୍ମିକ ଏବଂ ଭାଷାଗତ ସଂଖ୍ୟାଲଘୁଙ୍କ ଅଧିକାରକୁ ସୁରକ୍ଷା ଦେବା ପାଇଁ ସାମ୍ବିଧାନିକ ବ୍ୟବସ୍ଥା ରହିଛି। ସଂଖ୍ୟାଲଘୁ ସମ୍ପ୍ରଦାୟ ଭାରତର ଜାତୀୟ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛନ୍ତି ଏବଂ ସରକାର ଏବଂ ପ୍ରମୁଖ ପ୍ରତିଷ୍ଠାନରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଛନ୍ତି।ଜାତିସଂଘ ସାଧାରଣ ପରିଷଦର ତୃତୀୟ କମିଟିରେ ସଂଖ୍ୟାଲଘୁଙ୍କ ପ୍ରସଙ୍ଗରେ ଆଲୋଚନା ସମୟରେ, ଭାରତର ସ୍ଥାୟୀ ମିଶନର ପ୍ରଥମ ସଚିବ ରଘୁ ପୁରୀ ପାକିସ୍ତାନର ଆଭିମୁଖ୍ୟ ଉପରେ ଆପତ୍ତି ଉଠାଇ କହିଛନ୍ତି ଯେ, ପାକିସ୍ତାନ ଭାରତ ବିରୋଧରେ ଅପପ୍ରଚାର କରିବା ପାଇଁ ଜାତିସଂଘ ଭଳି ମଞ୍ଚକୁ ବାରମ୍ବାର ବ୍ୟବହାର କରୁଛି।

# ମୁଁ ମୋର ଦେଶବାସୀଙ୍କ ପ୍ରୟାସକୁ ନିକଟରୁ ବୁଝିପାରୁଛି

**ନୂଆଦିଲ୍ଲୀ,୨୫।୧୦(ଏଜେନ୍ସି):**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ କି ବାତ ମାସିକ ରେଡିଓ କାର୍ଯ୍ୟକ୍ରମର ୧୩୯ତମ ଏପିସୋଡ୍‌ରେ କହିଛନ୍ତି, ୧୨ ବର୍ଷ ପୂର୍ବେ ବିଜୟାଦଶମୀର ପବିତ୍ର ଅବସରରେ, ଆମେ ମନ କି ବାତ ଆରମ୍ଭ କରିଥିଲୁ। ସେବେଠାରୁ, ଆମର ଯାତ୍ରା ବିନା ବାଧାରେ ଜାରି ରହିଛି। ଆପଣମାନେ ସମସ୍ତେ ଏହି ଯାତ୍ରାରେ ମୋର ସାଥୀ ଏବଂ ମାର୍ଗଦର୍ଶକ ହୋଇ ଆସିଛନ୍ତି। ମୋ ପାଇଁ ମନ କି ବାତ ଆମ ଦେଶର ସାଧାରଣ ଲୋକଙ୍କ କଠିନ ପରିଶ୍ରମ, ସାହସ, ଦୃଢ଼ ସଂକଳ୍ପ, ସମର୍ପଣ ଏବଂ ସେବା ମନୋଭାବକୁ ପାଳନ କରିବାର ଏକ ସୁନ୍ଦର ସୁଯୋଗ ହୋଇଛି। ଆମ ଦେଶରେ ଶତାବ୍ଦୀ ଧରି ତୀର୍ଥଯାତ୍ରାର ପରମ୍ପରା ରହିଆସିଛି। ମୋ ପାଇଁ, ମନ କି ବାତ ଏକ ତୀର୍ଥଯାତ୍ରାଠାରୁ କମ୍ ନୁହେଁ - ଏହା ଏକ ଯାତ୍ରା ଯାହା ମାଧ୍ୟମରେ ମୁଁ ମୋର ଦେଶବାସୀଙ୍କ ପ୍ରୟାସକୁ ନିକଟରୁ ବୁଝିପାରୁଛି ଏବଂ ସେମାନଙ୍କ ଅବଦାନ ପ୍ରତି ମୋର ସମ୍ମାନ ପ୍ରକାଶ କରିପାରୁଛି।ପ୍ରଧାନମନ୍ତ୍ରୀ କପା ଚାଷ ସମ୍ପର୍କରେ ଲୋକଙ୍କୁ ବିଶେଷ ଗୁରୁତ୍ୱ ଦେଇ କହିଛନ୍ତି ଯେ ପଞ୍ଜାବରେ 'ଖେତି ବିରାସତ ମିଶନ' ନାମକ ଏକ ସଂଗଠନ ଜୈବିକ ଏବଂ ପାରମ୍ପରିକ କୃଷି ପଦ୍ଧତିକୁ ନୂତନ ଜୀବନ ଦେବା ଆରମ୍ଭ କରିଛି। ଏହି ଦଳର ଲୋକମାନେ ପଞ୍ଜାବର ମାଲୱା ଅଞ୍ଚଳରେ କପା ପ୍ରାକୃତିକ ଚାଷକୁ ପ୍ରୋତ୍ସାହିତ



କରିବାକୁ ଚାହୁଁଥିଲେ। ଏହି ପଦକ୍ଷେପର ନାମ 'ନବ-ତ୍ରିଞ୍ଜନ' ରଖାଯାଇଛି।ଏହି ପଦକ୍ଷେପ ଅନ୍ତର୍ଗତ ରାସାୟନିକ ପଦାର୍ଥ ବ୍ୟବହାର ନକରି ଜୈବିକ କପା ଚାଷ କରାଯାଏ। ପ୍ରାକୃତିକ ରଙ୍ଗ ସହିତ କପା ମଧ୍ୟ ଏଠାରେ ଚାଷ କରାଯାଏ, ଯାହା ଫଳରେ ଏଥିରୁ ଉତ୍ପାଦିତ ସୂତା ଏବଂ କପଡ଼ାକୁ ରଙ୍ଗ କରିବା ପାଇଁ ଅତିରିକ୍ତ ରାସାୟନିକ ପଦାର୍ଥର ଆବଶ୍ୟକତା ଦୂର ହୋଇଥାଏ। ଏହା ଯୋଗୁଁ ବିଶାଳ ପରିବେଶଗତ ପ୍ରଭାବ ଅନୁଭୂତ ହେଉଛି।ପ୍ରାକୃତିକ ଜଳ ଉତ୍ସଗୁଡ଼ିକର ପୁନରୁଦ୍ଧାର ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ଉତ୍ତରାଖଣ୍ଡର ହେୱାଲ ନଦୀ ସମ୍ପର୍କରେ ଉଲ୍ଲେଖ କରି କହିଛନ୍ତି, ପୂର୍ବରୁ ହେୱାଲ ନଦୀର ପାଣି ଶୁଖିବା ଆରମ୍ଭ କରିଥିଲା, ଏପରି ପରିସ୍ଥିତିରେ ପ୍ରଶାସନ ଏବଂ ସ୍ଥାନୀୟ ଲୋକଙ୍କ ସହାୟତାରେ ହେୱାଲ ନଦୀକୁ ଏକ ନୂତନ ଜୀବନ ମିଳିଥିଲା। ଯେତେବେଳେ ସମାଜ ଏପରି ପ୍ରୟାସ କରେ, ପରିବର୍ତ୍ତନ ବହୁତ ଭଲ ହୋଇଥାଏ।ଭୋକାଲ୍ ଫର୍ ଲୋକାଲ୍ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ବିହାରର ମଖାନା ଏବଂ କର୍ଣ୍ଣାଟକର ହରଡ଼ ଡାଲିକୁ ସାରା ବିଶ୍ୱରେ ନୂତନ ବଜାର ମିଳିଛି। ମହାରାଷ୍ଟ୍ରର ଆଦିବାସୀ ଉତ୍ପାଦଗୁଡ଼ିକ ଆଦିବାସୀ କଳାର ସମୃଦ୍ଧିକୁ ପ୍ରତିଫଳିତ କରୁଥିବା ପ୍ୟାକେଜିଂ ମାଧ୍ୟମରେ ପରିଚିତି ପାଇଛନ୍ତି। ଖଦି ଲୋକପ୍ରିୟତା ହାସଲ କରିଛି। ଯେଉଁ କାରିଗରମାନଙ୍କର ହସ୍ତଶିଳ୍ପ ଆମର ପରମ୍ପରାକୁ ଜୀବନ୍ତ ରଖିଛି ସେମାନଙ୍କୁ ଏହା ସମର୍ଥନ କରୁଛି।

# ପୁଣି ମୁହାଁମୁହିଁ ଶିବକୁମାର ଓ ସିଦ୍ଧରମୈୟା

**ନୂଆଦିଲ୍ଲୀ,୨୫।୧୦(ଏଜେନ୍ସି):** କର୍ଣ୍ଣାଟକ ରାଜନୀତିରେ ସଂପ୍ରତି ଷ୍ଟିଙ୍ଗ ଅପରେସନ ଚର୍ଚ୍ଚାର ବିଷୟ ପାଲଟିଛି। ଷ୍ଟିଙ୍ଗ ଅପରେସନକୁ ନେଇ ପରୋକ୍ଷରେ ମୁହାଁମୁହିଁ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ଶିବକୁମାର ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା। ସିଦ୍ଧରମୈୟାଙ୍କୁ ନେଇ ଏହି ଷ୍ଟିଙ୍ଗ ଅପରେସନ ହୋଇଥିବା କୁହାଯାଉଛି। କିନ୍ତୁ ଏହାକୁ ଫେକ୍ ବୋଲି କହିଛନ୍ତି ଶିବକୁମାରଙ୍କ କ୍ୟାବିନେଟ ମନ୍ତ୍ରୀ ତଥା ସିଦ୍ଧରମୈୟାଙ୍କ ପୁଅ ଯତୀନ୍ଦ୍ର। ତାଙ୍କ କହିବା କଥା ବାପାଙ୍କ ଭାବମୂର୍ତ୍ତି କ୍ଷୁର୍ଣ୍ଣ ପାଇଁ ଏମିତି ହୀନ ପ୍ରୟାସ କରାଯାଇଛି। ସେ ଏହା ମଧ୍ୟ କହିଛନ୍ତି ଯେ, ୨୦୨୩ରେ 'ପାୱାର ଟିଭି'ର ଏମଡି ରାକେଶ ସେଟ୍ଟୀଙ୍କ ଦ୍ୱାରା ପ୍ରସ୍ତୁତ ଏହି କଥିତ ଷ୍ଟିଙ୍ଗ ଅପରେସନ ପଛରେ କିଛି କଂଗ୍ରେସ ନେତାଙ୍କ ମଧ୍ୟ ହାତ ରହିଛି। ତେବେ ଏହି ଘଟଣା କର୍ଣ୍ଣାଟକ ରାଜ୍ୟ କଂଗ୍ରେସର ଚିନ୍ତାକୁ ବଢାଇ ଦେଇଛି।ଶିବକୁମାରଙ୍କ ଘନିଷ୍ଠ କୁହାଯାଉଥିବା ରାକେଶ ସେଟ୍ଟୀଙ୍କୁ ବେଙ୍ଗାଲୁରୁର ଏକ ସ୍ଥାନୀୟ ଅଦାଲତରୁ ଅନ୍ତରୀଣ ଜାମିନ ମିଳିଛି। କିନ୍ତୁ ଯତୀନ୍ଦ୍ର ଅଭିଯୋଗ କରିଛନ୍ତି ଯେ, କିଛି କଂଗ୍ରେସୀ ଲୋକ ସେଟ୍ଟୀଙ୍କ ସହ ସଂପୃକ୍ତ ଅଛନ୍ତି। ସେ ଜଣେ ମହିଳା କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କ ଆଡ଼କୁ ଇସାରା କରି ଦାବି କରିଛନ୍ତି ଯେ, ମହିଳା ଜଣକ ୨୦୨୩ ବିଧାନସଭା ନିର୍ବାଚନରେ ପୁତ୍ତୁର ସିଟରୁ ଟିକେଟ୍ ଚାହୁଁଥିଲେ। ହେଲେ ଟିକେଟ୍ ନ ମିଳିବାରୁ ବାପା ସିଦ୍ଧରମୈୟାଙ୍କ ବିରୋଧରେ ଏମିତି ଷଡ଼ଯନ୍ତ୍ର ରଚା ଯାଇଛି।ଯତୀନ୍ଦ୍ର କହିଛନ୍ତି, ଏହି ଘଟଣାକୁ ନେଇ ତାଙ୍କ ବାପା ମଧ୍ୟ ବହୁତ ଚିନ୍ତିତ ଅଛନ୍ତି। ଏହି ଘଟଣାରେ ତାଙ୍କ ଚରିତ୍ରକୁ ମଳିନ କରାଯାଇଛି। ୪୦ ବର୍ଷର ସାର୍ବଜନୀନ ଜୀବନରେ ବାପାଙ୍କ ଉପରେ କୌଣସି ଦାଗ ଲାଗି ନାହିଁ। କିନ୍ତୁ ତାଙ୍କ ରାଜନୈତିକ ଜୀବନର ଶେଷ ପାହାଚରେ ଏମିତି ଅଭାବନୀୟ ଘଟଣା ଘଟିଛି। କିନ୍ତୁ ସତ୍ୟ ଆମ ସହିତ ରହିଛି ଏବଂ ଯେଉଁ ଅଭିଯୋଗ ଲଗାଯାଇଛି ତାର ଯାଞ୍ଚ ପରେ ସତ୍ୟାସତ୍ୟ ସାମ୍ନାକୁ ଆସିବ।ବିରୋଧୀ ବିଜେପି ଓ ଏହାର ସହଯୋଗୀ ଜେଡିଏସ ଏହି ଷ୍ଟିଙ୍ଗ ଭିଡିଓ ବିବାଦର ଫାଇଦା ନେବାକୁ ଚେଷ୍ଟା କରୁଛନ୍ତି। ଜେଡିଏସ ନେତା ତଥା କେନ୍ଦ୍ର ମନ୍ତ୍ରୀ ଏଚଡି କୁମାରସ୍ୱାମୀ ନିକଟରେ କହିଥିଲେ ଯେ, ସିଦ୍ଧରମୈୟାଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବା ପାଇଁ ଏକ ସୁନିୟୋଜିତ ଷଡ଼ଯନ୍ତ୍ର ରଚାଯାଇଥିଲା। ଏହା ପଛରେ ଯେଉଁ ଲୋକେ ଅଛନ୍ତି, ସେମାନେ କଂଗ୍ରେସ ହାଇକମାଣ୍ଡଙ୍କୁ ଭ୍ରମିତ କରିଛନ୍ତି। ସେ ଶିବକୁମାରଙ୍କୁ କର୍ଣ୍ଣାଟକର 'ଷ୍ଟିଙ୍ଗ କିଙ୍ଗ'ର ଆଖ୍ୟା ଦେଇଛନ୍ତି।କୁମାରସ୍ୱାମୀ ସିଦ୍ଧରମୈୟାଙ୍କ ସମର୍ଥନ କରି କହିଛନ୍ତି, ଏହି ମାମଲାରେ ମୁଖ୍ୟମନ୍ତ୍ରୀ ଶିବକୁମାର ସ୍ପଷ୍ଟ କରନ୍ତୁ। ଯଦ୍ୱାରା ଗୁଜବ ଜରିଆରେ ସିଦ୍ଧରମୈୟାଙ୍କ ଛବି ଯେମିତି ମଳିନ ପଡ଼ିଛି, ତାହା ରୋକା ଯାଇ ପାରିବ। ଏହି ପ୍ରସଙ୍ଗରେ ଶୁକ୍ରବାର ସିଦ୍ଧରମୈୟା କହିଥିଲେ ଯେ, ମୋତେ କାହାର ସମର୍ଥନର ଆବଶ୍ୟକତା ନାହିଁ।

# ୟୁକ୍ରେନ ଷ୍ଟାରଲିଙ୍କର ଅପବ୍ୟବହାର କରିଛି

**ନୂଆଦିଲ୍ଲୀ,୨୫।୧୦(ଏଜେନ୍ସି):**ଆମେରିକୀୟ ଶିଳ୍ପପତି ଏବଂ ସ୍ପେସଏକ୍ସ ମୁଖ୍ୟ ଏଲନ ମସ୍କ ଦାବି କରିଛନ୍ତି ଯେ, ୟୁକ୍ରେନୀୟ ସେନା ଷ୍ଟାରଲିଙ୍କକୁ ବ୍ୟବହାର କରି ଲୋକଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେଡ୍ରୋନ୍ ଆକ୍ରମଣ କରୁଛି। ସେ କହିଛନ୍ତି, ଏହା ଷ୍ଟାରଲିଙ୍କ ସେବା ସର୍ତ୍ତାବଳୀ ବିରୋଧରେ ଏବଂ ଗତ ସପ୍ତାହରେ ଏହି ବୈଶିଷ୍ଟ୍ୟରେ ଥିବା ତ୍ରୁଟିକୁ ସଂଶୋଧନ କରାଯାଇଥିଲା। ମସ୍କଙ୍କ ଅନୁଯାୟୀ, ଷ୍ଟାରଲିଙ୍କ ଏକ ବାଣିଜ୍ୟିକ ସେବା ଏବଂ ଏପରି ଆକ୍ରମଣ ପାଇଁ ଏହାକୁ ବ୍ୟବହାର କରାଯିବା ଉଚିତ୍ ନୁହେଁ। ତେବେ ସେ ଏହା ମଧ୍ୟ ସ୍ୱୀକାର କରିଛନ୍ତି ଯେ, ରୁଷ ସହିତ ଯୁଦ୍ଧରେ ୟୁକ୍ରେନର ପ୍ରତିରକ୍ଷା ପାଇଁ ଷ୍ଟାରଲିଙ୍କ ଅତ୍ୟାବଶ୍ୟକ।ମସ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ ନିଜର ମତ ପ୍ରକାଶ କରି କହିଛନ୍ତି, ଷ୍ଟାରଲିଙ୍କ ବ୍ୟକ୍ତି ଏବଂ ପ୍ରତିଷ୍ଠାନର ଯୋଗାଯୋଗ ଆବଶ୍ୟକତା ପୂରଣ କରିବା ପାଇଁ ଡିଜାଇନ୍ କରାଯାଇଥିଲା। ଏହାକୁ ଆକ୍ରମଣାତ୍ମକ ଡ୍ରୋନ୍ ଆକ୍ରମଣ ପାଇଁ ବ୍ୟବହାର କରିବା ଉପଯୁକ୍ତ ନୁହେଁ। ୟୁକ୍ରେନୀୟ ସେନା ସେବାର ସର୍ତ୍ତାବଳୀ ଉଲ୍ଲଂଘନ କରିଛି ଏବଂ ଲୋକଙ୍କୁ ହତ୍ୟା କରିବା ପାଇଁ ଏହାକୁ ବ୍ୟବହାର କରିଛି। ମସ୍କ ଦାବି କରିଛନ୍ତି,





ଏହି ତ୍ରୁଟି ଗତ ସପ୍ତାହରେ ସମାଧାନ କରାଯାଇଛି।ମସ୍କ ଷ୍ଟାରଲିଙ୍କ ଏବଂ ଷ୍ଟାରସିଲ୍ଡକୁ ଦୁଇଟି ପୃଥକ ସିଷ୍ଟମ ଭାବରେ ବର୍ଣ୍ଣନା କରିଛନ୍ତି। ତାଙ୍କ ଅନୁସାରେ, ଷ୍ଟାରଲିଙ୍କ ଏକ ବାଣିଜ୍ୟିକ ସାଟେଲାଇଟ୍ ଇଣ୍ଟରନେଟ୍ ସେବା, ଯେତେବେଳେ ଷ୍ଟାରସିଲ୍ଡ ଆମେରିକା ସରକାରଙ୍କ ନିୟନ୍ତ୍ରଣରେ ଏକ ପୃଥକ ସିଷ୍ଟମ। ଷ୍ଟାରସିଲ୍ଡ କିପରି ବ୍ୟବହାର କରାଯିବ ତାହା ଆମେରିକା ସରକାରଙ୍କ ନିଷ୍ପତ୍ତି। ମସ୍କଙ୍କ ମନ୍ତବ୍ୟ ଉଭୟ ସିଷ୍ଟମର ଭୂମିକା ଏବଂ ସାମରିକ ବ୍ୟବହାର ବିଷୟରେ ବିତର୍କ ସୃଷ୍ଟି କରିଛି।ମସ୍କ କହିଛନ୍ତି ଯେ, ଷ୍ଟାରଲିଙ୍କ ୟୁକ୍ରେନର ସୁରକ୍ଷା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତାଙ୍କ ଦାବି ଅନୁଯାୟୀ, ବର୍ତ୍ତମାନ ଏହା ଏକ ଯୋଗାଯୋଗ ମାଧ୍ୟମ ଯାହାକୁ ଅଟକାଇବା କିମ୍ବା ସମ୍ପୂର୍ଣ୍ଣ ନଷ୍ଟ କରିବା ବହୁତ କଷ୍ଟକର। ସେ ଚେତାବନୀ ଦେଇଛନ୍ତି, ଯଦି ୟୁକ୍ରେନରେ ଷ୍ଟାରଲିଙ୍କ ସେବା ବନ୍ଦ କରାଯାଏ, ତେବେ ସେଠାରେ ସେନାର ଆଗ ଧାଡ଼ିର ପରିସ୍ଥିତି ଦ୍ରୁତ ଗତିରେ ଖରାପ ହୋଇପାରେ। ମସ୍କ ଏହା ମଧ୍ୟ ମନେ ପକାଇ କହିଛନ୍ତି, ଯୁଦ୍ଧର ପ୍ରାରମ୍ଭିକ ଦିନରେ ରୁଷ ୟୁକ୍ରେନର ଯୋଗାଯୋଗ ନେଟୱାର୍କକୁ ଟାର୍ଗେଟ କରିଥିଲା। ଏପରି ସମୟରେ, ଷ୍ଟାରଲିଙ୍କ ୟୁକ୍ରେନକୁ ପାରସ୍ପରିକ ଯୋଗାଯୋଗ ବଜାୟ ରଖିବାରେ ସାହାଯ୍ୟ କରିଥିଲା।ମସ୍କ ରୁଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ସଂଘର୍ଷ ଉପରେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ ସେମାନଙ୍କୁ ସମାଲୋଚନା କରିଛନ୍ତି, ସେମାନେ ଯୁଦ୍ଧ ଜାରି ରଖିବା ବିଷୟରେ କଥାବାର୍ତ୍ତା କରନ୍ତି କିନ୍ତୁ ଏହାର ବ୍ୟବହାରିକ ସମାଧାନ ପ୍ରଦାନ କରନ୍ତି ନାହିଁ। ମସ୍କ କହିଛନ୍ତି ଯେ, ସେ ସେମାନଙ୍କୁ ଘୃଣା କରନ୍ତି ଯେଉଁମାନେ ନିରନ୍ତର ରକ୍ତପାତକୁ ପ୍ରୋତ୍ସାହିତ କରନ୍ତି। ତାଙ୍କର ମନ୍ତବ୍ୟ ସ୍ପଷ୍ଟ ଭାବରେ ଦର୍ଶାଉଛି, ସେ ଯୁଦ୍ଧ ପ୍ରତି ତାଙ୍କର ପୁରୁଣା ବିରୋଧ ଉପରେ ନିଜର ମତ ବଜାୟ ରଖିଛନ୍ତି। ସେ ଆମେରିକୀୟ ସହାୟତା ସମ୍ପର୍କରେ ମଧ୍ୟ ଅଭିଯୋଗ ଆଣିଛନ୍ତି। ରୁଷ ବିରୋଧରେ ଯୁଦ୍ଧରେ ୟୁକ୍ରେନକୁ ଦିଆଯାଉଥିବା କିଛି ଆର୍ଥିକ ସହାୟତା ବିଭିନ୍ନ ମାଧ୍ୟମରେ ଆମେରିକାକୁ ଫେରସ୍ତ କରାଯାଉଛି। ସେ ଅଭିଯୋଗ କରିଛନ୍ତି ଯେ, ଏହି ଟଙ୍କା କିଛି ରାଜନେତାଙ୍କ ରାଜନୈତିକ ଅଭିଯାନକୁ ଆର୍ଥିକ ସହାୟତା ଦେବା ପାଇଁ ବ୍ୟବହୃତ ହେଉଛି। ତେବେ ଏହି ଅଭିଯୋଗଗୁଡ଼ିକୁ ସମର୍ଥନ କରିବା ପାଇଁ ସେ ତାଙ୍କ ପୋଷ୍ଟରେ କୌଣସି ଠୋସ୍ ପ୍ରମାଣ ଉପସ୍ଥାପନ କରି ନାହାନ୍ତି।

# ୟୁରୋପରେ ବଢୁଛି ଭାରତୀୟ ଅସ୍ତ୍ରର ଚାହିଦା

**ନୂଆଦିଲ୍ଲୀ,୨୫।୧୦(ଏଜେନ୍ସି):** ବିଶ୍ୱ ପ୍ରତିରକ୍ଷା ବଜାରରେ ବଢୁଛି ଭାରତର ଦବଦବା। ଯେଉଁ ଭାରତ ଦିନେ ବିଦେଶରୁ ଅସ୍ତ୍ରଶସ୍ତ୍ର କିଣିବା ଉପରେ ନିର୍ଭର କରୁଥିଲା, ଏବେ ସେହି ଭାରତ ବିଶ୍ୱର ବଡ଼ ବଡ଼ ଦେଶକୁ ଅସ୍ତ୍ରଶସ୍ତ୍ର ଯୋଗାଉଛି। ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହଙ୍କ ସୂଚନା ଅନୁଯାୟୀ, ୟୁରୋପକୁ ଅସ୍ତ୍ରଶସ୍ତ୍ର ରପ୍ତାନି କରୁଥିବା ଦେଶମାନଙ୍କ ମଧ୍ୟରେ ଭାରତ ଏବେ ତୃତୀୟ ସ୍ଥାନରେ ପହଞ୍ଚିଛି। ଏହା ଦେଶର ପ୍ରତିରକ୍ଷା ଶିଳ୍ପ ପାଇଁ ଏକ ବଡ଼ ସଫଳତା ବୋଲି କୁହାଯାଉଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତ ରେକର୍ଡ ୩୮ ହଜାର ୪୨୪ କୋଟି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ ରପ୍ତାନି କରିଛି। ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଏହା ୬୨.୬୬ ପ୍ରତିଶତ ଅଧିକ। ଏହି ସଫଳତା ପଛରେ ସରକାରୀ ଉଦ୍ୟୋଗ ସହ ଘରୋଇ କମ୍ପାନୀଗୁଡ଼ିକର ମଧ୍ୟ ବଡ଼ ଅବଦାନ ରହିଛି। ୨୦୨୨ରେ ରୁଷ୍ ?ର ୟୁକ୍ରେନ ଆକ୍ରମଣ ପରେ ୟୁରୋପୀୟ ଦେଶଗୁଡ଼ିକ ନିଜର ସାମରିକ ଶକ୍ତି ବୃଦ୍ଧି କରିବାରେ ଲାଗିପଡ଼ିଛନ୍ତି। ବିଶେଷକରି ଗୋଳାବାରୁଦ, ତୋପ ଗୋଳା, ମୋର୍ଟାର ଏବଂ ବିସ୍ଫୋରକ ସାମଗ୍ରୀର ଚାହିଦା ବ୍ୟାପକ ଭାବେ ବଢ଼ିଛି। ୟୁରୋପର ଏହି ବର୍ଦ୍ଧିତ ଚାହିଦା ଭାରତୀୟ ପ୍ରତିରକ୍ଷା



କମ୍ପାନୀଗୁଡ଼ିକ ପାଇଁ ନୂଆ ସୁଯୋଗ ସୃଷ୍ଟି କରିଛି।ୟୁରୋପୀୟ ସଂଘର 'ରିଆର୍ମ ୟୁରୋପ' କାର୍ଯ୍ୟକ୍ରମ ମଧ୍ୟ ଭାରତର ରପ୍ତାନି ବୃଦ୍ଧିରେ ସହାୟକ ହୋଇଛି। ଅନେକ ୟୁରୋପୀୟ ଦେଶର ପୁରୁଣା ଅସ୍ତ୍ରଶସ୍ତ୍ର ଭଣ୍ଡାର କମିଯାଇଥିବାରୁ ନୂଆ ଯୋଗାଣକାରୀଙ୍କ ଆବଶ୍ୟକତା ବଢ଼ିଛି। ଏହି ସୁଯୋଗକୁ ବ୍ୟବହାର କରି ଭାରତ ନିଜର ପ୍ରତିରକ୍ଷା ସାମଗ୍ରୀ ୟୁରୋପୀୟ ବଜାରକୁ ପଠାଉଛି। ଅନ୍ୟପଟେ 'ମେକ୍ ଇନ୍ ଇଣ୍ଡିଆ' ଏବଂ 'ଆତ୍ମନିର୍ଭର ଭାରତ' ଅଭିଯାନ ଦେଶର ପ୍ରତିରକ୍ଷା ଉତ୍ପାଦନକୁ ନୂଆ ଦିଗ ଦେଇଛି। ଏବେ ଭାରତ କେବଳ ଛୋଟ ଅସ୍ତ୍ରଶସ୍ତ୍ର ନୁହେଁ, କ୍ଷେପଣାସ୍ତ୍ର ପ୍ରଣାଳୀ, ତୋପ ଏବଂ ଅନ୍ୟାନ୍ୟ ଆଧୁନିକ ସାମରିକ ଉପକରଣ ମଧ୍ୟ ରପ୍ତାନି କରୁଛି। ବର୍ତ୍ତମାନ ୮୦ରୁ ଅଧିକ ଦେଶରେ ଭାରତୀୟ ପ୍ରତିରକ୍ଷା ସାମଗ୍ରୀ ପହଞ୍ଚୁଛି।ତେବେ ଆଗାମୀ ଦିନରେ ଆନ୍ତର୍ଜାତୀୟ ମାନଦଣ୍ଡ ଅନୁସାରେ ଗୁଣବତ୍ତା ବଜାୟ ରଖିବା, ଠିକ୍ ସମୟରେ ଅସ୍ତ୍ରଶସ୍ତ୍ର ଯୋଗାଇବା ଏବଂ ବିଶ୍ୱ ବଜାରରେ ପ୍ରତିଯୋଗିତାର ସାମ୍ନା କରିବା ଭାରତ ପାଇଁ ବଡ଼ ଆହ୍ୱାନ ହେବ। ତଥାପି ପ୍ରତିରକ୍ଷା ଉତ୍ପାଦନରେ ଏହି ଅଭିବୃଦ୍ଧି ଭାରତକୁ ଏକ ପ୍ରମୁଖ ବିଶ୍ୱସ୍ତରୀୟ ଅସ୍ତ୍ରଶସ୍ତ୍ର ରପ୍ତାନିକାରୀ ଭାବେ ପ୍ରତିଷ୍ଠିତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି।

# ଟାରିଫ୍ ଛାଡ଼ ସତ୍ତ୍ୱେ ଭାରତ-ଆମେରିକା ସମ୍ପର୍କରେ ତିକ୍ତତା

**ନୂଆଦିଲ୍ଲୀ,୨୫।୧୦(ଏଜେନ୍ସି):** ଆମେରିକା ଓ ଭାରତ ମଧ୍ୟରେ ସମ୍ପର୍କରେ ଦେଖାଦେଇଥିବା ତିକ୍ତତାକୁ କିଛିଟା କମାଇବା ପାଇଁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବଡ଼ ପଦକ୍ଷେପ ନେଇଛନ୍ତି । ରୁଷଠାରୁ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ୧୦୦ ପ୍ରତିଶତ ଅତିରିକ୍ତ ଟାରିଫ୍ ଲଗାଇବା ପାଇଁ ପ୍ରସ୍ତାବିତ ବିଲ୍‌କୁ ଏବେ ପାଇଁ କାର୍ଯ୍ୟକାରୀ ନକରିବାକୁ ଟ୍ରମ୍ପ ପ୍ରଶାସନ ନିଷ୍ପତ୍ତି ନେଇଛି । ଏହି ବିଲ୍‌ର ନାଁ ହେଉଛି 'ଲିଣ୍ଡସେ ଓ. ଗ୍ରାହାମ୍ ସାଙ୍କସନିଂ ରୁଷିଆ ଆଣ୍ଡ ଇରାନ୍? ଆକ୍ଟ ଅଫ୍ ୨୦୨୬' ।ଏହି ଆଇନ କାର୍ଯ୍ୟକାରୀ ହୋଇଥିଲେ ରୁଷଠାରୁ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ବଡ଼ ଆର୍ଥିକ ଚାପ ପଡ଼ିଥାଆନ୍ତା। ଏହାର ସବୁଠାରୁ ଅଧିକ ପ୍ରଭାବ ଭାରତ ଉପରେ ପଡ଼ିବାର ଆଶଙ୍କା ଥିଲା । ଏପରି ସ୍ଥିତିରେ ଦୁଇ ଦେଶର ସମ୍ପର୍କ ଆହୁରି ଖରାପ ହୋଇପାରିଥାଆନ୍ତା । ତେବେ ଟାରିଫ୍ ନେଇ ତୁରନ୍ତ ବିପଦ ଟଳିଥିଲେ ମଧ୍ୟ ଭାରତ ଓ ଆମେରିକା ମଧ୍ୟରେ ସବୁକିଛି ଠିକ୍ ? ହୋଇଯାଇନାହିଁ । ଟ୍ରମ୍ପଙ୍କ ବଦଳୁଥିବା ବୟାନ ଓ ନୀତିକୁ ନେଇ ଭାରତୀୟ ଅଧିକାରୀଙ୍କ ମନରେ ଅବିଶ୍ୱାସ ବଢୁଥିବା କୁହାଯାଉଛି । ବାଣିଜ୍ୟ, ଟାରିଫ୍ ଓ ଅନ୍ତର୍ଜାତୀୟ ବାଣିଜ୍ୟ ଚୁକ୍ତିକୁ ନେଇ ଟ୍ରମ୍ପଙ୍କ ଆଭିମୁଖ୍ୟ ବାରମ୍ବାର ବଦଳୁଥିବାରୁ ଭାରତ ପାଇଁ ଦୀର୍ଘମିଆଦୀ ଆର୍ଥିକ ଯୋଜନା ପ୍ରସ୍ତୁତ କରିବା କଷ୍ଟକର ହେଉଛି । ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା ଚାଲିଥିଲେ ମଧ୍ୟ ଅନେକ





ପ୍ରସଙ୍ଗରେ ମତଭେଦ ରହିଛି ।ଟ୍ରମ୍ପଙ୍କ ବାଣିଜ୍ୟ ନୀତି ଓ ଟାରିଫ୍ ସମ୍ପର୍କିତ ନିଷ୍ପତ୍ତିରେ ଅନିଶ୍ଚିତତା ରହିଥିବାରୁ ଭାରତ ଚିନ୍ତିତ। ଆଜି ଗୋଟିଏ ନିଷ୍ପତ୍ତି ନେବା ପରେ ପରବର୍ତ୍ତୀ ସମୟରେ ତାହା ବଦଳିଯିବାର ଆଶଙ୍କା ରହୁଛି । ଏହାଦ୍ୱାରା ଭାରତର ବ୍ୟବସାୟୀ, ରପ୍ତାନିକାରୀ ଓ ଶିଳ୍ପ ସଂସ୍ଥାଗୁଡ଼ିକ ଦୀର୍ଘମିଆଦୀ ଯୋଜନା କରିବାରେ ଅସୁବିଧା ଭୋଗୁଛନ୍ତି । ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା ଚାଲିଥିଲେ ମଧ୍ୟ ଟ୍ରମ୍ପ ପ୍ରଶାସନର ଅନିଶ୍ଚିତ ଆଭିମୁଖ୍ୟ ଦୁଇ ଦେଶ ମଧ୍ୟରେ ଭରସାର ଅଭାବ ସୃଷ୍ଟି କରୁଛି ।ଆମେରିକା ପାକିସ୍ତାନର ସାମରିକ ନେତୃତ୍ୱ ସହ ନିୟମିତ ଆଲୋଚନା କରିବା ଏବଂ ଆଞ୍ଚଳିକ ପ୍ରସଙ୍ଗରେ ପାକିସ୍ତାନକୁ ମଧ୍ୟସ୍ଥ ଭାବେ ଦେଖିବା ଭାରତ ପାଇଁ ଚିନ୍ତାର ବିଷୟ ହୋଇଛି । ୨୦୨୫ ମେ' ମାସରେ ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ପ୍ରସଙ୍ଗରେ ଟ୍ରମ୍ପଙ୍କ ବୟାନ ମଧ୍ୟ ଦୁଇ ଦେଶ ମଧ୍ୟରେ ଅସହଜତା ସୃଷ୍ଟି କରିଥିଲା । ଟ୍ରମ୍ପ ଦାବି କରିଥିଲେ ଯେ ୨୫୦ ପ୍ରତିଶତ ଟାରିଫ୍ ? ଲଗାଇବାର ଧମକ ଦେଇ ସେ ଯୁଦ୍ଧ ବନ୍ଦ କରାଇଥିଲେ । ସେ ଅନେକ ଥର ଭାରତ-ପାକିସ୍ତାନ ବିବାଦରେ ମଧ୍ୟସ୍ଥତା କରିବା କଥା ମଧ୍ୟ କହିଛନ୍ତି । କିନ୍ତୁ ଭାରତର ଆଭିମୁଖ୍ୟ ସ୍ପଷ୍ଟ ରହିଆସିଛି। ଭାରତ କହିଆସିଛି ଯେ ଯୁଦ୍ଧବିରତି ସମ୍ପର୍କିତ ନିଷ୍ପତ୍ତି ଉଭୟ ଦେଶର ସାମରିକ ଅଧିକାରୀଙ୍କ ମଧ୍ୟରେ ସିଧାସଳଖ ଆଲୋଚନା ମାଧ୍ୟମରେ ହୋଇଥିଲା । ଏଥିରେ କୌଣସି ତୃତୀୟ ପକ୍ଷର ଭୂମିକା ନଥିଲା ବୋଲି ଭାରତ ଦାବି କରିଛି ।ଆମେରିକା ପକ୍ଷରୁ ରୁଷ ଓ ଇରାନ୍ ସମ୍ପର୍କିତ କଟକଣା ଅଧୀନରେ ଅତିରିକ୍ତ ଟାରିଫ୍ ଲାଗୁ କରିବା ନେଇ ଏବେ ପାଇଁ ଆଶ୍ୱସ୍ତି ମିଳିଛି । କିନ୍ତୁ ଭାରତର ସ୍ୱାଧୀନ ବାଣିଜ୍ୟ ନୀତି, ରୁଷଠାରୁ ତେଲ କିଣିବା ଏବଂ ଆଞ୍ଚଳିକ ପ୍ରସଙ୍ଗରେ ଆମେରିକୀୟ ଅଧିକାରୀଙ୍କ ସାର୍ବଜନୀନ ବୟାନକୁ ନେଇ ଭାରତର ଆପତ୍ତି ରହିଛି । ଭାରତ ନିଜର ଜାତୀୟ ସ୍ୱାର୍ଥକୁ ଆଧାର କରି ବିଦେଶ ନୀତି ଓ ଶକ୍ତି କ୍ରୟ ସମ୍ପର୍କିତ ନିଷ୍ପତ୍ତି ନେବାକୁ ଚାହୁଁଛି। ଏହାକୁ 'ରଣନୈତିକ ସ୍ୱାୟତ୍ତତା' କୁହାଯାଏ । ଅନ୍ୟ ଦେଶର ଚାପରେ ନିଜର ବାଣିଜ୍ୟିକ ଓ କୂଟନୈତିକ ନିଷ୍ପତ୍ତି ବଦଳାଇବାକୁ ଭାରତ ଚାହୁଁନାହିଁ । ତେଣୁ ରୁଷଠାରୁ ତେଲ କିଣିବା ପ୍ରସଙ୍ଗରେ ଆମେରିକାର ଚାପକୁ ଭାରତ ନିଜର ରଣନୈତିକ ସ୍ୱାୟତ୍ତତା ସହ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବେ ଦେଖୁଛି ।ଭାରତ ଓ ଆମେରିକା ମଧ୍ୟରେ ରହିଥିବା ଏହି ମତଭେଦ ପ୍ରତିରକ୍ଷା, ପ୍ରଯୁକ୍ତିବିଦ୍ୟା, ଶକ୍ତି ଓ ଇଣ୍ଡୋ-ପାସିଫିକ୍ ଅଞ୍ଚଳରେ ସହଯୋଗକୁ ପ୍ରଭାବିତ କରିପାରେ । ଉଭୟ ଦେଶର ଅନେକ ସାଧାରଣ ସ୍ୱାର୍ଥ ରହିଥିଲେ ମଧ୍ୟ ବାଣିଜ୍ୟ, ରୁଷ ଓ ପାକିସ୍ତାନକୁ ନେଇ ମତଭେଦ ଦୁଇ ଦେଶର ସମ୍ପର୍କକୁ ନିରନ୍ତର ପରୀକ୍ଷା କରୁଛି । ସୂତ୍ର ଅନୁସାରେ, ଟାରିଫ୍‌ରୁ ମିଳିଥିବା ଅସ୍ଥାୟୀ ଛାଡ଼ ତୁରନ୍ତ ଏକ ବଡ଼ ସଙ୍କଟକୁ ଟାଳିଛି । କିନ୍ତୁ ଭବିଷ୍ୟତରେ ଆଲୋଚନା ସମୟରେ ଆମେରିକା ଆର୍ଥିକ ଚାପକୁ କିପରି ବ୍ୟବହାର କରିବ, ତାହା ଏବେ ବି ସ୍ପଷ୍ଟ ହୋଇନାହିଁ ।

# ଅପରେସନ ସିନ୍ଦୂରରେ ମହାପ୍ରହାର କରିଥିଲା ଭାରତ

**ନୂଆଦିଲ୍ଲୀ,୨୫।୧୦(ଏଜେନ୍ସି):**ଅପରେସନ ସିନ୍ଦୂର ସମୟରେ ଭାରତୀୟ ବାୟୁସେନା ପାକିସ୍ତାନ ବିରୋଧରେ ମହାପ୍ରହାର କରି ନିଜର ସାମରିକ କ୍ଷମତା ପ୍ରଦର୍ଶନ କରିଥିଲା ବୋଲି ବାୟୁସେନା ମୁଖ୍ୟ ମାର୍ଶାଲ ଅମର ପ୍ରୀତ ସିଂହ କହିଛନ୍ତି। ଏହା ସହ ସେ ପାକିସ୍ତାନକୁ ଏକ ସ୍ପଷ୍ଟ ବାର୍ତ୍ତା ଦେଇ କହିଛନ୍ତି ଯେ, ପଶ୍ଚିମ ମୋର୍ଚ୍ଚାରେ ଦୀର୍ଘ ୧୨୦୦ କିଲୋମିଟର ଏବଂ ୨୦୦ କିଲୋମିଟର ଆଭ୍ୟନ୍ତର ଅଞ୍ଚଳରେ କରାଯାଇଥିବା ସଠିକ ଆକ୍ରମଣ ପ୍ରମାଣିତ କରିଛି କୌଣସି ଟାର୍ଗେଟ ଭାରତୀୟ ବାୟୁସେନା ପାଇଁ ଅପହଞ୍ଚ ନୁହେଁ।




ବାୟୁସେନା ମୁଖ୍ୟ କହିଛନ୍ତି, ଅପରେସନ ସିନ୍ଦୂର ଦେଶର ସୁରକ୍ଷାରେ ବାୟୁସେନାର ଗୁରୁତ୍ୱକୁ ପୁଣି ଥରେ ପ୍ରତିପାଦିତ କରିଛି। ସେ ଏହାକୁ ଭାରତର ପ୍ରତିଶୋଧମୂଳକ ଦକ୍ଷତା ଏବଂ ଶତ୍ରୁକୁ ରଣନୀତିକ ଭାବରେ ପ୍ରତିହତ କରିବାର କ୍ଷମତାର ଏକ ଗୁରୁତ୍ୱପୂର୍ଣ୍ଣ ଉଦାହରଣ ବୋଲି କହିଛନ୍ତି।ଅପରେସନ ସିନ୍ଦୂର ସମୟରେ ଚାରି ଦିନିଆ ସାମରିକ ଅଭିଯାନର ତଦାରଖ କରିଥିବା ବାୟୁସେନା ମୁଖ୍ୟ ମାର୍ଶାଲ ସ୍ୱଦେଶୀ ଅସ୍ତ୍ରଶସ୍ତ୍ର ପ୍ରଣାଳୀର କାର୍ଯ୍ୟଦକ୍ଷତା ଉପରେ ଗୁରୁତ୍ୱାରୋପ କରି କହିଛନ୍ତି,ଅନେକ ସ୍ୱଦେଶୀ ଭାବରେ ବିକଶିତ ଅସ୍ତ୍ରଶସ୍ତ୍ର ଅପରେସନ ସମୟରେ ପ୍ରଭାବଶାଳୀ ପ୍ରଦର୍ଶନ କରିଥିଲା ଏବଂ ଶତ୍ରୁର ମୁକାବିଲା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।ଏକ କ୍ଷମତା-କେନ୍ଦ୍ରିତ ସାମରିକ ଶକ୍ତିର ପ୍ରମୁଖ ଗୁଣ ହେଉଛି, ଏହା ଗୋଟିଏ ସିଷ୍ଟମ ଉପରେ ନିର୍ଭର କରିବା ପରିବର୍ତ୍ତ ? ଅନେକ ବିକଳ୍ପ ବ୍ୟବହାର କରିବା। ଏଭଳି ସ୍ଥିତି ଭାରତକୁ ଆବଶ୍ୟକତା ଅନୁସାରେ ନିଜର ପ୍ରତିକ୍ରିୟା ନେଇ ପ୍ରସ୍ତୁତ କରିବା ସହିତ ଚାପଠାରୁ ଦୂରେଇ ରହିବାରେ ସହାୟତା କରିଥିଲା।



# କିଓରବେ ଦ୍ୱାରା ପରିଚାଳିତ ଶ୍ରୀ ଉଷା ଡାଏଗ୍ନୋଷ୍ଟିକ୍ସ ସ୍ତନ କର୍କଟ ସଚେତନତା ମାସ ନିମନ୍ତେ ଟଙ୍କପାଣି ରୋଡ କୋଠାକୁ ଗୋଲାପି ରଙ୍ଗରେ ଆଲୋକିତ କଲା

**ଭୁବନେଶ୍ୱର, ୨୫।୧୦ (ନି.ପ୍ର) :** ଭୁବନେଶ୍ୱର ଟଙ୍କପାଣି ରୋଡରେ କିଓରବେ ଦ୍ୱାରା ପରିଚାଳିତ ଶ୍ରୀ ଉଷା ଡାଏଗ୍ନୋଷ୍ଟିକ୍ସ କୋଠା ଚଳିତ ଅକ୍ଟୋବରରେ ସ୍ତନ କର୍କଟ ସଚେତନତା ମାସ ପାଳନ କରିବାକୁ ଗୋଲାପି ରଙ୍ଗରେ ଶୋଭାପାଉଛି । ଆଦ୍ୟ ରୋଗ ନିରୂପଣ ଜୀବନ ବଞ୍ଚାଇଥାଏ ବୋଲି ଭୁବନେଶ୍ୱର ଜନସାଧାରଣଙ୍କୁ ସ୍ମରଣ କରାଇଦେବାକୁ ଏହି ଆଲୋକୀକରଣ ଏକ ଦୃଶ୍ୟମାନ ସ୍ମାରକ ହୋଇଛି ।

ଏହି ଅଭିଯାନ ସହିତ ଶ୍ରୀ ଉଷା ଡାଏଗ୍ନୋଷ୍ଟିକ୍ସ ସୋନୋମାମ୍ମ ?ଗ୍ରାଫି ଉପରେ ଫ୍ଲାଟ୍ ୧୫% ରିହାତି ପ୍ରଦାନ କରୁଛି, ଯାହା ସମଗ୍ର ସହରରେ ମହିଳାମାନଙ୍କ ନିମନ୍ତେ ସ୍ତନ କର୍କଟ ଯାଞ୍ଚକୁ ଅଧିକ ସୁଲଭ୍ୟ କରୁଛି। ଭାରତରେ ମହିଳାମାନଙ୍କ ମଧ୍ୟରେ ସ୍ତନ କର୍କଟ ସବୁଠାରୁ ସାଧାରଣ ଅଟେ ଏବଂ ଅନେକ କ୍ଷେତ୍ରରେ ଏହା ବିଳମ୍ବିତ ପର୍ଯ୍ୟାୟରେ ନିରୂପଣ କରାଯାଇଥାଏ । ଆଦ୍ୟ ଅବସ୍ଥାରେ ଚିହ୍ନଟ କରାଗଲେ ଏହା ଯଥେଷ୍ଟ ଅଧିକ ଚିକିତ୍ସାଯୋଗ୍ୟ ଏବଂ ବଞ୍ଚିବା ହାର ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଥାଏ ।

ଅକ୍ଟୋବର ମାସ ବିଶ୍ୱବ୍ୟାପୀ ସ୍ତନ କର୍କଟ ସଚେତନତା ମାସ ଭାବରେ ପାଳନ କରାଯାଉଛି, ଏବଂ ଏହାର ପ୍ରତୀକ ଗୋଲାପୀ ରଙ୍ଗର ଫିତା ହୋଇଛି । କୋଠାକୁ ଗୋଲାପୀ ରଙ୍ଗର ଆଲୋକରେ ସଜାଇ କିଓରବେ ଦ୍ୱାରା ପରିଚାଳିତ ଶ୍ରୀ ଉଷା ଡାଏଗ୍ନୋଷ୍ଟିକ୍ସ ଶ୍ରୀ ଉଷା ଡାଏଗ୍ନୋଷ୍ଟିକ୍ସ ଜନସାଧାରଣଙ୍କ ଘର ଓ



କାର୍ଯ୍ୟସ୍ଥଳ ଗୁଡିକରେ ଆତ୍ମ-ପରୀକ୍ଷଣ, ନିୟମିତ ଯାଞ୍ଚ ଏବଂ ସମୟୋଚିତ ଡାକ୍ତରୀ ପରାମର୍ଶ ସମ୍ପର୍କରେ ଆଲୋଚନା ଆରମ୍ଭ କରିବାକୁ ଆଶା ରଖିଛି ।

ସୋନୋମାମ୍ମ ?ଗ୍ରାଫି (ସ୍ତନ ଅଲ୍ଟ୍ରାସାଉଣ୍ଡ) ଏକ ନିରାପଦ, ଯନ୍ତ୍ରଣାବିହୀନ ଏବଂ ବିକିରଣ-ମୁକ୍ତ ଇମେଜିଂ ପରୀକ୍ଷା । ଅନେକ ସମୟରେ ଏହାକୁ ଗଣ୍ଠିଗୁଡିକର ମୂଲ୍ୟାଙ୍କନ କରିବା, ସ୍ତନର ଘନ ତନ୍ତୁକୁ ପରୀକ୍ଷା କରିବା ଏବଂ ମାମ୍ମ ?ଗ୍ରାଫିକୁ ସହାୟକ ହେବା ନିମନ୍ତେ ବ୍ୟବହାର କରାଯାଇଥାଏ ଏବଂ ସାଧାରଣତଃ ଏହା କମ୍ ବୟସର ମହିଳାମାନଙ୍କ ନିମନ୍ତେ ସୁପାରିଶ କରାଯାଏ । ଯେଉଁ ମହିଳା ଏକ ଗଣ୍ଠି ବା ମାଂସ ପିଣ୍ଡୁଳା ଠାବ କରନ୍ତି, ସ୍ତନର ଆକାର ଅଥବା ଚର୍ମରେ ପରିବର୍ତ୍ତନ, ନିପଲ୍ରୁ ଡିସଚାର୍ଜ (ତରଳ ପଦାର୍ଥ ନିର୍ଗତ) ଅଥବା ଲଗାତର ଯନ୍ତ୍ରଣା ଅନୁଭବ କରନ୍ତି ସେମାନେ ଆଉ ବିଳମ୍ବ ନକରି ଜଣେ ଡାକ୍ତରଙ୍କ ସହିତ ପରାମର୍ଶ କରବାକୁ ଉତ୍ସାହିତ କରାଯାଉଛି । ମହିଳାମାନଙ୍କୁ ଯାଞ୍ଚ ନିମନ୍ତେ ପ୍ରଥମ ପଦକ୍ଷେପ ନେବାକୁ ଉତ୍ସାହିତ କରିବା ସକାଶେ ଶ୍ରୀ ଉଷା ଡାଏଗ୍ନୋଷ୍ଟିକ୍ସ ସ୍ତନ କର୍କଟ ସଚେତନତା ମାସ ଅବସରରେ ସୋନୋମାମ୍ମ ?ଗ୍ରାଫି ଉପରେ ଫ୍ଲାଟ୍ ୧୫% ରିହାତି ପ୍ରଦାନ କରୁଛି । ୨୦୨୬ ନଭେମ୍ବର ୧୫ ପର୍ଯ୍ୟନ୍ତ ଅଫର୍ ବୈଧ ଅଛି ।

ମହିଳାମାନେ ମଧ୍ୟ ସେମାନଙ୍କ ଯାଞ୍ଚ ପୂର୍ବ ଅଥବା ପରବର୍ତ୍ତୀ ସମୟରେ ସେଣ୍ଟର୍ର ସ୍ୱ ?ଶାଲିଷ୍ଟ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିପାରିବେ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ନିମନ୍ତେ ଅର୍ଥ ?ପେଡିକ ଓ ନ୍ୟୁରୋଲୋଜି ସ୍ୱ ?ଶାଲିଷ୍ଟ ଉପଲବ୍ଧ ଅଛନ୍ତି ।

# ଆମାଜନ ପେ' ମାଧ୍ୟମରେ ପାର୍ବଣ ଋତୁରେ ସଂଚୟ ବଢ଼ାଇବାର ୬ଟି ଉପାୟ

**ଭୁବନେଶ୍ୱର, ୨୫।୧୦ (ନି.ପ୍ର) :** ପାର୍ବଣ ଋତୁରେ କିଣାକିଣି, ଯାତ୍ରା ଓ ଡିଜିଟାଲ୍ ପେମେଂଟକୁ ଅଧିକ ଲାଭଦାୟକ କରିବା ପାଇଁ ଆମାଜନ ପେ' ଗ୍ରାହକଙ୍କୁ ବିଭିନ୍ନ ସଂଚୟ ସୁଯୋଗ ପ୍ରଦାନ କରୁଛି। ଆମାଜନ ଗ୍ରେଟ୍ ଇଣ୍ଡିଆନ୍ ଫେଷ୍ଟିଭାଲ୍ ସମୟରେ ଯୋଗ୍ୟ ଗ୍ରାହକମାନେ ଆମାଜନ ପେ' ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ମାଧ୍ୟମରେ ଅତିରିକ୍ତ ୫ ପ୍ରତିଶତ କ୍ୟାଶ୍‌ବ୍ୟାକ୍ ପାଇପାରିବେ। ଏହା ପ୍ରାଇମ୍ ସଦସ୍ୟଙ୍କ ପାଇଁ ଉପଲବ୍ଧ ୫ ପ୍ରତିଶତ ଏବଂ ଅଣ-ପ୍ରାଇମ୍ ସଦସ୍ୟଙ୍କ ପାଇଁ ୩ ପ୍ରତିଶତ ନିୟମିତ କ୍ୟାଶ୍‌ବ୍ୟାକ୍ ବ୍ୟତୀତ ମିଳିବ। ସେହିପରି ଆମାଜନ ପେ' ଲ୍ୟାଟର ମାଧ୍ୟମରେ ଯୋଗ୍ୟ ଗ୍ରାହକମାନେ ୬୦,୦୦୦ ଟଙ୍କା ପର୍ଯ୍ୟନ୍ତ ତତ୍କାଳ କ୍ରେଡିଟ୍ ସୁବିଧା ପାଇବା ସହ ନିର୍ଦ୍ଧାରିତ ସର୍ତ୍ତ ଅନୁଯାୟୀ ୧୦ ପ୍ରତିଶତ କ୍ୟାଶ୍‌ବ୍ୟାକ୍ ପାଇପାରିବେ। ଏହା ସହିତ ଆମାଜନ ପେ'ର ଯାତ୍ରା ଅଫର ଅଂର୍ଗତ ବିମାନ ଟିକେଟ୍ ବୁକିଂରେ ୨୩ ପ୍ରତିଶତ, ହୋଟେଲ୍ ବୁକିଂରେ ୭୫ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଏବଂ ବସ୍ ବୁକିଂରେ ୧୭ ପ୍ରତିଶତ ପର୍ଯ୍ୟନ୍ତ ସଂଚୟ ସହ ୧୦୦ ଟଙ୍କା କ୍ୟାଶ୍‌ବ୍ୟାକ୍‌ର ସୁଯୋଗ ରହିଛି।

ଆମାଜନ ପେ' ୱାଲେଟ୍ ବ୍ୟବହାର ଆରମ୍ଭ କରୁଥିବା ନୂଆ ଗ୍ରାହକମାନେ ପ୍ରଥମ ଥର ପାଇଁ ୩୦୦ ଟଙ୍କା ବାଲାନ୍ସ ଯୋଡ଼ିଲେ ୭୫ ଟଙ୍କାର କ୍ୟାଶ୍‌ବ୍ୟାକ୍ ପାଇପାରିବେ। ଆମାଜନ ପେ' ୟୁପିଆଇ ମାଧ୍ୟମରେ ଟଙ୍କା ପଠାଇଲେ ପରବର୍ତ୍ତୀ ଆମାଜନ ଅର୍ଡର୍‌ରେ ୫୦ ଟଙ୍କାର କ୍ୟାଶ୍‌ବ୍ୟାକ୍, ପ୍ରଥମ ଥର ୟୁପିଆଇ ଆଇଡି ସ୍ଥାପନ କଲେ ୫୦ ଟଙ୍କାର କ୍ୟାଶ୍‌ବ୍ୟାକ୍ ଏବଂ ଯୋଗ୍ୟ ସ୍କାନ୍ ଆଣ୍ଡ ପେ' କାରବାରରେ ୧ ପ୍ରତିଶତ କ୍ୟାଶ୍‌ବ୍ୟାକ୍‌ର ସୁଯୋଗ ମିଳିପାରିବ। ଏହା ବ୍ୟତୀତ ରିୱାର୍ଡସ୍ ଗୋଲ୍ଡ କାର୍ଯ୍ୟକ୍ରମରେ ପୂର୍ବବର୍ତ୍ତୀ ତିନି ମାସ ମଧ୍ୟରେ ୨୫ଟି କାରବାର ସମ୍ପୂର୍ଣ୍ଣ କରିଥିବା ଗ୍ରାହକମାନେ ନିର୍ଦ୍ଦିଷ୍ଟ ବର୍ଗରେ ୫ ପ୍ରତିଶତ କିମ୍ବା ଅଣ-ପ୍ରାଇମ୍ ସଦସ୍ୟଙ୍କ ପାଇଁ ୩ ପ୍ରତିଶତ କ୍ୟାଶ୍‌ବ୍ୟାକ୍ ପାଇବାର ସୁଯୋଗ ପାଇପାରିବେ। ଏହି ସମସ୍ତ ଅଫରର ଉପଲବ୍ଧତା, ଯୋଗ୍ୟତା ଓ ସର୍ତ୍ତାବଳୀ ଭିନ୍ନ ହୋଇପାରେ।

# ସ୍ତନ କର୍କଟ ସଚେତନତା ପାଇଁ ଏଚ୍‌ସିଜି ପଣ୍ଡା କ୍ୟାନସର ହସ୍ପିଟାଲ୍ ଓ ଏଏଆଇର ମିଳିତ ପଦକ୍ଷେପ

**ଭୁବନେଶ୍ୱର, ୨୫।୧୦ (ନି.ପ୍ର) :** ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ପଦକ୍ଷେପ ସ୍ୱରୂପ, କଟକସ୍ଥିତ ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲ୍ ଏବଂ ଭାରତୀୟ ବିମାନବନ୍ଦର ପ୍ରାଧିକରଣର ମିଳିତ ସହଯୋଗରେ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରର ଆଗମନ ପ୍ରକୋଷ୍ଠକୁ ସ୍ତନ କର୍କଟ ସଚେତନତାର ଏକ ଆକର୍ଷଣୀୟ ମଂଚରେ ପରିଣତ କରାଯାଇଛି। ବିମାନବନ୍ଦରର ପ୍ରଥମ ଟର୍ମିନାଲ୍‌ରେ ଆୟୋଜିତ ଉତ୍ସାହପୂର୍ଣ୍ଣ ସାମୂହିକ ନୃତ୍ୟ ପରିବେଷଣ ମାଧ୍ୟମରେ ଯାତ୍ରୀ, ସେମାନଙ୍କ ପରିବାର ଓ ବିମାନବନ୍ଦର କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏହି ଅଭିଯାନର ମୁଖ୍ୟ ବାର୍ତ୍ତା - ସଠିକ୍ ସମୟରେ ଚିହ୍ନଟ ଜୀବନ ବଂଚାଇପାରେ ରହିଛି। ଉକ୍ତ ରୋଗରେଥିବା ବିଭିନ୍ନ ପ୍ରତିବନ୍ଧକ ଦୂର କରିବା ଉଦ୍ଦେଶ୍ୟରେ ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲ୍ ଓ ଭାରତୀୟ ବିମାନବନ୍ଦର ପ୍ରାଧିକରଣ ଜନଗହଳିପୂର୍ଣ୍ଣ ସ୍ଥାନରେ ସ୍ୱାସ୍ଥ୍ୟ ସଚେତନତାର ବାର୍ତ୍ତା ପହଂଚାଇବା ସହ ସ୍ତନ ପରୀକ୍ଷା, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଏବଂ ପ୍ରାରମ୍ଭିକ ଲକ୍ଷଣଗୁଡ଼ିକୁ ଚିହ୍ନିବା ଉପରେ ଗୁରୁତ୍ୱ ଦେଇଛନ୍ତି।

ଏହି ଅଭିଯାନ ଅନ୍ତର୍ଗତ ସକାଳ ସମୟରେ ପାଂଚଟି ପର୍ଯ୍ୟାୟରେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରାଯାଇଥିଲା। ସମନ୍ୱିତ ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ଯାତ୍ରୀମାନଙ୍କୁ ସଚେତନ କରାଯିବା ସହ ସ୍ୱାସ୍ଥ୍ୟ



ବିଶେଷଜ୍ଞଙ୍କ ସହ ସିଧାସଳଖ ଆଲୋଚନାର ସୁଯୋଗ ଦିଆଯାଇଥିଲା। କଟକସ୍ଥିତ ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲ୍‌ର ମୁଖ୍ୟ ପରିଚାଳନା ଅଧିକାରୀ, ଡାକ୍ତର ସ୍ମିତା ପାଢ଼ୀ ଯାତ୍ରୀମାନଙ୍କୁ ରୋଗ ପ୍ରତିରୋଧ, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା ସମ୍ପର୍କରେ ସଂକ୍ଷିପ୍ତ ଏବଂ ଉପଯୋଗୀ ପରାମର୍ଶମାନ ଦେଇଛନ୍ତି। ବିମାନବନ୍ଦର ନିର୍ଦ୍ଦେଶକ ଶ୍ରୀ ପ୍ରସନ୍ନ ପ୍ରଧାନ ଏବଂ ଉପମହାପ୍ରବନ୍ଧକ (ପରିଚାଳନା) ଶ୍ରୀ ଉମାକାନ୍ତ ପଟେଲଙ୍କ ସହଯୋଗରେ ଏହି ଅଭିଯାନ ସଫଳତାର ସହ ଆୟୋଜିତ ହୋଇଛି। ଜନସାଧାରଣଙ୍କ ନିକଟରେ ସ୍ତନ ସ୍ୱାସ୍ଥ୍ୟ ସମ୍ପର୍କିତ ଶିକ୍ଷାକୁ ସହଜ ଓ ସରଳ ଉପାୟରେ ପହଂଚାଇବାର ଗୁରୁତ୍ୱ ଉପରେ ଡାକ୍ତର ସ୍ମିତା ପାଢ଼ୀ କହିଛନ୍ତିଯେ, 'ଏକ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନର ଦାୟିତ୍ୱ କେବଳ କର୍କଟ ଚିକିତ୍ସା ବିଭାଗର ଦ୍ୱାରଦେଶରୁ ଆରମ୍ଭ ହୁଏ ନାହିଁ। ଲୋକମାନେ ଯେଉଁଠାରେ ରହନ୍ତି, କାମ କରନ୍ତି, ଯାତ୍ରା କରନ୍ତି ଓ ପରସ୍ପର ସହ ଯୋଡ଼ି ହୁଅନ୍ତି, ସେହି ଦୈନନ୍ଦିନ ଜୀବନର ସ୍ଥାନଗୁଡ଼ିକରୁ ଏହାର ଦାୟିତ୍ୱ ଆରମ୍ଭ ହୁଏ। ସାମୂହିକ ନୃତ୍ୟ ଭଳି ସୃଜନଶୀଳ ପଦକ୍ଷେପ ମାଧ୍ୟମରେ ଆମେ ସାଧାରଣ ଲୋକଙ୍କ ନିକଟରେ ପହଂଚିପାରୁ ଏବଂ ଚିକିତ୍ସା ସମ୍ପର୍କିତ ଭୟକୁ ଦୂର କରି ସହଜ, ସ୍ମରଣୀୟ ଓ ମାନବୀୟ ଢଙ୍ଗରେ ସଚେତନତା ସୃଷ୍ଟି କରିପାରୁ। ଭାରତୀୟ ବିମାନବନ୍ଦର ପ୍ରାଧିକରଣ ସହ ଏହି ସହଯୋଗ ଆମକୁ ସ୍ୱାସ୍ଥ୍ୟ ସଚେତନତା ଓ ଆତ୍ମଚିନ୍ତନର ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ପରିଣତ କରିବାର ସୁଯୋଗ ଦେଇଛି। ଓଡ଼ିଶାରେ ଏକ ସ୍ୱାସ୍ଥ୍ୟସଚେତନ ସମାଜ ଗଠନ କରିବା ଆମର ମୂଳ ଲକ୍ଷ୍ୟ।

# ୟୁଟିଆଇ ଭାଲ୍ୟୁ ଫଣ୍ଡ୍-ଏକ ଫଣ୍ଡ୍ ଯାହା ସବୁ ପ୍ରକାର ବଜାର ପୁଞ୍ଜିରେ ସୁଯୋଗର ସନ୍ଧାନ କରୁଛି

**ଭୁବନେଶ୍ୱର, ୨୫।୧୦ (ନି.ପ୍ର) :** ଆର୍ଥିକ ବିଶେଷଜ୍ଞମାନେ ପ୍ରାୟତଃ ନିବେଶକମାନଙ୍କୁ ଏଭଳି ଫଣ୍ଡଗୁଡ଼ିକରେ ନିବେଶ କରିବାକୁ ପରାମର୍ଶ ଦେଇଥାନ୍ତି ଯାହା ବଜାରର ସମ୍ପୂର୍ଣ୍ଣ କ୍ଷେତ୍ରକୁ ସାମିଲ କରିଥାଏ। ଅର୍ଥାତ୍ ଏକ ବିବିଧ ଫଣ୍ଡ। ଲୋକମାନେ ସାଧାରଣତଃ 'ଲାର୍ଜ କ୍ୟାପ୍' ଫଣ୍ଡ ଆଡ଼କୁ ଅଧିକ ଆକର୍ଷିତ ହୋଇଥାନ୍ତି। କାରଣ ଏଗୁଡ଼ିକ ବଜାରର ମୋଟ ପୁଁଜିର ପ୍ରାୟ ୮୦-୮୫%। ଯଦିଓ ଲାର୍ଜ କ୍ୟାପ୍ ଫଣ୍ଡଗୁଡ଼ିକ ବୃହତ ବଜାର ତଥା ସୂଚକାଙ୍କର ପ୍ରତିନିଧିତ୍ୱ କରେ ତଥାପି ନିବେଶକମାନେ ମନେ ରଖିବା ଉଚିତ୍ ଯେ ଏହି ଫଣ୍ଡଗୁଡ଼ିକ ସବୁବେଳେ ବଜାରର ସମସ୍ତ ସୁଯୋଗକୁ ସମ୍ପୂର୍ଣ୍ଣ ଭାବେ ଧରିପାରନ୍ତି ନାହିଁ। ବଜାରର ସମ୍ପୂର୍ଣ୍ଣ କ୍ଷେତ୍ର ମଧ୍ୟରେ ଭିନ୍ନ ଭିନ୍ନ ବଜାର ପୁଞ୍ଜି, ନିବେଶର ଅଲଗା ଅଲଗା ଶୈଳୀ କିମ୍ବା ବଜାରର କିଛି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଆସୁଥିବା ଚକ୍ରକାର ପରିବର୍ତ୍ତନ ରହିଥାଏ। ବଜାରର ଏହି ବିଭିନ୍ନ ପ୍ରକାରର ସ୍ଥିତି ଫଣ୍ଡ ମ୍ୟାନେଜରଙ୍କୁ ସମଗ୍ର ବଜାର ଓ ନିବେଶ ଶୈଳୀ ମଧ୍ୟରୁ ଅନନ୍ୟ ସୁଯୋଗ ଖୋଜିବାର ଏକ ବଡ଼ ସୁଯୋଗ ଦେଇଥାଏ ଏବଂ ଏହା ସହିତ ପୋର୍ଟଫୋଲିଓର ବିପଦକୁ ମଧ୍ୟ କମ୍ କରିଥାଏ। ୟୁଟିଆଇ ଭାଲ୍ୟୁ ଫଣ୍ଡ ହେଉଛି ଏପରି ଏକ ଫଣ୍ଡ ଯାହାର ସେୟାରଗୁଡ଼ିକର ଆପେକ୍ଷିକ ଅନ୍ତର୍ନିହିତ ମୂଲ୍ୟ ଆଧାରରେ ସୁଯୋଗ ଖୋଜିଥାଏ।

ଏହାର ଅର୍ଥ ହେଉଛି ବଜାରର ସମସ୍ତ ସ୍ତରରେ 'ଭାଲ୍ୟୁ' ନିବେଶ ଶୈଳୀକୁ ଆପଣାଇବା ଯେଉଁଥିରେ ସେୟାରଗୁଡ଼ିକୁ ସେମାନଙ୍କର ପ୍ରକୃତ ମୂଲ୍ୟଠାରୁ କମ୍ ଦାମରେ କିଣାଯାଇଥାଏ। ପ୍ରକୃତ ମୂଲ୍ୟ ହେଉଛି କମ୍ପାନୀ ନିଜର ସେୟାରଧାରକମାନଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସୃଷ୍ଟି କରୁଥିବା ନଗଦ ପ୍ରବାହର ବର୍ତ୍ତମାନର ମୂଲ୍ୟ।

ଏପରି କମ୍ ମୂଲ୍ୟାଙ୍କିତ ବ୍ୟବସାୟଗୁଡ଼ିକୁ ଦୁଇଟି ସ୍ତରରେ ଦେଖିବାକୁ ମିଳିଥାଏ। ପ୍ରଥମତଃ ବଜାର ବେଳେବେଳେ କମ୍ପାନିର ପ୍ରତିଯୋଗିତାମୂଳକ ସୁବିଧା ଓ ଦୀର୍ଘକାଳୀନ ବିକାଶର ସମ୍ଭାବନାକୁ ସଠିକ୍ ଭାବେ ଆକଳନ କରିପାରିନଥାଏ। ଏହି କମ୍ପାନୀଗୁଡ଼ିକ ବଜାରର ସାଧାରଣ ହ୍ରାସ-ବୃଦ୍ଧିର ନିୟମକୁ ଏଡ଼ାଇ ନିରନ୍ତର ଆଗକୁ ବଢ଼ିଥାନ୍ତି। ଦ୍ୱିତୀୟତଃ କିଛି କମ୍ପାନି ବଜାରର ଚକ୍ରାକାର ପରିବର୍ତ୍ତନ, ପରିବେଶର ବଦଳୁଥିବା ସ୍ଥିତି କିମ୍ବା ସେମାନଙ୍କର ଅତୀତର ନିଷ୍ପତି ଯୋଗୁଁ ଅସ୍ଥାୟୀ ସମସ୍ୟାର ସମ୍ମୁଖୀନ ହେଉଥାନ୍ତି। କିନ୍ତୁ ଯଦି କମ୍ପାନି ମୂଳ ବ୍ୟବସାୟ ମଜବୁତ୍ ରହିଥାଏ ଏବଂ ଭବିଷ୍ୟତରେ ଏହାର ଆୟ ଓ ଲାଭ ବଢ଼ିବାର ସ୍ପଷ୍ଟ ସମ୍ଭାବନା ଥାଏ ତେବେ ସେଗୁଡ଼ିକର କମ୍ ଦାମ୍ ନିବେଶକମାନଙ୍କ ପାଇଁ ଏକ ଭଲ ସୁଯୋଗ ଆଣିଦେଇଥାଏ। ଏହି ଦୁଇଟିଯାକ କ୍ଷେତ୍ରରେ ଆଶାଠାରୁ କମ୍ ଦାମରେ ଭଲ ବ୍ୟବସାୟ କ୍ରୟ କରିବାର ସୁଯୋଗ ମିଳିଥାଏ। ୟୁଟିଆଇ ଭାଲ୍ୟୁ ଫଣ୍ଡ ୨୦୦୫ରେ ଆରମ୍ଭ ହୋଇଥିଲା। ୨୦୨୬ ସେପ୍ଟେମ୍ବର ୩୦ ସୁଦ୍ଧା ଏହି ଫଣ୍ଡର ପରିଚାଳନା ଅଧୀନ ସଂପତି ୯,୦୦୦ କୋଟି ଟଙ୍କାରୁ ଅଧିକ ରହିଛି। ଯଦିଓ ଏହି ପୋର୍ଟଫୋଲିଓରେ ଲାର୍ଜ କ୍ୟାପ୍ ସେୟାରର ପରିମାଣ ଅଧିକ ରହିଛି, ତଥାପି ମୂଲ୍ୟାଙ୍କନର ପାର୍ଥକ୍ୟ ଆଧାରରେ ମିଡ୍‌କ୍ୟାପ୍‌ର ଅଂଶବିଶେଷ ବଦଳୁଛି। ୨୦୨୬ ସେପ୍ଟେମ୍ବର ୩୦ ସୁଦ୍ଧା ଏହି ଫଣ୍ଡର ପ୍ରାୟ ୬୬% ଅଂଶ ଲାର୍ଜ କ୍ୟାପ୍‌ରେ ଏବଂ ଅବଶିଷ୍ଟ ଅଂଶ ମିଡ୍ ଓ ସ୍ମଲ୍ କ୍ୟାପ୍‌ରେ ନିବେଶ ହୋଇଛି।

# ବଜାଜ୍ ଜେନେରାଲ ଇନସ୍ୟୁରାନ୍ସର ସିଇଓ ଡେଜିଗ୍ନେଟ୍ ଭାବରେ ନିଯୁକ୍ତ ହେଲେ ଦୀପକ ରେଡ୍ଡୀ

**ମୁମ୍ବାଇ, ୨୫।୧୦ (ନି.ପ୍ର) :** ବଜାଜ୍ ଫିନସର୍ଭ ଲିମିଟେଡ୍‌ର ଏକ ପ୍ରମୁଖ ଅଣ-ତାଲିକାଭୁକ୍ତ ସହାୟକ କମ୍ପାନୀ ବଜାଜ୍ ଜେନେରାଲ ଇନସ୍ୟୁରାନ୍ସ ଲିମିଟେଡ୍ (ପୂର୍ବ ନାମ - ବଜାଜ୍ ଆଲିଆ ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍)ର ବୋର୍ଡ ଅଫ୍ ଡାଇରେକ୍ଟର୍ସ ଦୀପକ ରେଡ୍ଡୀଙ୍କୁ କମ୍ପାନୀର ସିଇଓ ଡେଜିଗ୍ନେଟ୍ ଭାବେ ନିଯୁକ୍ତ କରିବାକୁ ଅନୁମୋଦନ କରିଛନ୍ତି. ଏହିନିଯୁକ୍ତିଜାନୁୟାରୀ ୧, ୨୦୨୭ ରୁକାର୍ଯ୍ୟକାରୀହେବ. ଆଇଆରଡିଏଆଇର ଅନୁମୋଦନ ଅନୁଯାୟୀ ସେ ୧ ଏପ୍ରିଲ ୨୦୨୭ ରେ ଏମଡି ଏବଂ ସିଇଓ ଭାବରେ ଦାୟିତ୍ୱ ଗ୍ରହଣ କରିବେ । ଡକ୍ଟର ତପନ ସିଂଘେଲ ମାର୍ଚ୍ଚ ୩୧, ୨୦୨୭ ପର୍ଯ୍ୟନ୍ତ ଏମଡି ଏବଂ ସିଇଓ ଭାବେ କାର୍ଯ୍ୟ ଜାରି ରଖିବେ, ଯାହାଦ୍ୱାରା ନେତୃତ୍ୱ ହସ୍ତାନ୍ତର ପ୍ରକ୍ରିୟା ସୁଗମ ହେବ. ଇନସ୍ୟୁରାନ୍ସ ରେଗୁଲେଟୋରୀ ଏଣ୍ଡ ଡେଭେଲପମେଂଟ ଅଥରିଟି ଅଫ୍ ଇଣ୍ଡିଆ (ଆଇଆରଡିଏଆଇ)ର ଅନୁମୋଦନ ଅନୁଯାୟୀ ଦୀପକ ରେଡ୍ଡୀ ଏପ୍ରିଲ ୧, ୨୦୨୭ ରୁ ଏମଡି ଏବଂ ସିଇଓ ଭାବରେ ଦାୟିତ୍ୱ ଗ୍ରହଣ କରିବେ । ବଜାଜ୍ ଫିନସର୍ଭ ଲିମିଟେଡ୍‌ର ଚେୟାରମ୍ୟାନ୍ ଏବଂ ମ୍ୟାନେଜିଂ ଡାଇରେକ୍ଟର ସୀବ ବଜାଜ୍ କହିଛନ୍ତି, 'ଖୁବ୍ କମ୍ ନେତୃବୃନ୍ଦଙ୍କୁ ଆରମ୍ଭରୁ ଏକ ଅନୁଷ୍ଠାନ ଗଢ଼ିବାର ଗୌରବ ମିଳିଥାଏ. ତପନ ହେଉଛନ୍ତି ସେମାନଙ୍କ ମଧ୍ୟରୁ ଜଣେ. ଏକ ଯୁଗ୍ମ ଉଦ୍ୟୋଗ ଭାବରେ ଏହାର ପ୍ରାରମ୍ଭିକ ବର୍ଷରୁ ଏକ ସମ୍ପୂର୍ଣ୍ଣ ବଜାଜ୍-ମାଲିକାନାଧୀନ କମ୍ପାନୀରେ ବିକଶିତ ହେବା ପର୍ଯ୍ୟନ୍ତ, ବଜାଜ୍ ଜେନେରାଲ ଇନସ୍ୟୁରାନ୍ସକୁ ଭାରତର ସବୁଠାରୁ ବିଶ୍ୱସ୍ତ ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀଗୁଡ଼ିକ ମଧ୍ୟରୁ ଅନ୍ୟତମ ଭାବରେ ଗଢ଼ି ତୋଳିବାରେ ସେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛନ୍ତି. ତାଙ୍କ ନେତୃତ୍ୱରେ, କମ୍ପାନୀ ଅଣ୍ଡରରାଇଟିଂ ଅନୁଶାସନ, ନବସୃଜନ ଏବଂ ଗ୍ରାହକଙ୍କ ପ୍ରତି ଏକ ଅଟଳ ପ୍ରତିଶ୍ରୁତିବଦ୍ଧତାର ସୁନାମ ଅର୍ଜନ କରିଛି. ତାଙ୍କର କାର୍ଯ୍ୟକାଳ କେବଳ ଏକ ସଫଳ ବ୍ୟବସାୟ ନୁହେଁ, ବରଂ ଦୀର୍ଘସ୍ଥାୟୀ ହେବା ପାଇଁ ନିର୍ମିତ ଏକ ସୁଦୃଢ଼ ଅନୁଷ୍ଠାନ ଅଟେ. ବୋର୍ଡ ଅଫ୍ ଡାଇରେକ୍ଟର୍ସ ଏବଂ ବଜାଜ୍ ଗ୍ରୁପ୍ ତରଫରୁ, ମୁଁ ତପନଙ୍କୁ ତାଙ୍କର ଅସାଧାରଣ ନେତୃତ୍ୱ ଏବଂ କମ୍ପାନୀ ଏବଂ ଭାରତୀୟ ଇନସ୍ୟୁରାନ୍ସ କ୍ଷେତ୍ରପ୍ରତି ତାଙ୍କର ଦୀର୍ଘସ୍ଥାୟୀ ଅବଦାନ ପାଇଁ ଧନ୍ୟବାଦ ଜଣାଉଛି । ଭାରତର ଇନସ୍ୟୁରାନ୍ସ କ୍ଷେତ୍ରଏହାର ଅଭିବୃଦ୍ଧିର ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରୁଥିବା ବେଳେ, ଜନସାଧାରଣଙ୍କ ଜୀବନ, ଜୀବିକା ଏବଂ ବ୍ୟବସାୟକୁ ଅଧିକ ସୁରକ୍ଷା ଦେବାର ବ୍ୟାପକ ସୁଯୋଗ ରହିଛି. ବଜାଜ୍ ଜେନେରାଲ ଇନସ୍ୟୁରାନ୍ସକୁ ଏହାର ପରବର୍ତ୍ତୀ ଅଧ୍ୟାୟକୁ ନେଇଯିବା ପାଇଁ ଦୀପକଙ୍କୁ ସ୍ୱାଗତ କରି ଆମେ ଆନନ୍ଦିତ.' ସେ ଏହା ମଧ୍ୟ କହିଥିଲେ, 'ମୋର ବିଶ୍ୱାସ ଯେ ତପନ ଏବଂ ତାଙ୍କ ଟିମ୍ ଦ୍ୱାରା ନିର୍ମିତ ସୁଦୃଢ଼ ଭିତିଭୂମି ଉପରେ ଦୀପକ ଆଗକୁ ବଢ଼ିବେ, ଆସୁଯୋଗର ସଦୁପଯୋଗ କରିବେ ଏବଂ କମ୍ପାନୀକୁ ଆହୁରି ଅଧିକ ଉଚ୍ଚତାକୁ ନେଇଯିବେ। ଡକ୍ଟର ତପନ ସିଂଘେଲ, ବଜାଜ୍ ଜେନେରାଲ ଇନସ୍ୟୁରାନ୍ସର ଏମଡି ଏବଂ ସିଇଓ, କହିଛନ୍ତି, 'ଯେତେବେଳେ ଆମେ ଏହି ଯାତ୍ରା ଆରମ୍ଭ କରିଥିଲୁ, ଆମର ଲକ୍ଷ୍ୟ ଥିଲା ଏପରି ଏକ ସଂଗଠନ ଗଢ଼ିବା, ଯାହା ଇନସ୍ୟୁରାକୁ ବୁଝିବା, ପ୍ରଦାନ କରିବା ଏବଂ ଅନୁଭବ କରିବାର ଶୈଳୀକୁ ଏକ ନୂଆ ରୂପ ଦେବ. ଆମେ ସର୍ବଦା ଏହା ବିଶ୍ୱାସ କରି ଆସିଛୁ ଯେ ଆମର କାମ କେବଳ ଏକ ପଲିସି ବିକ୍ରି କରିବା ନୁହେଁ, ବରଂ ଗ୍ରାହକଙ୍କ ଚିନ୍ତାକୁ ବୁଝିବା ଏବଂ ସେଗୁଡ଼ିକର ସମାଧାନ ପାଇଁ ଉପାୟ ଖୋଜିବା. ଏଥିପାଇଁ ପାରମ୍ପରିକ ଚିନ୍ତାଧାରା ଠାରୁ ଆଗକୁ ବଢିବା, ବିତରଣ ବ୍ୟବସ୍ଥାର ପୁନର୍ବିଚାର କରିବା, ଏହି ଉଦ୍ୟୋଗ କ୍ଷେତ୍ରରେ ପ୍ରଥମ ଥର ପାଇଁ ଅନେକ ସ୍ୱତନ୍ତ୍ର ପଦକ୍ଷେପ ନେବା ଏବଂ ଗ୍ରାହକଙ୍କ ହିତରେ ସାହସିକ ନିଷ୍ପତି ନେବାର ଦୃଢ଼ ସଂକଳ୍ପ ଆବଶ୍ୟକ ହୋଇଛି ।

# ହାଇକୋର୍ଟଙ୍କ ସ୍ଥଗିତାଦେଶ ସତ୍ତ୍ୱେ ଆକ୍ସିସ୍ ବ୍ୟାଙ୍କର ସମାଧାନ ପାଇଁ ଅର୍ଥ ପଇଠ ଦାବି

**ଭୁବନେଶ୍ୱର, ୨୫।୧୦ (ନି.ପ୍ର) :** ହାଇକୋର୍ଟ ଏବଂ ଟ୍ୟାକ୍ସ କର୍ତ୍ତୃପକ୍ଷଙ୍କଠାରୁ ସ୍ପଷ୍ଟ ଆଶ୍ୱସ୍ତି ମିଳିବା ସତ୍ତ୍ୱେ ଆକ୍ସିସ୍ ବ୍ୟାଙ୍କ ଦୀର୍ଘ ୧୫ ଦିନରୁ ଅଧିକ ସମୟ ଧରି ଭୁବନେଶ୍ୱରରେ ଏକ ସଂସ୍ଥାର ମୁଖ୍ୟ ବ୍ୟବସାୟିକ ବ୍ୟାଙ୍କ ଖାତାକୁ ଅଚଳ ରଖିଥିବାରୁ ସଂସ୍ଥାଟି ଗୁରୁତର ଆର୍ଥିକ ସଙ୍କଟରେ ସମ୍ମୁଖୀନ ହୋଇଛି। ଏହି ବିବାଦର ସୂତ୍ରପାତ କିଛି ମାସ ପୂର୍ବରୁ ହୋଇଥିଲା। ସେତେବେଳେ ଟ୍ୟାକ୍ସ କର୍ତ୍ତୃପକ୍ଷ ସରକାରୀ ଆଦେଶ ସଂଖ୍ୟା ୨୭୭୯ ଅନୁଯାୟୀ ଭୁବନେଶ୍ୱରସ୍ଥିତ ଆଡଭେଂଟୋ କମ୍ୟୁନିକେସନ୍ସର ପରିଚାଳନା ଖାତାକୁ ସାମୟିକ ଭାବେ ଅଚଳ କରିଥିଲେ। ଏହି ପଦକ୍ଷେପକୁ ସଂସ୍ଥା ହାଇକୋର୍ଟରେ ଚ୍ୟାଲେ କରିଥିଲା ଏବଂ ହାଇକୋର୍ଟ ଏହା ଉପରେ ସ୍ଥଗିତାଦେଶ ଜାରି କରିଥିଲେ। ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ବିଭାଗ ୨୭୬୭-୮୨ କ୍ରମିକ ସଂଖ୍ୟା ଅନ୍ତର୍ଗତ ଏକ ପ୍ରତ୍ୟାହାର ପତ୍ର ଜାରି କରି ମୂଳ ଖାତା ଅଚଳ ଆଦେଶକୁ ପ୍ରତ୍ୟାହାର କରିଥିଲା। ତେବେ ବ୍ୟାଙ୍କ ଶାଖା କର୍ତ୍ତୃପକ୍ଷ ପ୍ରଥମେ ମୂଳ ଆଦେଶର ଏକକ ସଂଖ୍ୟା ଓ ପ୍ରତ୍ୟାହାର ପତ୍ରରେ ଥିବା ବ୍ୟାପକ କ୍ରମିକ ସଂଖ୍ୟା ମଧ୍ୟରେ ତଥାକଥିତ ଲିପିକରଣ ତ୍ରୁଟି ବା ସଂଖ୍ୟାଗତ ଅମେଳ ଦର୍ଶାଇ ବ୍ୟାଙ୍କିଂ ସେବା ପୁନଃ ଆରମ୍ଭ କରିବାରେ ବିଳମ୍ବ କରିଥିଲେ। ଏହା ପରେ ବ୍ୟାଙ୍କ ଓ ଟ୍ୟାକ୍ସ କର୍ତ୍ତୃପକ୍ଷଙ୍କ ମଧ୍ୟରେ ପ୍ରତ୍ୟାହାର ପତ୍ରର ବ୍ୟାଖ୍ୟାକୁନେଇ ପ୍ରକ୍ରିୟାଗତ ଅଚଳାବସ୍ଥା ସୃଷ୍ଟି ହୋଇଛି। ଜିଏସ୍‌ଟି ଅଧିକାରୀଙ୍କ ମତରେ, ହାଇକୋର୍ଟଙ୍କ ସ୍ଥଗିତାଦେଶ ଅନୁଯାୟୀ ଚୂଡ଼ାନ୍ତ ରାୟ ଆସିବା ପର୍ଯ୍ୟନ୍ତ ପ୍ରତ୍ୟାହାର ପତ୍ର ଅନ୍ତରୀଣ ଆଶ୍ୱସ୍ତି ପ୍ରଦାନ କରୁଛି। ଅନ୍ୟପକ୍ଷରେ, ଆକ୍ସିସ୍ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଯୁକ୍ତି ହେଉଛିଯେ ବକେୟା ଲିଏନ୍ ରାଶି ପଇଠ ନହେବା ପର୍ଯ୍ୟନ୍ତ ଖାତାର କାରବାର ପୁନଃ ଆରମ୍ଭ ହୋଇପାରିବ ନାହିଁ। ଏହି ଦାବି ଆଇନଗତ ପ୍ରଶ୍ନ ଉଠାଇଛି। କାରଣ, ବିବାଦୀୟ ସମ୍ପୂର୍ଣ୍ଣ ରାଶି ଆଗୁଆ ପଇଠ କରିବାକୁ ସଂସ୍ଥାକୁ ବାଧ୍ୟ କରାଗଲେ ହାଇକୋର୍ଟଙ୍କ ସ୍ଥଗିତାଦେଶର ଉଦ୍ଦେଶ୍ୟ ନିଷ୍ଫଳ ହୋଇପାରେ ଏବଂ ଟ୍ୟାକ୍ସ ବିଭାଗର ପ୍ରତ୍ୟାହାର ଆଦେଶର ଉଦ୍ଦେଶ୍ୟ ମଧ୍ୟ ବ୍ୟର୍ଥ ହୋଇପାରେ। ଆଡଭେଂଟୋ କମ୍ୟୁନିକେସନ୍ସର ନିର୍ଦ୍ଦେଶକ ଶ୍ରୀ ଦୁର୍ଗା ଚରଣ ସାମଲ କହିଛନ୍ତି, 'ବ୍ୟାଙ୍କ ଏକ ସରଳ ନିଷ୍ପତି ନେଇପାରୁନଥିବାରୁ ଅଯଥା ବିଳମ୍ବ ସୃଷ୍ଟି ହେଉଛି, ଯାହା ଅତ୍ୟନ୍ତ ଦୁଃଖଦାୟକ। ଆମର ମାମଲା ସ୍ପଷ୍ଟ, ଟ୍ୟାକ୍ସ କର୍ତ୍ତୃପକ୍ଷ ଏକ ଆଦେଶ ଜାରି କରିଥିଲେ, ବ୍ୟାଙ୍କ ଆମ ଖାତାକୁ ଅଚଳ କରିଥିଲା ଏବଂ ହାଇକୋର୍ଟଙ୍କ ରାୟ ପରେ ଟ୍ୟାକ୍ସ ବିଭାଗ ସାଧାରଣ କାରବାରର ପଥ ସୁଗମ କରିବା ପାଇଁ ଉକ୍ତ ଆଦେଶ ପ୍ରତ୍ୟାହାର କରିଥିଲା। ତଥାପି ଏହି ଅଚଳାବସ୍ଥାରେ ଦିନ ପରେ ଦିନ ବିତୁଛି। ଆକ୍ସିସ୍ ବ୍ୟାଙ୍କ ସାଧାରଣ ନ୍ୟାୟିକ ନିର୍ଦ୍ଦେଶଗୁଡ଼ିକର ଅନୁପାଳନ କରିବାରେ ପ୍ରସ୍ତୁତ ନଥିବା ପରି ମନେ ହେଉଛି। ଏହି ମାମଲାରେ ବ୍ୟାଙ୍କର ବରିଷ୍ଠ ନେତୃତ୍ୱ ତୁରନ୍ତ ହସ୍ତକ୍ଷେପ କରନ୍ତୁ ବୋଲି ମୁଁ ଅନୁରୋଧ କରୁଛି।

# ୫୨ନଂ ୱାର୍ଡରେ ସଫେଇ କର୍ମୀଙ୍କୁ ସମ୍ବର୍ଦ୍ଧନା

**କଟକ, ୨୫।୧୦ (ନି.ପ୍ର) :** ୱାର୍ଡର ପରିମଳ ସେବାକୁ ଆଗେଇ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି ସଫେଇ କର୍ମୀ । ଏହି ସଫେଇ କର୍ମୀଙ୍କ ମନରେ ଖୁସିଟିକିଏ ଭରିଦେବା ପାଇଁ କେଏମସି ଅନ୍ତର୍ଗତ ୫୨ନଂ ୱାର୍ଡର କର୍ପୋରେଟର ସୌଭାଗିନୀ ଜେନା ଏକ ଭିନ୍ନ ପ୍ରୟାସ କରିଛନ୍ତି । ଶାରଦୀୟ ଦୁର୍ଗା ପୂଜା ଅବସରରେ କର୍ପୋରେଟର ସୌଭାଗିନୀ ଅରବିନ୍ଦ ନଗରଠାରେ ୱାର୍ଡରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା କରିବା ସହ ନୂତନ ବସ୍ତ୍ର ଓ ଦଶହରା ଭେଟି ପ୍ରଦାନ କରିଛନ୍ତି । ୱାର୍ଡର ସ୍ୱଚ୍ଛତା କ୍ଷେତ୍ରରେ ସଫେଇ କର୍ମୀଙ୍କ ଅବଦାନ ଅତୁଳନୀୟ ଅଟେ ବୋଲି କର୍ପୋରେଟର ସୌଭାଗିନୀ କହିଥିଲେ । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମଙ୍ଗଳାମନ୍ଦିର ମହଲା ସଭାର ସମ୍ପାଦକ ସରୋଜ ପ୍ରସାଦ ସ୍ୱାଇଁ, ପ୍ରଦୀପ ବେହେରା, ଶୁଭେନ୍ଦୁ ମିଶ୍ର, ଚନ୍ଦ୍ରନାଥ ଦାସ, ଦେବୀ ପ୍ରସାଦ ମହାପାତ୍ର, ଶିଶିର ମଲିକ, ବାପି ବେହେରା, ପ୍ରଦୀପ ସେଠୀ, ମହେଶ ମହାପାତ୍ରଙ୍କ ବହୁ ସଂଖ୍ୟାରେ ୱାର୍ଡବସୀ ଓ ସିଏମସି କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



# ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲରେ ଘର ସଜାଇବା ସାମଗ୍ରୀ ବିକ୍ରି ୩ ଗୁଣା ବୃଦ୍ଧି

**ଭୁବନେଶ୍ୱର, ୨୫।୧୦ (ନି.ପ୍ର) :** ଚଳିତ ବର୍ଷ ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ ସହିତ ଭାରତରେ ଘରଗୁଡିକୁ ଅପ୍‌ଗ୍ରେଡ କରିବା ବା ନୂଆ ରୂପ ଦେବାର ଏକ ବଡ ଟ୍ରେଣ୍ଡ ଦେଖିବାକୁ ମିଳିଛି। ଏହି ସେଲ୍ ସମୟରେ ସପିଂ ପରିମାଣ ୩ ଗୁଣ ବୃଦ୍ଧି ପାଇଛି କାରଣ ଗ୍ରାହକମାନେ କିଚେନଠାରୁ ଆରମ୍ଭ କରି ଲିଭିଂ ରୁମ, ବେଡରୁମ ଓ ଆଉଟଡୋର ପର୍ଯ୍ୟନ୍ତ ନିଜର ଘରଗୁଡିକୁ ନୂଆ ରୂପ ଦେବା ପାଇଁ ସପିଂ କରୁଛନ୍ତି। ଏହାର ଅନ୍ୟ ଏକ ପ୍ରମୁଖ କାରଣ ହେଉଛି ସମଗ୍ର ଭାରତ ଦୀପାବଳି ପାଇଁ ପ୍ରସ୍ତୁତ ହେଉଛି। ଏହି ଟ୍ରେଣ୍ଡ କେବଳ ମେଟ୍ରୋ ସହରଗୁଡିକରେ ସୀମିତ ନାହିଁ ବରଂ ଏହା ଲକ୍ଷ୍ନୌ, ଜୟପୁର, ପାଟ୍‌ନା, ଗୌହାଟି, କୋଏମ୍ବାଟୁର, ନାଗପୁର, ଇନ୍ଦୋର ଓ କୋଚି ଭଳି ଅଣ-ମେଟ୍ରୋ ସହରଗୁଡିକ ଦ୍ୱାରା ପରିଚାଳିତ ହେଉଛି, ଯେଉଁଠାରୁ ଆମାଜନ ଡଟ୍ ଇନରେ ୬୦%ରୁ ଅଧିକ ସପିଂ କରିଛନ୍ତି। ଅଣ ମେଟ୍ରୋ ସହରଗୁଡିକ, ମେଟ୍ରୋ ସହର ଭଳି ଦ୍ରୁତ ବେଗରେ ଦୁଇ ଗୁଣ ବୃଦ୍ଧି ପାଇଛି, କାରଣ ଏଠାରେ ଗ୍ରାହକମାନେ ଏଭଳି ବର୍ଗରୁ ସପିଂ କରୁଛନ୍ତି ଯେଉଁଥିରୁ ପୂର୍ବରୁ କେବେ ସପିଂ କରିନଥିଲେ।

ଏସମ୍ପର୍କରେ ଆମାଜନ ଇଣ୍ଡିଆର ହୋମ୍, କିଚେନ ଆଣ୍ଡ ଆଉଟଡୋରସ୍ ବିଭାଗର ନିର୍ଦ୍ଦେଶକ ଅମନ ଦୀପ ଲୋହାନ କହିଛନ୍ତି, 'ଚଳିତ ପାର୍ବଣ ଋତୁରେ ଆମେ ଲୋକମାନଙ୍କୁ ଆତ୍ମବିଶ୍ୱାସ ସହ ନୂଆ ଟେକ୍ନୋଲୋଜି ସହିତ ନିଜ ଘରଗୁଡିକୁ ଅପ୍‌ଗ୍ରେଡ କରୁଥିବାର ଦେଖୁଛୁ ଏବଂ ଏହି ଅଭିବୃଦ୍ଧିର ଏକ ବୃହତ ଅଂଶ ଅଣମେଟ୍ରୋ ସହରଗୁଡିକରୁ ଆସୁଛି। ଏଆଇ-ପରିଚାଳିତ କୁକିଂ ଆପ୍ଲାଏନ୍ସ, ରୋବୋଟିକ କ୍ଲିନର, ଏଆର ପ୍ୟୁରିଫାୟର ଓ କନେକ୍ଟେଡ ଲାଇଟିଂ ଭଳି ଉତ୍ପାଦ ଏହି ପରିବର୍ତନର ନେତୃତ୍ୱ ନେଉଛନ୍ତି। ଗ୍ରାହକମାନେ ପ୍ରିମିୟମ ଉତ୍ପାଦ ଚୟନ କରି ଆମ ଉପରେ ବିଶ୍ୱାସ ଦେଖାଉଛନ୍ତି ଏବଂ ନୋ-କଷ୍ଟ୍ ଇଏମଆଇ, ଏକ୍ସଚେ ଅଫର ଓ ତତ୍କାଳ ବ୍ୟାଙ୍କ ରିହାତି ଭଳି ସୁଲଭତା ସକ୍ଷମକାରୀଗୁଡିକ ଏହି ପଦକ୍ଷେପକୁ ସହଜ କରୁଛନ୍ତି। ପ୍ରମୁଖ ବ୍ରାଣ୍ଡଗୁଡିକର ଏକ ବିସ୍ତୃତ ଚୟନ ସହିତ ଅନେକ ଗ୍ରାହକ କେବଳ ଗୋଟିଏ ଉତ୍ପାଦ କ୍ରୟ ନକରି ଅଧିକ ସେଗମେଂଟ ଅନ୍ୱେଷଣ କରୁଛନ୍ତି ଓ ପ୍ରଥମ ଥର ପାଇଁ ନୂତନ ବର୍ଗରେ ସପିଂ କରୁଛନ୍ତି। ଆମାଜନର ଏଆଇ ପରିଚାଳିତ ଟୁଲଗୁଡିକ ମଧ୍ୟ ଗ୍ରାହକଙ୍କ ସପିଂକୁ ଅଧିକ ସରଳ ଓ ସୁବିଧାଜନକ କରୁଛି।'




# ଆଇପିଏଏଫ୍ ଭୁବନେଶ୍ୱର ୨୦୨୬ ଶାସ୍ତ୍ରୀୟ, ଲୋକ କଳା ଓ ସମାବେଶୀ ପ୍ରଦର୍ଶନ ଜରିଆରେ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପାଳନ କରୁଛି

**ଭୁବନେଶ୍ୱର, ୨୫।୧୦ (ନି.ପ୍ର) :** ଦି ଇଣ୍ଟରନ୍ୟାସନାଲ ପରଫର୍ମିଂ ଆର୍ଟସ ଫେଷ୍ଟିଭାଲ ( ଆଇ ପି ଏ ଏଫ୍ ) ଭୁବନେଶ୍ୱରର ଜୟଦେବ ଭବନରେ ୨୦୨୬ ଅକ୍ଟୋବର ୨୪ ତାରିଖରେ ତାହାର ୯ମ ସଂସ୍କରଣ ସଫଳତାର ସହିତ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମ ବିଶିଷ୍ଟ ଅତିଥିବୃନ୍ଦ, ଖ୍ୟାତିସମ୍ପନ୍ନ କଳାକାର, ଉଦୀୟମାନ ପ୍ରଦର୍ଶନକାରୀ ଏବଂ ଶ୍ରବଣ ବାଧିତ ଛାତ୍ର ଛାତ୍ରୀଙ୍କୁ ପ୍ରଦର୍ଶନ କଳା ଜରିଆରେ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, କଳାତ୍ମକ ଉତ୍କର୍ଷ ଓ ଅନ୍ତର୍ଭୁକ୍ତିକୁ ପାଳନ କରିବା ନିମନ୍ତେ ଏକ ପ୍ରେରଣାଦାୟୀ ସନ୍ଧ୍ୟାରେ ଏକତ୍ରିତ କରିଥିଲା। ସାଂସ୍କୃତିକ ଉଦ୍‌ଯୋଗୀ ଶ୍ରୀ ଶ୍ୟାମ ପାଣ୍ଡେ, ଡାଇରେକ୍ଟର, ଦି ଇଣ୍ଟରନ୍ୟାସନାଲ ପରଫର୍ମିଂ ଆର୍ଟସ୍ ଫେଷ୍ଟିଭାଲଙ୍କ ଦ୍ୱାରା ୨୦୧୫ ଜୁଲାଇ ୨୩ ତାରିଖରେ ଅହମଦାବାଦସ୍ଥିତ ଟାଗୋର ହଲ୍ ଠାରେ ଆଇପିଏଏଫ୍ ସ୍ଥାପିତ ହୋଇଥିଲା। ଏହି ଉତ୍ସବ ସମଗ୍ର ଭାରତରେ ପାରମ୍ପରିକ କଳା ପ୍ରକାର ଗୁଡ଼ିକର ସଂରକ୍ଷଣ, ଉଦୀୟମାନ ପ୍ରତିଭାଙ୍କୁ ଉତ୍ସାହିତ କରିବା ଏବଂ କଳାକାରମାନଙ୍କୁ ଅର୍ଥପୂର୍ଣ୍ଣ ମଞ୍ଚ ଯୋଗାଇଦେବାକୁ ଉତ୍ସର୍ଗୀକୃତ ଅଟେ। ପଣ୍ଡିତ ଅଭିରାମ ନନ୍ଦ ଓ ତାଙ୍କ ଗ୍ରୁପ୍ ଦ୍ୱାରା ମନମୁଗ୍ଧକର




ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ବଂଶୀ ବାଦନ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କିମ୍ବଦନ୍ତୀ ବଂଶୀ ବାଦକ ପଣ୍ଡିତ ହରିପ୍ରସାଦ ଚୌରାଶିଆଙ୍କର ଜଣେ ବରିଷ୍ଠ ଶିଷ୍ୟ ପଣ୍ଡିତ ନନ୍ଦ ତାଙ୍କର ତଲ୍ଲୀନକାରୀ ବଂଶୀ ବାଦନରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ତାଙ୍କ ସହିତ ତବଲାରେ ଶ୍ରୀ ବିଶ୍ୱ ରଞ୍ଜନ ନନ୍ଦ ଓ ପଖଉଜରେ ସୌମ୍ୟ ରଂଜନ ନାୟକ ସଂଗତ କରିଥିଲେ। ପରେ ପରେ ଦର୍ଶକଙ୍କ ସମ୍ମୁଖରେ ବିଶିଷ୍ଟ ନୃତ୍ୟଶିଳ୍ପୀ ଶାୟୋମିତା ଦାସଗୁପ୍ତା ଚମତ୍କାର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। କିମ୍ବଦନ୍ତୀ ଗୁରୁ କେଳୁଚରଣ ମହାପାତ୍ରଙ୍କ ସମେତ ବିଶିଷ୍ଟ ଗୁରୁମାନଙ୍କ ଅଧୀନରେ ଓଡ଼ିଶୀ ନୃତ୍ୟ ତାଲିମ ନେଇଥିବା ଶାୟୋମିତା ଦୁର୍ଗା ସ୍ତୁତି – ଜଟାଜୁଟ ସମାଯୁକ୍ତମ୍ ଉପସ୍ଥାପନ କରିଥିଲେ, ଯେଉଁଥିରେ ସେ ନିଜର ଲାଳିତ୍ୟପୂର୍ଣ୍ଣ ଅଙ୍ଗ ଭଙ୍ଗୀ ଓ ଅଭିବ୍ୟକ୍ତକାରି କାହାଣୀ କଥନ ଜରିଆରେ ଦେବୀ ଦୁର୍ଗାଙ୍କର ନାରୀ ଶକ୍ତିକୁ ସମ୍ମାନ ପ୍ରଦର୍ଶନ କରିଥିଲେ। ପ୍ରଦର୍ଶନ କଳା ଜରିଆରେ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରୁଥିବା ଏହି ଉତ୍ସବର ଅନ୍ୟତମ ଉଲ୍ଲେଖନୀୟ ବିଷୟ ଥିଲା ଭୁବନେଶ୍ୱର ୟୁନିଟ – ୬ ସତ୍ୟଭାମା ଦେବୀ କଲେଜ୍ ଫର୍ ହିଅରିଂ ଇମ୍ପାୟାର୍ଡ ଛାତ୍ର ଛାତ୍ରୀଙ୍କ ହୃଦୟସ୍ପର୍ଶୀ ପ୍ରଦର୍ଶନ। 'ମୋ ଜାଗା କାଳିଆରେ', 'ସଜନୀ ସଜନୀ କଳା ଚାନ୍ଦ' ଓ 'ସତ୍ୟ ଶିବମ ସୁନ୍ଦରମ୍' ଭକ୍ତି ଗୀତରେ ଆଧ୍ୟାତ୍ମିକ ଓ ଅଭିବ୍ୟକ୍ତକାରୀ ନୃତ୍ୟ ପ୍ରଦର୍ଶନ ଜରିଆରେ ଛାତ୍ର ଛାତ୍ରୀମାନେ ସେମାନଙ୍କର କଳାତ୍ମକ ପାରଦର୍ଶିତା ଓ ଏକାଗ୍ରତା ପ୍ରଦର୍ଶନ କରିଥିଲେ, ଯାହା ପ୍ରତିବନ୍ଧକର ଉର୍ଦ୍ଧ୍ୱକୁ ଯିବା ପାଇଁ ଅନ୍ତର୍ଭୁକ୍ତି ଓ କଳାର ସାମର୍ଥ୍ୟ ବାର୍ତ୍ତା ଦେଇଥିଲା। ୨୦୧୬ ରେ ସ୍ଥାପିତ ଏହି ପ୍ରତିଷ୍ଠାନ ଶ୍ରବଣ ଶକ୍ତି ବାଧିତ ଛାତ୍ର ଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା ପ୍ରଦାନ ଓ ସେମାନଙ୍କ ପ୍ରତିଭା ପରିପୋଷଣ କରିବା ନିମନ୍ତେ ଉତ୍ସର୍ଗୀକୃତ। ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀମତୀ ନିରୋଜା ଲକ୍ଷ୍ମୀ ମହାପାତ୍ରଙ୍କ ମାର୍ଗଦର୍ଶନ ଅଧୀନରେ କଲେଜ୍ ଶିକ୍ଷା, ସୃଜନଶୀଳତା ଏବଂ ସାଂସ୍କୃତିକ ଅଂଶଗ୍ରହଣ ଜରିଆରେ ଛାତ୍ର ଛାତ୍ରୀଙ୍କୁ ବରାବର ଉତ୍ସାହିତ କରିଆସୁଛି। ଏହି ଉତ୍ସବରେ ମଧ୍ୟ ରସୁଲଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ଛାତ୍ରୀଙ୍କ ଦ୍ୱାରା ଏକ ଆକର୍ଷଣୀୟ କାର୍ଯ୍ୟକ୍ରମ ଉପସ୍ଥାପନ କରାଯାଇଥିଲା, ଯେଉଁଥିରେ ସମ୍ବଲପୁରୀ ଲୋକନୃତ୍ୟ ଏବଂ ଆଧ୍ୟାତ୍ମିକ ଭଜନ ଜରିଆରେ ଓଡ଼ିଶାର ସାଂସ୍କୃତିକ ପରମ୍ପରା ପ୍ରଦର୍ଶିତ ହୋଇଥିଲା।









# ୧ ଲକ୍ଷ ଟଙ୍କା ଯୌତୁକ ଦାବୀରେ ମହିଳାଙ୍କୁ ନିର୍ଯ୍ୟାତନା

**ବଲଙ୍ଗା, ୨୫।୧୦ (ନି.ପ୍ର):** ଅଧିକ ୧ ଲକ୍ଷ ଟଙ୍କା ଯୌତୁକ ଦାବୀରେ ବଲଙ୍ଗା ଥାନା କୁମାରଶ୍ୱର ଗ୍ରାମରେ ଜଣେ ମହିଳାଙ୍କୁ ଶାଶୁଘର ପକ୍ଷରୁ ନିର୍ଯାତନା ଦିଆଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି। ସୂଚନା ମୁତାବକ କୁମାରଶ୍ୱର ଗ୍ରାମର ସତ୍ୟପ୍ରିୟ ମହାପାତ୍ରଙ୍କ ପତ୍ନୀ ପ୍ରିୟଦର୍ଶନୀ ମହାପାତ୍ର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଗତ ୬ବର୍ଷ ତଳେ ପ୍ରିୟଦର୍ଶନୀ ବୈଦିକ ରୀତିରେ ସତ୍ୟପ୍ରିୟଙ୍କୁ ବିବାହ କରିଥିଲେ। ବିବାହ ସମୟରେ ବରଘର ଦାବୀ ମୁତାବକ କନ୍ୟାଘର ପକ୍ଷରୁ ନଗଦ ୭୦ହଜାର ଟଙ୍କା ସହ ସମସ୍ତ ଆସବାବ ପତ୍ର ଦିଆଯାଇଥିଲା। ସତ୍ୟପ୍ରିୟ ଭାରତୀୟ ସୈନ୍ୟ ବାହିନୀରେ ଚାକିରୀ କରୁଥିବାରୁ ବାହାଘର ୧୫ଦିନ ପରେ ସତ୍ୟପ୍ରିୟ ଚାକିରୀରେ ଯୋଗଦେବାକୁ ଯାଇଥିଲେ। ଏହାର କିଛି ଦିନ ପରେ ଶାଶୁ ବାସନ୍ତୀ ମହାପାତ୍ର ଶଶୁର ରବିନ୍ଦ୍ର ମହାପାତ୍ର ବାପଘରୁ ୧ଲକ୍ଷ ଟଙ୍କା ଆଣିବା ପାଇଁ ପ୍ରିୟ ଦର୍ଶନୀଙ୍କୁ କହିଥିଲେ। ପ୍ରିୟ ଦର୍ଶନୀ ପ୍ରତିବାଦ କରିବାରୁ ଶାଶୁ ଶଶୁର ତାଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏନେଇ ପ୍ରିୟ ଦର୍ଶନୀ ଫୋନ ଯୋଗେ ସତ୍ୟପ୍ରିୟଙ୍କୁ ଜଣାଇଥିଲେ ସୁଦ୍ଧା ସେ ତାଙ୍କ ବାପା ବୋଉ କଥାରେ ପରିଚାଳିତ ହୋଇ ପ୍ରିୟଦର୍ଶନୀଙ୍କୁ ଗାଳି ଗୁଲଜ କରିଥିଲେ। ପରେ ଶାଶୁ ଶଶୁର ପ୍ରିୟ ଦର୍ଶନୀଙ୍କୁ ମାଡ ମାରି ଘରୁ ବାହାର କରିଦେଇଥିଲେ। ବାଧ୍ୟ ହୋଇ ପ୍ରିୟ ଦର୍ଶନୀ ବାପ ଘର ବଲଙ୍ଗା ଥାନା ଅନ୍ତର୍ଗତ ଦାଶ ପୁରୁଷୋତ୍ତମପୁର ଗ୍ରାମରେ ରହିବା ସହ ଭୁବନେଶ୍ୱର ଫ୍ୟାମିଲି କୋର୍ଟରେ ଆଶ୍ରୟ ନେଇଥିଲେ। ଫ୍ୟାମିଲି କୋର୍ଟରେ ବିଚାର ପତିଙ୍କ ଆଦେଶ କ୍ରମେ ଉଭୟ ପକ୍ଷ ହାଜର ହେବା ପରେ କିଛି ଦିନ ପାଇଁ ସ୍ୱାମୀ ସ୍ତ୍ରୀ ଏକାଠି ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ସତ୍ୟପ୍ରିୟ ପ୍ରିୟ ଦର୍ଶନୀଙ୍କୁ ସାଥିରେ ଆଣି ଘରକୁ ନେବା ପରିବର୍ତ୍ତେ ? ପୁରୀ ନେଇ ଭଡ଼ାଘରେ ରଖିଥିଲେ। ଘଟଣା ଦିନ ରାତିରେ ପତ୍ନୀଙ୍କୁ ପ୍ରବଳ ମାଡ ମାରିଥିଲେ। ଏନେଇ ପ୍ରିୟ ଦର୍ଶନୀ ଫୋନ୍ ଯୋଗେ ତାଙ୍କ ସାନ ଭଉଣୀଙ୍କୁ ଜଣାଇଥିଲେ। ସାନ ଭଉଣୀ ସ୍ଥାନୀୟ ପୋଲିସ ସହାୟତାରେ ପ୍ରିୟ ଦର୍ଶନୀଙ୍କୁ ଭଡାଘରୁ ନେଇ ଆସିଥିଲେ। ବର୍ତ୍ତମାନ ପ୍ରିୟ ଦର୍ଶନୀ ବାପଘରେ ରହୁଥିଲା ବେଳେ ନ୍ୟାୟ ପାଇଁ ସେ ବଲଙ୍ଗା ଥାନାରେ ଅଭିଯୋଗ କରିଛନ୍ତି।

# ଦୁର୍ଗା ପୂଜା ଅବସରରେ ମାରୱାଡ଼ି ଯୁବା ମଞ୍ଚ କଟକ ଶାଖା ପକ୍ଷରୁ ସେବା କାର୍ଯ୍ୟ




**କଟକ, ୨୫।୧୦ (ନି.ପ୍ର):** ମାରୱାଡ଼ି ଯୁବା ମଞ୍ଚ, କଟକ ଶାଖା ପକ୍ଷରୁ କଟକର ଫିରିଙ୍ଗି ବଜାରସ୍ଥିତ ଦୁର୍ଗା ମଣ୍ଡପ ନିକଟ ଦୁର୍ଗା ବସାଣିଠାରେ ଏକ ସେବା କାର୍ଯ୍ୟ ଆୟୋଜନ କରାଯାଇଥିଲା। ଏହି ଅବସରରେ ମଞ୍ଚର ସଦସ୍ୟମାନେ ଶ୍ରଦ୍ଧାଳୁ ଓ ଉପସ୍ଥିତ ଲୋକମାନଙ୍କ ମଧ୍ୟରେ ପାଣି, ଚା, ବିସ୍କୁଟ ଏବଂ ରାମ ଖିଚୁଡ଼ି ବଣ୍ଟନ କରିଥିଲେ। ସଦସ୍ୟମାନେ ଉତ୍ସାହର ସହିତ ଏହି ସେବା କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ।

ସମାଜରେ ସେବା, ସହଯୋଗ ଓ ଏକତାର ଭାବନାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ମାରୱାଡ଼ି ଯୁବା ମଞ୍ଚ, କଟକ ଶାଖା ନିରନ୍ତର ବିଭିନ୍ନ ସାମାଜିକ କାର୍ଯ୍ୟକଳାପରେ ନିଜର ଯୋଗଦାନ ଦେଇଆସୁଛି।

# ୨୧ ନବଜାତ କନ୍ୟାଙ୍କୁ ସମ୍ମାନିତ କଲା ଯାରାନା ଗ୍ରୁପ

**କଟକ, ୨୫।୧୦ (ନି.ପ୍ର) :** ନବରାତ୍ରି ଅବସରରେ ଜନ୍ମଗ୍ରହଣ କରିଥିବା ୨୧ ଜଣ ନବଜାତ କନ୍ୟାଙ୍କ ସମ୍ମାନାର୍ଥ ? ଯାରାନା ଗ୍ରୁପ୍ ପକ୍ଷରୁ କଟକସ୍ଥିତ ଏସ୍ ?ସିବି ମେଡିକାଲ କଲେଜ ଓ ହସ୍ପିଟାଲର ନବଜାତ ଶିଶୁ ବିଭାଗରେ କନ୍ୟା ପୂଜନ ଓ ବେବି କିଟ୍ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଏହି ଅବସରରେ ୨୧ ଜଣ ନବଜାତ କନ୍ୟାଙ୍କୁ ପୂଜନ କରି ସମ୍ମାନିତ କରାଯିବା ସହ ସେମାନଙ୍କ ଆବଶ୍ୟକତା ପାଇଁ ବିଭିନ୍ନ ଉପଯୋଗୀ ସାମଗ୍ରୀ ଥିବା ବେବି କିଟ୍ ବଣ୍ଟନ କରାଯାଇଥିଲା। କନ୍ୟା ସନ୍ତାନଙ୍କ ଜନ୍ମକୁ ଉତ୍ସବ ଭାବେ ପାଳନ କରିବା, ମାତୃତ୍ୱକୁ ସମ୍ମାନ ଦେବା ଏବଂ ସମାଜରେ କନ୍ୟା ସନ୍ତାନଙ୍କ ପ୍ରତି ସକାରାତ୍ମକ ମନୋଭାବ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

'ବେଟି ବଞ୍ଚାଓ, ବେଟି ପଢ଼ାଓ' ଅଭିଯାନର ବାର୍ତ୍ତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସହ କନ୍ୟା ସନ୍ତାନଙ୍କ ସୁରକ୍ଷା, ଶିକ୍ଷା ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସଚେତନତା ସୃଷ୍ଟି କରିବା ଦିଗରେ ଯାରାନା ଗ୍ରୁପ୍ ?ର ଏହି ପ୍ରୟାସ ଏକ ପ୍ରେରଣାଦାୟକ ପଦକ୍ଷେପ ଭାବେ ବିବେଚିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଯାରାନା ଗ୍ରୁପ୍ ?ର ସଦସ୍ୟ ଦୀପକ ମୋଦା, ବିଜୟ ଶର୍ମା, ରାକେଶ ଜୈନ, ସିରିଶ ମିଶ୍ର, ସୁନୀଲ ବାଥୱାଲ, ଅଶୋକ ମେୱାଡ଼ୀ, ଅଜୟ ଅଗ୍ରୱାଲ, ରାଜେଶ ଶର୍ମା, ବିକାଶ ପଟୱାରୀ, ଜୟପ୍ରକାଶ ଶର୍ମା, ମୋହିତ ସନ୍ତକୁ, ସୁଜିତ ମହାପାତ୍ର, ପ୍ରୀତମ ଲାଲ ସୁନ୍ଦରକା, ସଜ୍ଜନ ଶର୍ମା, ଦିଲୀପ ବର୍ମା, ବିନୋଦ ଅଗ୍ରୱାଲ, କମଲ ପଟୱାରୀ, ସଞ୍ଜୟ ପଟୱାରୀ, ବିକାଶ ଅଗ୍ରୱାଲ, ମନୋଜ ଶର୍ମା ଓ ବିବେକ ଶର୍ମାଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।




## କୁମାରପୂର୍ଣ୍ଣମୀ ପର୍ବ ପାଳନ କଲେ କୁମାରୀ

# କୁଆଁର ପୁନେଇଁ ଗୀତରେ ଉତ୍ସବମୁଖର ପୁର ଠାରୁ ପଲ୍ଲୀ

**କାକଟପୁର, ୨୫/୧୦ (ନି.ପ୍ର):** ଓଡ଼ିଆ ପରମ୍ପରା ରେ ବିଭିନ୍ନ ଦେବାଦେବୀ ଙ୍କୁ ପୂଜା ପାଇଁ ବାର ମାସରେ ତେର ପର୍ବ ପାଳନ କରାଯାଇଥାଏ କ୍ଷ ଏହି ପରି ସକଳ ଶକ୍ତି ର ଆଧାର ସୂର୍ଯ୍ୟ ଓ ଚନ୍ଦ୍ର ଦେବତା ଙ୍କ ପୂଜା ପୁର ଠାରୁ ପଲ୍ଲୀ ପର୍ଯ୍ୟନ୍ତ ପାଳିତ ହୋଇଥାଏ। ଯାହା କୁମାର ପୂର୍ଣ୍ଣମୀ ନାମରେ ପରିଚିତ। ଗାଁ ଗାଁ ରେ କୁମାରୀ ମାନେ ପାଳନ କରନ୍ତି କୁମାରୋତ୍ସବ । ପ୍ରାତଃ ରୁ ଉଠି କୁମାରୀ ମାନେ ସ୍ନାନ କରି ନବ ବସ୍ତ୍ର ପରିଧାନ କରି ଉଦୟ ହେଉଥିବା ବାଳ ସୂର୍ଯ୍ୟଙ୍କୁ ଆଞ୍ଜୁଳି ଟେକିଥିଲେ। ଅଛଡା ଲିଆ, ନଡ଼ିଆ, ଗୋଟା ଗୁଆ,ଘଣ୍ଟ ତୋଳା, ଆଖୁ, ଫୁଲ ଲଗା କାକୁଡ଼ି କସି, ଜହ୍ନ କସି,ସାତ ପ୍ରକାର ଫଳ ହାତ ପାପୁଲି ରେ ଧରି ସୂର୍ଯ୍ୟ ଦେବତାଙ୍କୁ ଅର୍ପଣ କରିଥିଲେ । ଦିନ ସାରା ଉପବାସ ରହି ବ୍ରତ/ଓଷା ରଖିଥିବା କୁମାରୀ ମାନେ ସଂଧ୍ୟା ରେ ତୁଳସୀ ଚଉରା ମୂଳରେ ଏକାଠି ହୋଇଥିଲେ । ଝୋଟି, ମୁରୁଜ, ଫୁଲ ରେ ଚଉରା ମୂଳ ସଜାଇ ପୂଜା ଥାଳି ରେ ଛଡା ଲିଆ , କଦଳୀ, ବିଭିନ୍ନ ଫଳ ମୂଳ, ଗୁଡ଼, ଛେନା, ଦହି, ନଡ଼ିଆ ଥୋଇ ଆକାଶ ରେ ପୂର୍ଣ୍ଣମୀ ଜହ୍ନ ଦେଖି ଚାନ୍ଦ ପୂଜା କରିଥିଲେ। ଭୋଗ ପରେ ସମସ୍ତେ ଗାଇଥିଲେ କୁଆଁର ପୁନେଇଁ ଜହ୍ନଗୋ ଫୁଲ ବଉଳବେଣୀ ଗୀତ। ଜହ୍ନ ଙ୍କୁ ଚଉରାମୂଳରେ ପୂଜା ହୋଇଥିବା ଭୋଗ କୁ ଚକଟି ଚକଟା ପ୍ରସ୍ତୁତ କରାଯାଇଥିଲା। ଏହି ଭୋଗ ଚକଟା କୁ ଖାଇ କୁମାରୀ ମାନେ ଓଷା ପୂର୍ଣ୍ଣ କରିଥିଲେ । କେହି କେହି କୁମାରୀ ଏହି ଚକଟା କୁ ପରସ୍ପର ଖୁଆଇ ଚାନ୍ଦ ( ମିତ) ବସିଥିଲେ। ପରେ ପରେ ଗାଁ ଦାଣ୍ଡରେ ଶୁଭିଥିଲା ସେଇ ପରମ୍ପରା, ଓଡ଼ିଆ ଜାତିର ଗୀତି କଥା, ଯାହାକୁ କୁମାରୀ ମନେ ଏକସଙ୍ଗେ ମେଳି ହୋଇ ଗାଇଥିଲେ, ''କୁଆଁର ପୁନେଇଁ ଜହ୍ନ ଗୋ ଫୁଲ ବଉଳ ବେଣୀ '' ଏହି ପରମ୍ପରା ଆମ ଓଡ଼ିଆ ସଂସ୍କୃତି ରେ ରହି ଆସିଛି କାହିଁ କେତେ କାଳରୁ । କୁଆଁର ପୁନେଇଁ ଜହ୍ନ ଗୋ ଫୁଲ ବଉଳବେଣୀ ଗୀତ ରେ କମ୍ପି ଉଠିଥିଲା ପ୍ରାୟ ପ୍ରତ୍ୟେକ ଗାଁ ଦାଣ୍ଡ ଓ ଚଉରା ମୂଳ ଠାରୁ ସହର ପର୍ଯ୍ୟନ୍ତ, ପୁର ଠାରୁ ପଲ୍ଲୀ ପର୍ଯ୍ୟନ୍ତ।



# ପାରାଦ୍ୱୀପ ରେ 'କୁମାର ଉତ୍ସବ -୨୦୨୬' ପାଳିତ

**ପାରାଦୀପ,୨୫/୧୦ (ନି.ପ୍ର):** ପାରାଦୀପ ବନ୍ଦର ପ୍ରାଧିକରଣର ସାଂସ୍କୃତିକ ଅନୁଷ୍ଠାନ ଜଗନ୍ନାଥ ଲଳିତ କଳା ସଂସଦ ପକ୍ଷରୁ ସ୍ଥାନୀୟ ଜୟଦେବ ସଦନ ପରିସରରେ 'କୁମାର ଉତ୍ସବ–୨୦୨୬' ମହାସମାରୋହରେ ପାଳିତ ହୋଇଯାଇଛି। ଓଡ଼ିଶା ତଥା ଓଡ଼ିଆ ଜାତିର ପାରମ୍ପରିକ କଳା, ସଂସ୍କୃତି ଓ ଲୋକପରମ୍ପରାର ପ୍ରଚାରପ୍ରସାର ସହ ନୂତନ ପିଢ଼ିର ଅନ୍ତର୍ନିହିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଲକ୍ଷ୍ୟରେ ଆୟୋଜିତ ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତା, ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆକର୍ଷଣର କେନ୍ଦ୍ର ପାଲଟିଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଗନ୍ନାଥ ଲଳିତ କଳା ସଂସଦର ସଭାପତି କ୍ୟାପଟେନ୍ ଅଲେଖ ଚରଣ ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବର ଶୁଭାରମ୍ଭ କରିଥିଲେ। ଏଭଳି ଆୟୋଜନ ମାଧ୍ୟମରେ ଓଡ଼ିଆ ପରମ୍ପରାର ସଂରକ୍ଷଣ ସହ କଳା ଓ ସଂସ୍କୃତି ପ୍ରତି ଯୁବପିଢ଼ିଙ୍କ ଆଗ୍ରହ ବୃଦ୍ଧି ପାଇବାର ସୁଯୋଗ ସୃଷ୍ଟି ହୋଇଥିଲା। କୁମାର ପୂର୍ଣ୍ଣିମା ଓଡ଼ିଶାର ଏକ ପ୍ରମୁଖ ପାରମ୍ପରିକ ପର୍ବ। ଆଶ୍ୱିନ ମାସର ପୂର୍ଣ୍ଣିମା ତିଥିରେ ପାଳିତ ଏହି ପର୍ବ ଓଡ଼ିଆ ଜନଜୀବନ ଓ ସଂସ୍କୃତି ସହ ଗଭୀର ଭାବେ ଜଡ଼ିତ। ଏହି ଦିନ ଅବିବାହିତ ଝିଅମାନେ ନୂତନ ବସ୍ତ୍ର ପରିଧାନ କରି ସଜବାଜ ହେବା ସହ ଚାନ୍ଦ ପୂଜା କରିଥାନ୍ତି। ପାରମ୍ପରିକ ଗୀତ, ନୃତ୍ୟ, ଚାନ୍ଦ ପୂଜା ଓ ବିଭିନ୍ନ ଲୋକାଚାର ଏହି ପର୍ବର ବିଶେଷ ଆକର୍ଷଣ। ଏହା ଓଡ଼ିଆ ଜାତିର ସାଂସ୍କୃତିକ ପରିଚୟ, ଆନନ୍ଦ ଓ ସାମାଜିକ ଏକତାର ପ୍ରତୀକ ଭାବେ ପରିଚିତ। ଉତ୍ସବ ଅବସରରେ ରବିବାର ଅପରାହ୍ନ ୪ଟାରୁ ବିଭିନ୍ନ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏଥିରେ ଚାମଚରେ ଲେମ୍ବୁ ନେଇ ଦୌଡ଼, ସନ୍ତୁଳନ ରକ୍ଷା ପ୍ରତିଯୋଗିତା, ରଙ୍ଗୋଲି, ବେଲୁନ୍ କୁଇନ୍, ଅଳତା ଓ ମେହେନ୍ଦି ଭଳି ଆକର୍ଷଣୀୟ ପ୍ରତିଯୋଗିତା ସ୍ଥାନ ପାଇଥିଲା। ଏହି ପ୍ରତିଯୋଗିତାଗୁଡ଼ିକ ଜୁନିୟର ଓ ସିନିୟର ବର୍ଗରେ ଆୟୋଜିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ପ୍ରତିଯୋଗୀମାନେ ନିଜ ନିଜର ପ୍ରତିଭା, ଦକ୍ଷତା ଓ ସୃଜନଶୀଳତାର ପରିଚୟ ଦେଇଥିଲେ। ଏଭଳି ପ୍ରତିଯୋଗିତା ମାଧ୍ୟମରେ ଶିଶୁ ଓ ଯୁବପିଢ଼ିଙ୍କ ମଧ୍ୟରେ ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା, ଆତ୍ମବିଶ୍ୱାସ ଓ ସୃଜନଶୀଳ ମନୋଭାବର ବିକାଶ ପାଇଁ ଏକ ସୁନ୍ଦର ମଞ୍ଚ ସୃଷ୍ଟି ହୋଇଥିଲା। ସନ୍ଧ୍ୟା ୬ଟାରୁ ରାତି ୮ଟା ପର୍ଯ୍ୟନ୍ତ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ମନୋରମ ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କଳାକାରମାନଙ୍କ ଆକର୍ଷଣୀୟ ପ୍ରଦର୍ଶନ ଉପସ୍ଥିତ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିବା ସହ ଜୟଦେବ ସଦନ ପରିସରକୁ ଉତ୍ସବମୁଖର କରିଥିଲା। ଏହି ସାଂସ୍କୃତିକ ସନ୍ଧ୍ୟା ମାଧ୍ୟମରେ ଓଡ଼ିଶାର ସମୃଦ୍ଧ କଳା ଓ ପରମ୍ପରାର ଝଲକ ଦେଖିବାକୁ ମିଳିଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଉପଢ଼ ?କନ ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ପ୍ରତିଭାର ସ୍ୱୀକୃତି ଓ ସମ୍ମାନ ପ୍ରତିଯୋଗୀମାନଙ୍କୁ ଆଗାମୀ ଦିନରେ ଅଧିକ ଉତ୍ସାହର ସହ କଳା ଓ ସଂସ୍କୃତି କ୍ଷେତ୍ରରେ ଆଗେଇବାକୁ ପ୍ରେରଣା ଯୋଗାଇଥିଲା। ଜଗନ୍ନାଥ ଲଳିତ କଳା ସଂସଦର ସମ୍ପାଦକ ପ୍ରଶାନ୍ତ ମହାରଣାଙ୍କ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦିତ ହୋଇଥିଲା। ଓଡ଼ିଶାର ପାରମ୍ପରିକ ପର୍ବକୁ ଆଧାର କରି ଆୟୋଜିତ ଏହି ଉତ୍ସବ କଳା, ସଂସ୍କୃତି ଓ ସାମାଜିକ ମିଳନର ଏକ ଉଲ୍ଲେଖନୀୟ ମଞ୍ଚ ଭାବେ ପରିଚିତ ହୋଇଥିଲା।



## ଧାନ ଫସଲରେ ପତ୍ର ପୋଡ଼ା ରୋଗ

# କାମ ଦେଉନି କୀଟନାଶକ : ଚିନ୍ତାରେ ଚାଷୀ



**ବଲଙ୍ଗା, ୨୫।୧୦ (ନି.ପ୍ର):** ଚଳିତ ଖରିଫ୍ ଧାନ ଚାଷ ଆରମ୍ଭରୁ ଚାଷୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି। କ୍ରମାଗତ ବର୍ଷା ଓ ଅନୁକୂଳ ପାଣିପାଗ ଯୋଗୁଁ ଆଶାଜନକ ଉତ୍ପାଦନ ଚାଷୀ ଆଶା ରଖିଛନ୍ତି। ହଠାତ୍ ଦେଖାଦେଇଛି ରୋଗପୋକ। ବର୍ତ୍ତମାନ ଧାନ ଗଛରୁ କେଣ୍ଡା ବାହାରିବା ସମୟ ଏହିସମୟରେ ରୋଗ ପୋକ ଲାଗିଲେ ସମ୍ପୂର୍ଣ୍ଣ ଧାନ ଚାଷ ବାଧାପ୍ରାପ୍ତ ଆଶଙ୍କା ରହିଛି।ପୋକ ଗୁଡିକ ଗଛ ମୂଳରେ ମେଞ୍ଚା ହୋଇ ରହୁଥିବା ବେଳେ ପତ୍ର ଗୁଡ଼ିକୁ ଶୁଷ୍କ ସହ ପତ୍ର ଗୁଡିକ ନାଲି ପଡିଯାଉଛି । ବହୁତ ପରିମାଣର ପତ୍ର ଗଛରୁ ଖସି ପଡୁଛି।ରୋଗ ଯୋଗୁ ଆବଶ୍ୟକତା ଅନୁଯାୟୀ ଗଛ ବଢି ପାରୁନାହିଁ।କୃଷି ବିଭାଗ ପକ୍ଷରୁ ଆବଶ୍ୟକୀୟ ପରାମର୍ଶ ମିଳୁନଥିବାରୁ କୀଟନାଶକ ବ୍ୟବସାୟୀ ଉପରେ ଚାଷୀମାନେ ନିର୍ଭର କରୁଛନ୍ତି। ଅନେକ ମୁନାଫା ଖୋର ବ୍ୟବସାୟୀ ନିମ୍ନମାନର କୀଟନାଶକ ଦେଉନଥିବାରୁ ଏହା କାର୍ଯ୍ୟ କରୁନଥିବା ରୁ ଚାଷୀ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ଅନେକ ଚାଷୀ କୀଟନାଶକ ପକାଉଥିଲେ ମଧ୍ୟ ଔଷଧ କାମ ଦେଉନଥିବା ରୁ କୌଣସି ସୁଫଳ ମିଳୁନାହିଁ। ନିମାପଡ଼ା ବ୍ଲକ ଅନ୍ତର୍ଗତ ବଲଙ୍ଗା,ଉଛୁପୁର, କୋଠକୁସାଙ୍ଗ ପ୍ରଭୃତି ଅନେକ ପଞ୍ଚାୟତରେ ଏଭଳି ସ୍ଥିତି ଦେଖାଦେଇଛି। ଜିଲ୍ଲା ପାଳ ଓ ଜିଲ୍ଲା କୃଷି ଅଧିକାରୀ ତ୍ୱରିତ ପଦକ୍ଷେପ ନେବାକୁ ଚାଷୀ ମାନେ ଦାବୀ କରିଛନ୍ତି। ପରିସ୍ଥିତି ସୁଧାର ନଆସିଲେ ଖରିଫ୍ ଧାନ ଉତ୍ପାଦନ ହ୍ରାସ ଆଶଙ୍କା ଦେଖାଦେଇଛି। ଯଦି ଏହା ଉପରେ ତୁରନ୍ତ ପଦକ୍ଷେପ ନନିଆଯିବ ତେବେ ନିମାପଡ଼ା କୃଷି କାର୍ଯ୍ୟାଳୟରେ ଚାଷୀ ମାନଙ୍କ ପକ୍ଷରୁ ଧାରଣା ଦିଆଯିବ ବୋଲି ଚାଷୀମାନେ କହିଛନ୍ତି।

# ରାକେଶଙ୍କ ଜନ୍ମ ଦିନରେ ଦୀର୍ଘାୟୁ କାମନା କଲେ ଜରାଶ୍ରମ ଅନ୍ତେବାସୀ

**ପାରାଦୀପ, ୨୫।୧୦ (ନି.ପ୍ର):** ପାରାଦୀପରେ କାହାର କେତେ ନାଁ ଥାଉ ପଛେ ରାକେଶ କୁମାର ପଟ୍ଟନାୟକ (ରାକା ) କହିଲେ ସ୍ୱତନ୍ତ୍ର ନାଁ ଭାବେ ବେଶ ପରିଚିତ। ଜୀବନ ସଂଗ୍ରାମ ଆଉ କଠିନ ସମୟରେ ଭାଙ୍ଗି ପଡିନ ଥିବା ରାକା ଆଉ ପଛକୁ ନ ଚାହିଁ ନିଜକୁ ସମର୍ପିତ କରିଦେଇଛନ୍ତି ସମାଜ ସେବାରେ। ତାଙ୍କର ଲୋକପ୍ରିୟତା ଆଉ କାର୍ଯ୍ୟ ଦକ୍ଷତା ଖାଲି ପାରାଦ୍ୱୀପ ନୁହଁ ଅନେକ ବାଟ ଅତିକ୍ରମ କରି ଗଲେଣି ରାକେଶ। ସଦାସର୍ବଦା ହସ ହସ ମୁହଁ ସମସ୍ତଙ୍କୁ ନିଜର କରି ପାରିଛି । ସେ ସମସ୍ତଙ୍କ ସୁଖଦୁଃଖ ରେ ସାମିଲ ହୋଇ ଚାଲୁଥିଲା ବେଳେ ତାଙ୍କର ଜନ୍ମ ଦିନକୁ ପାଳିଛନ୍ତି ଦୁଃଖିଦରିଦ୍ର ଙ୍କ ପାଖରେ। ଏହାର ଏକମାତ୍ର କାରଣ ନିଜ ଜୀବନକୁ ଗଢି ତୋଳିବାରେ ଏବଂ ପ୍ରତିକୂଳ ପରିସ୍ଥିତି କୁ ସାମ୍ନା କରି ଆଗକୁ ବଢ଼ି ମଣିଷ ପଣିଆ ପରି ବଞ୍ଚି ବାର ସ୍ୱାଦ କୁ ଅଙ୍ଗେ ଲିଭେଇ ଥିବାରୁ ଜନ୍ମ ଦିନକୁ ନିଆରା ଢଙ୍ଗରେ ସ୍ଥାନୀୟ ବାଲିଝରା ସ୍ଥିତ ମା ସନ୍ତୋଷୀ ଜରାଶ୍ରମରେ ପାଳନ କରିଛନ୍ତି। ଏହି ଅବସରରେ ଜରାଶ୍ରମର ଅନ୍ତେବାସୀ ମାନେ ଗ୍ରୀନଟ୍ରଷ୍ଟ ପାରାଦ୍ୱୀପ ର ସଭାପତି ରାକେଶ ଙ୍କ ନିରାମୟ ଓ ସୁସ୍ଥ ଦୀର୍ଘାୟୁ ଜୀବନ କାମନା କରି ତାଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ତାଙ୍କର ବନ୍ଧୁ, ଗ୍ରୀନ ପାରାଦୀପ ଟ୍ରଷ୍ଟ ର ବନ୍ଧୁ ସଦସ୍ୟ ଓ ସାମ୍ବାଦିକ ବନ୍ଧୁ ମାନେ ଉପସ୍ଥିତ ଥିଲେ। ଶେଷରେ ଜରାଶ୍ରମ ର ଅନ୍ତେବାସୀ ମାନଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା। ତେବେ ସାଧାରଣରେ ନିଜ ଜନ୍ମ ଦିବସକୁ ସମସ୍ତେ ଆଡମ୍ବର ସହକାରେ ପାଳନ କରୁଥିବା ବେଳେ ରାକେଶ ଙ୍କ ଏଭଳି ପ୍ରୟାସ କୁ ସାଧାରଣରେ ପ୍ରଶଂସା କରାଯାଇଛି ।



# ଡେଲାଙ୍ଗରେ ଶିଶୁ ସାହିତ୍ୟ ଆସର ଓ ଆଲୋଚନା ଚକ୍ର ଅନୁଷ୍ଠିତ

**ଡେଲାଙ୍ଗ,୨୫।୧୦ (ନି.ପ୍ର):** ଡେଲାଙ୍ଗ ହାଟ ବଜାର ସନ୍ନିକଟ ପ୍ରାଥମିକ ଶିକ୍ଷକ ସଂଘ ସଦନରେ ଶାରଦୀୟ ସାହିତ୍ୟ ଆସର, କବିତା ପାଠୋତ୍ସବ ଓ ମୂଲ୍ୟବୋଧଭିତ୍ତିକ ଆଲୋଚନା ଚକ୍ର କଳିଙ୍ଗରଥୀ ଶିଶୁ ସାହିତ୍ୟ ସଙ୍ଗଠନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ବଳିୟାର ସିଂ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଡେଲାଙ୍ଗ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଅଶୋକ ମହାନ୍ତି,ଅଭୟ କୁମାର ରାଉତରାୟ,ନାଟ୍ୟକାର ପ୍ରଶାନ୍ତ କୁମାର ମିଶ୍ର, ମାନବ ଅଧିକାର ଜିଲ୍ଲା ନିର୍ଦ୍ଦେଶକ ଶତ୍ରୁଘ୍ନ ବଳିୟାର ସିଂ, ଶିକ୍ଷାବିତ୍ ସନ୍ତୋଷ କୁମାର ମହାନ୍ତି,ସୁସାହିତିକ କାଶୀନାଥ ମହାପାତ୍ର ପ୍ରମୁଖ ଯୋଗଦେଇ ସାହିତ୍ୟ ମାଧ୍ୟମରେ ଆତ୍ମିକ ଚେତନା ,ନୈତିକତାର ବିକାଶ , ଆଧ୍ୟାତ୍ମିକ ଦିଗର ସାମାଜିକ ପ୍ରଭାବ ଓ ଉପଯୋଗୀତା ଉପରେ ଗୁରୁତ୍ୱାରୋପ କରିଥିଲେ। ନାଟ୍ୟକାର ପ୍ରଶାନ୍ତ କୁମାର ମିଶ୍ରଙ୍କ ଲିଖିତ ନାଟକ 'କାଳିଜାଇ 'ଉନ୍ମୋଚିତ ହୋଇଥିଲା। ଶିକ୍ଷକ ସୁଧୀର ଜେନା କବିତା ସଂଯୋଜନା କରିଥିଲେ। ଶିକ୍ଷାବିତ୍ ପ୍ରଶାନ୍ତ କୁମାର ଦାସ ଓ କବି ଉପେନ୍ଦ୍ର ବିଶ୍ୱାଳଙ୍କ ପ୍ରଚେଷ୍ଟା ଓ ତତ୍ତ୍ୱାବଧାନରେ ସାହିତ୍ୟ ଆସର ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ୟଙ୍ଗକବି ଚନ୍ଦ୍ର ଶେଖର,କବି ପ୍ରଭାତ କୁମାର ସେଠୀ, ହୃଷିକେଶ ପାଢୀ, ପ୍ରଶାନ୍ତ ପଲାଇ, ଲକ୍ଷ୍ମୀଧର ଦଲାଇ, ଉପେନ୍ଦ୍ର ଭଞ୍ଜ ବିଶ୍ୱାଳ, ମହେନ୍ଦ୍ର ସାହୁ, କବୟିତ୍ରୀ ମଧୁଛନ୍ଦା ମିଶ୍ର, ଅନ୍ନପୂର୍ଣ୍ଣା ହରିଚନ୍ଦନ, ଶ୍ରଦ୍ଧାଞ୍ଜଳି ପାଲଟା ସିଂ,ଅଭିପସା ପ୍ରିୟଦର୍ଶନୀ ପ୍ରମୁଖ ଶିଶୁ ଓ ଆଧ୍ୟାତ୍ମିକ କବିତାରେ ଭାଗ ନେଇ ନିଜର ପ୍ରତିଭା ଦେଖାଇଥିଲେ । ଏଥିରେ ସାହିତ୍ୟ ଅନୁରାଗୀ ଜୟକୃଷ୍ଣ ମଲ୍ଲିକ, ଶିକ୍ଷକ ସୁରେନ୍ଦ୍ର ସାହୁ,ଅନନ୍ତ ସାହୁ,ଗଙ୍ଗା ମଲ୍ଲିକ,ଅଭୟ ରଥ, ଅଭୟ ଚରଣ ସାହୁ, ସୁରେନ୍ଦ୍ର ନାୟକ, ଶିକ୍ଷୟିତ୍ରୀ ସୁଧାଂଶୁ ବାଳା ପ୍ରଧାନ, ଛାତ୍ରୀ ଉର୍ବଶିନୀ ବିଶ୍ୱାଳ, ଜ୍ଞାନ ରଞ୍ଜନ ବାହିନୀ ପତି ପ୍ରମୁଖ ଯୋଗଦେଇ ଉତ୍ସାହିତ କରିଥିଲେ।



# ନଭେମ୍ବର ୮ରୁ ମା' ଶ୍ୟାମାକାଳୀଙ୍କ ବାର୍ଷିକ ମହୋତ୍ସବ



**କଟକ, ୨୫।୧୦ (ନି.ପ୍ର) :** ଶିଖରପୁର ନଦୀକୂଳସାହି କାଳିଆବୁଦାସ୍ଥିତ ମା' ଶ୍ୟାମାକାଳୀଙ୍କ ପୀଠରେ ବାର୍ଷିକ ମହୋତ୍ସବ-୨୦୨୬ ଓ ପଂଚଦଶତମ ଅଖଣ୍ଡ ଭଜନ ସମାରୋହ ଆସନ୍ତା ନଭେମ୍ବର ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳିତ ହେବ। ଏହି ଉପଲକ୍ଷେ ରବିବାର ମନ୍ଦିର ପରିସରରେ ମା' ଶ୍ୟାମାକାଳୀ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

କମିଟିର ସଭାପତି ସୁକଦେବ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକକୁ ସାହି ମୁରବୀ ଶରତ ଚନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ। ମହୋତ୍ସବର ପ୍ରଥମ ଦିନ ନଭେମ୍ବର ୮ ତାରିଖ ସକାଳ ୮ରୁ ରାତି ୧୦ଟା ପର୍ଯ୍ୟନ୍ତ ଅଖଣ୍ଡ ଭଜନ ସମାରୋହ ଅନୁଷ୍ଠିତ ହେବ। ୯ରେ ଶିଶୁ କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯିବ। ସେହିପରି ୧୦ରେ ୨୨ଟି ଦିଗଭାଗର ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯିବ। ଏହି ଅବସରରେ ଜନପ୍ରତିନିଧି, ପୂଜା କମିଟି ଓ ସାହି ପୂଜା କମିଟିର କର୍ମକର୍ତ୍ତା, ବୁଦ୍ଧିଜିବୀ, ସାମାଜିକ ସଂଗଠନ, ସାମାଜିକ କର୍ମୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏଥିସହ ୨୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିବା ମନ୍ଦିର ପରିଚାଳନା କମିଟିର ମୁଖ୍ୟ ପରିଚାଳକ ଅଶୋକ କୁମାର ମହାନ୍ତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ବୈଠକରେ ବିଜେପିର ବରିଷ୍ଠ ନେତା ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ସମ୍ପାଦକ ସରୋଜ କୁମାର ମହାନ୍ତି, ମୁରବୀ ରବିନାରାୟଣ ଶତପଥୀ, ଲକ୍ଷ୍ମୀଧର ମହାନ୍ତି, ଭାଗିରଥ ଦଳେଇ, ଜୟନ୍ତ କୁମାର ପ୍ରଧାନ, ବିଭୂତି ପରିଡ଼ା, ଭାରତ ଭୂଷଣ ସ୍ୱାଇଁ, ଶିବ ପ୍ରସାଦ ଗୋଛି, ବିଘ୍ନ ପ୍ରଧାନ, ବସନ୍ତ ସ୍ୱାଇଁ, ନବକିଶୋର ନନ୍ଦୀ, ଭାସ୍ୱତ ସ୍ୱାଇଁ, ବିରେନ୍ଦ୍ର ସ୍ୱାଇଁ, ପ୍ରକାଶ ପରିଡ଼ା, ବସନ୍ତ ମହାନ୍ତି, ରଶ୍ମି ମିଶ୍ର, କର୍ପୋରେଟର ଇଂ. ସୁବ୍ରତ ଘଡ଼େଇ, ପୂର୍ବତନ କର୍ପୋରେଟର ଚିରଞ୍ଜୟ ସାହୁ, ଆଶୁତୋଷ ମହାନ୍ତି, ସମରେନ୍ଦ୍ର ସ୍ୱାଇଁ, ଅଭିଜିତ ସ୍ୱାଇଁ, ରୁଦ୍ର ବିଶ୍ୱାଳ ଓ ଚାଉଳିଆଗଞ୍ଜ ଥାନା ଅଧିକାରୀ ରୀନାରାଣୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଗଣେଶ ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ବାତ୍ୟା ଅର୍ଣ୍ଣବ ମୁକାବିଲା ପାଇଁ ମୁତୟନ ହେଲେ ଏନଡିଆରଏଫ ଓ ଓଡରାଫ୍ ଟିମ୍



**ମାଲକାନଗିରି, ୨୫/୧୦ (ନି.ପ୍ର):** ସମ୍ଭାବ୍ୟ ବାତ୍ୟା ଅର୍ଣ୍ଣବ ର ମୁକାବିଲା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ଓ ପ୍ରସ୍ତୁତିମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ସ୍ଥିତିର ମୁକାବିଲା ପାଇଁ କଟକରୁ ୩୦ ଜଣିଆ ଏକ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏନଡିଆରଏଫ୍) ଦଳ ଜଣେ କମାଣ୍ଡାଣ୍ଟ ଓ ୨ ଜଣ ଉପ-ଅଧିକାରୀଙ୍କ ନେତୃତ୍ୱରେ ଆଜି ରାତି ସୁଦ୍ଧା କାଳିମେଳାଠାରେ ମୁତୟନ ହେବେ । ଏଥିସହିତ ୩୬ ଜଣିଆ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଓଡ୍ରାଫ୍) ଦଳ ମଧ୍ୟ ଆସି ମାଥିଲି ଠାରେ ପହଞ୍ଚି ସଜାଗ ଅଛନ୍ତି। ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରହିବ ଏବଂ ସତୀଗୁଡ଼ାଠାରେ ଚାଲିଥିବା ସମସ୍ତ କ୍ରୀଡ଼ା କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଏହାସହ ତଳିଆ ଅଞ୍ଚଳ ଓ କଚା ଘରେ ରହୁଥିବା ଲୋକଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନାନ୍ତର ପାଇଁ ତହସିଲଦାରମାନଙ୍କୁ ସଜାଗ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ଥିବା ୪ଟି ସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ସମେତ ସମସ୍ତ ଅସ୍ଥାୟୀ ଆଶ୍ରୟସ୍ଥଳୀଗୁଡ଼ିକୁ ମଧ୍ୟ ତୁରନ୍ତ ପ୍ରସ୍ତୁତ ରଖିବା ପାଇଁ ପ୍ରଶାସନିକ ସ୍ତରରେ ନିର୍ଦ୍ଦେଶ ଜାରି ହୋଇଛି।

## ଅରିସଲରେ ମା' ଗଜଲକ୍ଷ୍ମୀ ପୂଜା ମଣ୍ଡପ ଉଦ୍‌ଘାଟିତ

# ଗ୍ରାମବାସୀଙ୍କ ସହିତ ପ୍ରଧାନମନ୍ତ୍ରୀ 'ମନ୍ କି ବାତ୍' ଶୁଣିଲେ ବିଧାୟକ

**ଡେଲାଙ୍ଗ,୨୫।୧୦ (ନି.ପ୍ର) :** ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଅରିସଲ ପଞ୍ଚାୟତରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା ଅଧୀନରେ ନିର୍ମିତ ମା' ଗଜଲକ୍ଷ୍ମୀ ପୂଜା ମଣ୍ଡପର ଶୁଭ ଉଦ୍ ?ଘାଟନ ହୋଇଯାଇଛି। ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ଏହି ପୂଜା ମଣ୍ଡପକୁ ଉଦ୍ ?ଘାଟନ କରି ଗ୍ରାମବାସୀଙ୍କ ଦୀର୍ଘଦିନର ଦାବି ପୂରଣ କରିଛନ୍ତି । ଏହି ପୂଜା ମଣ୍ଡପ ଗ୍ରାମବାସୀଙ୍କ ଧାର୍ମିକ ଅନୁଷ୍ଠାନ ସହ ଜଡ଼ିତ ରହିଥିବା ବେଳେ ଏହା ଗ୍ରାମର ଧାର୍ମିକ ଓ ସାଂସ୍କୃତିକ ପରମ୍ପରାକୁ ଆହୁରି ସୁଦୃଢ଼ କରିବ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ଗ୍ରାମର ଶ୍ରୀରାମ ମନ୍ଦିର ନିକଟରେ ଆୟୋଜିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମକୁ ଗ୍ରାମବାସୀ ଙ୍କ ସହିତ ବିଧାୟକ ଶ୍ରୀ ପଟ୍ଟନାୟକ ଶୁଣିଥିଲେ। ଏହି କାର୍ଯ୍ୟକ୍ରମ ଜରିଆରେ ଦେଶର ବିକାଶ, ଜନସଚେତନତା ଏବଂ ରାଷ୍ଟ୍ର ନିର୍ମାଣରେ ଜନସାଧାରଣଙ୍କ ଭାଗୀଦାରିର ଗୁରୁତ୍ୱ ସମ୍ପର୍କରେ ଉପସ୍ଥିତ ଲୋକେ ଅବଗତ ହୋଇଥିଲେ।କାର୍ଯ୍ୟକ୍ରମକୁ ଘୋରଡିଆ ମଣ୍ଡଳର ସାଧାରଣ ସମ୍ପାଦକ ବିଭୁନି ସାମନ୍ତରାୟ ପରିଚାଳନା କରିଥିଲେ। ପଞ୍ଚାୟତରେ ଡବଲ ଇଞ୍ଜିନ ସରକାରଙ୍କ ଦ୍ୱାରା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଆଗେଇ ଚାଲିଥିବାରୁ ସେ ଖୁସି ବ୍ୟକ୍ତ ପ୍ରକାଶ କରିଥିଲେ।ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ସାଧାରଣ ସମ୍ପାଦକ ଗଙ୍ଗାଧର ବରାଳ, ଘୋରଡିଆ ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ମୁଦୁଲି, ଆତ୍ମା ଅଧ୍ୟକ୍ଷ ଲଡ୍ଡୁ କିଶୋର ରାୟ, ବରିଷ୍ଠ ଶିକ୍ଷାବିତ୍ ରଘୁନାଥ ଜେନା, ଯୁବମୋର୍ଚ୍ଚା ନେତା ସୈମେନ୍ଦ୍ର ପ୍ରଧାନ ଙ୍କ ସମେତ ବହୁ ମହିଳା ଓ ପୁରୁଷ ଯୋଗଦେଇଥିଲେ।



# ସରକାର ପରୀକ୍ଷାର୍ଥୀ ମାନଙ୍କୁ ଭୁଆଁ ବୁଲାଉଛନ୍ତି- ଛାତ୍ର କଂଗ୍ରେସ

ଭୁବନେଶ୍ୱର, ୨୫।୧୦(ନି.ପ୍ର.):: ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ବିଭୂତି ଭୂଷଣ ମହାପାତ୍ର ଏକ ସାମ୍ବାଦିକ ସମ୍ମିଳନୀରେ କହିଲେ ଯେ ୨୩.୧୦.୨୦୨୬ ରେ ଓଡ଼ିଶା ୟୁନିଫର୍ମ ସର୍ଭିସ ଷ୍ଟାଫ ସିଲେକସନ କମିଶନ ଏକ ବିଜ୍ଞପ୍ତି ଜାରି କଲେ। ଓୟୁଟ୍ରିପୁଲଏସସିର ଅଧ୍ୟକ୍ଷ ଶ୍ରୀ ରଶ୍ମିରଞ୍ଜନ ସ୍ୱାଇଁ ଜିଏକି ବିଜ୍ଞପ୍ତି ଜାରି କରିଛନ୍ତି ତାଙ୍କର କାର୍ଯ୍ୟକଳାପ ଆଶ୍ଚର୍ଯ୍ୟଜନକ। ତାଙ୍କର କାର୍ଯ୍ୟକଳାପ ପାଇଁ ଆଜି ଏ ବ୍ୟବସ୍ଥା ଉପରେ ଅସୁମାରି ପ୍ରଶ୍ନ ଉଠୁଛି।

ଓୟୁଟ୍ରିପୁଲଏସସିର ୧ ନଂ ବିଜ୍ଞପ୍ତି ଯାହାକି ୨୩.୧୦.୨୦୨୬ ରେ ଜାରି ହୋଇଥିଲା ସେଥିରେ କନେଷ୍ଟବଲ ସିଭିଲ, କନେଷ୍ଟବଲ କମ୍ୟୁନିକେସନ, କନେଷ୍ଟବଲ ୟାଇଏସଏଫ, କନେଷ୍ଟବଲ ଫାୟାରଫାଇଟର, ଫାୟାରଫାଇଟିଂ ଡ୍ରାଇଭର, ଡ୍ରାଇଭର ପିଏମଟି ଏବଂ ଟ୍ରାଫିକନେଷ୍ଟବଲ ପ୍ରଭୃତି ୭ ହଜାର ୨୬୮ ଟି ପଦବୀ ନିଯୁକ୍ତି ପାଇଁ ପ୍ରକାଶ ହୋଇଥିଲା। ଲକ୍ଷ ଲକ୍ଷ ପରୀକ୍ଷା ଆଶାୟୀ ନୋଟିଫିକେସନ ପାଇଁ ଚାତକଭଳି ଚାହିଁ ବସିଥିଲେ। କିନ୍ତୁ ଯେଉଁ ନୋଟିଫିକେସନ ବାହାରିଲା ତାକୁ "ବିକଳାଙ୍ଗ ବିଜ୍ଞପ୍ତି" ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ପଏଣ୍ଟକ୍ଷଣ୍ଣ; ନଂ ୩.୨ରେ ପରିସ୍କାର ଉଲ୍ଲେଖ ରହିଛି ଯେ ଯଦି ଜଣେ ଏସସି, ଏସଟି, ଏସିବିସି ସଂରକ୍ଷଣର ସୁଯୋଗ ନେଉଥିବ ସେ ଅଣସଂରକ୍ଷଣର ସୁଯୋଗ ପାଇପାରିବ ନାହିଁ। ଏହା ସଂପୂର୍ଣ୍ଣ ବେଆଇନ ଅଟେ। ଚେୟାରମ୍ୟାନ କାହିଁକି ଏଭଳି ସର୍ତ୍ତ ବା ନିୟମ ଜାରି କଲେ ତାହା ଆଶ୍ଚର୍ଯ୍ୟଜନକ।

କନେଷ୍ଟବଲ ସିଭିଲ ପଦବୀପାଇଁ ୪୨୧୯ ଟି ପଦବୀ ଖାଲି ପଡ଼ିଛି। ନିୟମ ଅନୁଯାୟୀ ଏସଟିଙ୍କ ପାଇଁ ୨୨.୫%, ଏସସିଙ୍କ ପାଇଁ ୧୬.୨% ଏବଂ ଏସିବିସି କାଟାଗୋରି ପାଇଁ ୧୧.୨୫% ସଂରକ୍ଷଣ ରହିଛି। ଯଦି ସମୁଦାୟ ୪୨୧୯ ପଦବୀ ଖାଲି ରହିଛି ତାହାର ୧୧.୨୫ ପ୍ରତିଶତ ସଂରକ୍ଷଣ ଏସିବିସି ବର୍ଗର ପାଇବେ। ତେବେ ହିସାବ ଅନୁଯାୟୀ ଏସିବିସି ବର୍ଗଙ୍କୁ ୪୭୦ ଟି ପଦବୀ ସଂରକ୍ଷଣ ଦେବା କଥା କିନ୍ତୁ ସେ ଦେଇଛନ୍ତି ମାତ୍ର ୮୫ଟି। ଏମାନେ ନିଶା ଖାଇ ହିସାବ କରୁଛନ୍ତି କି? ଏବଂ ଅନୁରୂପ ଭାବରେ ଯଦି ଏସଟି ସଂରକ୍ଷଣ କଥା ବିଚାରକୁ ନିଆଯାଏ ତେବେ ୨୨.୫ % ହିସାବରେ ତାଙ୍କ ପାଇଁ ୯୫୦ ଟି ପୋଷ୍ଟ ରହିବା କଥା। କିନ୍ତୁ ତାଙ୍କୁ ଦିଆଯାଇଛି ୭୪୧ଟି ପଦବୀ ଏବଂ ଅନୁରୂପ ଭାବରେ ଯଦି ଏସସି ବର୍ଗଙ୍କ କଥା ବିଚାରକୁ ନିଆଯାଏ ୧୬.୨% ହିସାବରେ ତାଙ୍କୁ ଦେବାକଥା ୬୭୫ଟି ପଦବୀ। କିନ୍ତୁ ତାଙ୍କୁ ଦିଆଯାଇଛି ୫୮୮ ଟି ପଦବୀ। ୨୦୨୨ ମସିହାରେ ଏସଏସବି ଓଡ଼ିଶା ପୋଲିସ ବୋର୍ଡ ଯେଉଁ ନୋଟିଫିକେସନ କରିଥିଲା ସେଥିରେ ଉଲ୍ଲେଖ ରହିଛି ଯେ ଯେଉଁମାନେ ସଂରକ୍ଷଣ ପ୍ରାପ୍ତ ହେଉଛନ୍ତି ସେମାନେ ମଧ୍ୟ ଅଣସଂରକ୍ଷିତ ପଦ ପାଇଁ ଆବେଦନ କରିବାକୁ ଯୋଗ୍ୟ ବିବେଚିତ। ତେଣୁ ପ୍ରସଙ୍ଗ ହେଉଛି ଯେ ରାଜ୍ୟ ସରକାର ସମାନ ବିଭାଗରେ ସମାନ ବିଜ୍ଞପ୍ତିରେ ଦୁଇଟି ଭିନ୍ନ ଭିନ୍ନ ନିୟମ ପ୍ରୟୋଗ କରୁଛନ୍ତି ଯାହାକି ଏକ ସାଂଘାତିକ ଦଣ୍ଡନୀୟ ଅପରାଧ। ଏଥିରେ ସରକାରଙ୍କ ଭିତିରି ଉଦ୍ଦେଶ୍ୟ ବୁଝାପଡୁଛି। ଜାଣିଶୁଣି ଭୁଲ ନୋଟିଫିକେସନ କରୁଛନ୍ତି ଯେମିତିକି ସେହି ନୋଟିଫିକେସନ କୋର୍ଟରେ ଚ୍ୟାଲେଞ୍ଜ ହେବ ଏବଂ ପରୀକ୍ଷା ବନ୍ଦ ରହିବ। ପିଲାମାନେ ନିଯୁକ୍ତି ପାଇପାରିବେ ନାହିଁ। ସରକାରଙ୍କର ସାଂଘାତିକ ତ୍ରୁଟି ପାଇଁ ପ୍ରତ୍ୟେକ ପରୀକ୍ଷା ହାଇକୋର୍ଟରେ ଚ୍ୟାଲେଞ୍ଜ ହେଉଛି। ଓଏସଏସସି,ଓଟ୍ରିପୁଲଏସି ପ୍ରଭୃତି ଯେଉଁ ସରକାରୀ ଅନୁଷ୍ଠାନ ପରୀକ୍ଷା କରିଛନ୍ତି ସାଂଘାତିକ ତ୍ରୁଟି ବିଚ୍ୟୁତି ପାଇଁ ତାହା ହାଇକୋର୍ଟରେ ଚ୍ୟାଲେଞ୍ଜ ହେଉଛି। ଗଣମାଧ୍ୟମରେ ଭାଷଣ ମାରୁଥିବା ଓୟୁଟ୍ରିପୁଲଏସସିର ଅଧ୍ୟକ୍ଷ ରଶ୍ମିରଞ୍ଜନ ସ୍ୱାଇଁଙ୍କୁ ପ୍ରଶ୍ନ କରୁଛୁ ଯେ ସେ ନୋଟିଫିକେସନ ପଢୁଛନ୍ତି ନା ନାହିଁ। କ'ଣ ପାଇଁ ବିକଳାଙ୍ଗ ବିଜ୍ଞପ୍ତି ବାହାର କରୁଛନ୍ତି? ଏହାର ସଂଶୋଧନ ତୁରନ୍ତ କରନ୍ତୁ। ଏ ରାଜ୍ୟର ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ ହୋଇଥିଲେ ବି ଆଦିବାସୀଙ୍କର ହକ ଓ ଅଧିକାର କିପରି ଛଡ଼େଇ ନିଆଯାଉଛି। ତେବେ ଆଦିବାସୀ କେବଳ ମୁଖ୍ୟମନ୍ତ୍ରୀ ହୋଇଗଲେ ଆଦିବାସୀ ମାନଙ୍କର ଦୁଃଖ ଚାଲିଯିବ ସେ ଧାରଣା ଭୁଲ। ଏହି ବିଜ୍ଞପ୍ତିକୁ ସରକାର ତୁରନ୍ତ ରଦ୍ଦ କରି ନୂତନ ବିଜ୍ଞପ୍ତି କରନ୍ତୁ। ଯେଉଁ ମେଧାବୀ ପରୀକ୍ଷାର୍ଥୀ ମାନଙ୍କୁ ଭୁଆଁ ବୁଲାଯାଉଛି ସମସ୍ତଙ୍କୁ ଆମେ ଆହ୍ୱାନ କରୁଛୁ ଯେ ଏହି ସାଂଘାତିକ ତ୍ରୁଟି ପାଇଁ ଓୟୁଟ୍ରିପୁଲଏସସିର କାର୍ଯ୍ୟାଳୟରେ ପଶି ଅଧ୍ୟକ୍ଷଙ୍କୁ ପ୍ରଶ୍ନକରନ୍ତୁ। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ରାମଚନ୍ଦ୍ର ହାଂସଦା ଉପସ୍ଥିତ ଥିଲେ।

## ହୁମା ବଟେଶ୍ୱର ମୁଖ୍ୟରାସ୍ତା ନିର୍ମାଣ କାର୍ଯ୍ୟ ବିଳମ୍ବ

ଗଞ୍ଜାମ ୨୫।୧୦(ନି.ପ୍ର.): ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଂଚାୟତର କଣ୍ଟିଆଗଡ଼ ନିକଟରେ ଅବସ୍ଥିତ ପ୍ରସିଦ୍ଧ ଶୈବ ପୀଠ ବଟେଶ୍ୱର ମନ୍ଦିର କୁ ହୁମା ଠାରୁ ସଂଯୋଗ ରାସ୍ତା ବର୍ତ୍ତମାନ ଅତି ଶୋଚନୀୟ ଅବସ୍ଥା ହୋଇପଡିଛି କ୍ଷ କାର୍ତ୍ତିକ ମାସ ଆରମ୍ଭ ହୋଇଯାଇଥିବା ଏବଂ ଆଉ ଗୋଟିଏ ମାସ ପରେ କାର୍ତ୍ତିକ ପୂର୍ଣ୍ଣମୀ ଉପଲକ୍ଷେ ବଟେଶ୍ୱର ପୀଠ ଠାରେ ଅନୁଷ୍ଠିତ ହେବ ଐତିହାସିକ ବାଲିଯାତ୍ରା କ୍ଷ ଯାହାକୁନେଇ ଶ୍ରଦ୍ଧାଳୁ ମାନଙ୍କ ଭିଡ଼ ପ୍ରବଳ ହେବ କ୍ଷ କିନ୍ତୁ ଦୀର୍ଘ ମାସ ହେବ ହୁମା ଠାରୁ ପ୍ରସିଦ୍ଧ ଶୈବ ପୀଠ ବଟେଶ୍ୱରକୁ ସଂଯୋଗ ରାସ୍ତା ଦୟନୀୟ ଅବସ୍ଥାରେ ରହିଛି । ଯାହାକୁ ନେଇ ୬ ଖଣ୍ଡ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବା ପରିଲକ୍ଷିତ ହୋଇଛି । ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ବେଳେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅଭିଯୋଗ ପରେ ଗତ ସେପ୍ଟେମ୍ବର ମାସରେ ନିର୍ମାଣ କାର୍ଯ୍ୟ ସମ୍ପର୍ଣ୍ଣ ହେବ ବୋଲି ଠିକା ନିର୍ମାଣ ସଂସ୍ଥା ପକ୍ଷରୁ ପ୍ରତିଶୃତି ଦିଆଯାଇଥିଲା । କିନ୍ତୁ ପ୍ରତିଶୃତି କାଗଜ କଲମରେ ସୀମିତ ରହିଛି କ୍ଷ ଏନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପୁଣି ଏକ ଲିଖିତ ଦାବୀ ପତ୍ର ହୁମା ଫାଣ୍ଡି ଅଧିକାରୀ ବିନୟ ଦାସଙ୍କୁ ପ୍ରଦାନ କରାଯାଇଛି । ଯଦି ଯୁଦ୍ଧ କାଳୀନ ଭିତ୍ତିରେ ଏହାର ସମାଧାନ ନହୁଏ ତାହେଲେ ୬ ଖଣ୍ଡ ଗ୍ରାମବାସୀଙ୍କ ପକ୍ଷରୁ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ କରାଯିବ ବୋଲି କଡା ଚେତାବନୀ ଦେଇଛନ୍ତି କମିଟି । ରାସ୍ତା ଖରାପ ଯୋଗୁଁ ପର୍ଯ୍ୟଟକ ଏବଂ ଗତ ଶ୍ରାବଣ ମାସରେ ଯୋଗୁଁ ହଜାର ହଜାର କାଉଡିଆମାନେ ଉକ୍ତ ରାସ୍ତା ରେ ଯିବାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଏନେଇ ସ୍ଥାନୀୟ ୬ ଖଣ୍ଡ ଗ୍ରାମର ଲୋକମାନେ ଅଗଷ୍ଟ ମାସ ୨୪ରେ ଜିଲ୍ଲା ସ୍ତରୀୟ ଜନ ଶୁଣାଣୀରେ ଜିଲ୍ଲାପାଳଙ୍କୁ ଭେଟି ଏହି ସମସ୍ୟା ସମ୍ପର୍କ ରେ ଜଣାଇଥିଲେକ୍ଷ। ଜିଲ୍ଲାପାଳ ଏନେଇ ବିଭାଗୀୟ ଅଧିକାରୀଙ୍କୁ ଡାକି ଯଥା ଶୀଘ୍ର ଏହି କାର୍ଯ୍ୟ ସରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆସନ୍ତା ସେପ୍ଟେମ୍ବର ମାସରେ ଏହି କାର୍ଯ୍ୟ ହେବ ବୋଲି ବିଭାଗୀୟ ଅଧିକାରୀ କହିଥିଲେ ମଧ୍ୟ ଏକ ମାସ ବିତିଗଲା ରାସ୍ତା ଅଗ୍ରଗତି କିଛି ହେଲା ନାହିଁ କ୍ଷ ଆସନ୍ତା କାର୍ତ୍ତିକ ମାସ ସାରା ଏଠି ଲୋକଙ୍କ ପ୍ରବଳ ଭିଡ଼ ହେବାକ୍ଷ ରାସ୍ତା ତିଆରି ନ ହେବା ଯୋଗୁଁ ସାଧାରଣ ରେ ଘୋର ଅସନ୍ତୋଷ ଦେଖାଦେଇଛି ।

ସୂଚନା ଯୋଗ୍ୟ ଜେ ହୁମା ସ୍ଥିତ ୧୬ ନମ୍ବର ଜାତୀୟ ରାଜପଥ ରୁ ବଟେଶ୍ୱର କୁ ସଂଯୋଗ ରାସ୍ତା ପ୍ରବେଶ ସ୍ଥାନ ହୁମା ନିକଟରେ ବର୍ତ୍ତମାନ ଓଭର ବ୍ରିଜି ନିର୍ମାଣ ହୋଇ ରାସ୍ତା ବନ୍ଦ ହୋଇଛି ।ମନ୍ଦିର କୁ ଯିବା ପାଇଁ ଯେଉଁ ସର୍ଭିସ ରୋଡ଼ ହେବା କଥା ତାହା ହୋଇନି । ଯାହା ଯିବା ପାଇଁ କରାଯାଇଛି ତାହା ବର୍ତ୍ତମାନ ଶୋଚନୀୟ ଅବସ୍ଥା ରେ ରହିଛି ।ଫଳରେ ସମସ୍ତ ଙ୍କ ପାଇଁ ଏବେ ସେହି ରାସ୍ତା ସମସ୍ୟା ପାଲଟିଛି । ଏପରିକି ସେହି ରାସ୍ତା ଉପରେ ନିର୍ଭର କରୁଥିବା ଚାରୋଟି ଗ୍ରାମର ଯଥା କଣ୍ଟିଆଗଡ଼, ଖଟୁଆକୁଦା, ପୋଡେମପେଟା, ନୀଳାଦ୍ରିପୁର, ଗ୍ରାମର ଲୋକମାନେ ଅସୁବିଧାରେ ଯାତାୟାତ କରୁଛନ୍ତି ।ଯାହାକୁ ନେଇ ଚାରୋଟି ଗ୍ରାମର ଲୋକମାନେ ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି । ଯଥା ଶୀଘ୍ର ରାସ୍ତା କାମ ସାରିବା ପାଇଁ ସ୍ଥାନୀୟ ଜନସାଧାରଣ ଙ୍କ ପକ୍ଷରୁ ଦୃଢ ଦାବୀ ହେଉଛି । ଆଗାମୀ ସେପ୍ଟେମ୍ବର ମାସରେ ରାସ୍ତା ତିଆରି ନହେଲେ ଜନସାଧାରଣ ଆନ୍ଦୋଳନ ପନ୍ଥା ଗ୍ରହଣ କରିବା ପାଇଁ ବାଧ୍ୟ ହେବେ ବୋଲି ପୂର୍ବତନ ସରପଞ୍ଚ ଦିଲୀପ ଛୋଟରାୟ, ପୂର୍ବତନ ସମିତି ସଭ୍ୟ ଛାୟା କାନ୍ତ ପ୍ରଧାନ, ଯୁବ ନେତା ରଂଜିତ ପଲାଇ, ପବିତ୍ର ସ୍ୱାଇଁ, ଶିବରାମ ପଲାଇ,ବୃନ୍ଦାବନ ପ୍ରଧାନ, ଧର୍ମରକ୍ଷଜ, ସ୍ୱାଇଁ, ଅଜୟ ପ୍ରଧାନ, ପ୍ରମୁଖ ଲୋକମାନେ ଚେତାବନୀ ଦେଇଛନ୍ତି ।

## କାମ ବନ୍ଦ କଲେ ଯୋଡାର ବହୁ କାଉନସିଲର

ଯୋଡ଼ା,୨୫।୧୦(ନି.ପ୍ର.): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ୱାର୍ଡ଼ ନଂ ୪ଏବଂ ୱାର୍ଡ଼ ନଂ ୮,୯ ରେ ଏକ ସ୍ଲରୀ ପାଇପ୍ ଲାଇନ୍ କାମ ବିନା ଅନୁମତିରେ ରାଜ୍ୟ ରାଜପଥ ର ଛାତିକୁ ଫାଡ଼ି ମନ ଇଚ୍ଛା କରିଚାଲିଛି ରୁପାଲ ଇନ୍ଫ୍ରା ଷ୍ଟ୍ରକ୍ଚର ପ୍ରାଇଭେଟ୍ ଲିମିଟେଡ଼। ଯୋଡ଼ା ପୌରପାଳିକା ର ଉପାଧ୍ୟକ୍ଷା ଙ୍କ ସହିତ ବହୁ କାଉନସିଲର ସେଠାରେ ପହଞ୍ଚି ଠିକାଦାରଙ୍କୁ ପଚାରିଥିଲେ କାହା ଅନୁମତିରେ ସରକାରଙ୍କ ଏତେ ମୂଲ୍ୟବାନ ରାସ୍ତା ରାଜ୍ୟ ରାଜପଥ ନଂ ୨ କୁ ଭାଙ୍ଗି ନଷ୍ଟ କରୁଛ, କାହା ଅନୁମତି ଅଛି ତାହା ଆମକୁ ଦେଖାଅ କାରଣ ଅଧ୍ୟକ୍ଷ ଙ୍କୁ ପଚାରିଥିଲୁ ସେ କହିଲେ ମୁଁ ଏବିଷୟରେ କିଛି ଜାଣିନାହିଁ , ପୌରପାଳିକା ନିର୍ବାହୀ ଅଧିକାରୀ ମଧ୍ୟ ସମାନ କଥା କହିଥିଲେ ଯାହା ଫଳରେ ଆମେ ଏହି କାମ ବନ୍ଦ୍ କରୁଛୁ। ଘରୋଇ ସିଲ୍ପ ସଂସ୍ଥାକୁ କିଛି ଅନୁମତି ମିଳିଥିବା କାଗଜ



ଠିକାସଂସ୍ଥାର କର୍ମଚାରୀ କାଉନସିଲର ମାନଙ୍କୁ ଦେଖାଇ ଥିଲେ ଯେଉଁଥିରେ ଯୋଡ଼ା ମୁନିସିପାଲିଟି ସର୍ଭିସ୍ ରୋଡ଼, ଡ୍ରେନ୍ ସହିତ ଫୁଟ୍ ପାଥ ବହାରେ ଜନସାଧାରଣଙ୍କ ଯାତାୟତରେ ବାଧା ସୃଷ୍ଟି ନକରି ନିର୍ଦ୍ଦିଷ୍ଟ କେତେକ ସ୍ଥାନରେ କରିବାକୁ ମୁନିସ ପାଲ ୨୨୪୬ ଟଙ୍କା ଫି ନେଇ ଅନୁମତି ଦେଇଛି, ହେଲେ ରୂପାଲ୍ ଇନ୍ଫ୍ରାଷ୍ଟ୍ରକ୍ଚର ସମସ୍ତ ନୀତି ନିୟମକୁ ବେଖାତିରି କରି ରାଜ୍ୟ ରାଜପଥକୁ ନଷ୍ଟ ଭ୍ରଷ୍ଟ କରି ନିଜର ଠିକା କାମ କରିଚାଲିଛି ତେବେ ସାଧାରଣରେ ପ୍ରଶ୍ନ ଉଠୁଛି ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ଯଦି ଏଭଳି ସ୍ଥିତି ତେବେ ଅନ୍ୟଠି କଣ ଅବସ୍ଥା ଥିବ। ଏହି ଘଟଣା ପ୍ରକାଶ ପରେ ଉଚ୍ଚ ପ୍ରସାଶନିକ ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ନା ଆଉକିଛି ଦେଖିବାକୁ ବାକି ରହିଲା।

## ନାବାଳିକାକୁ ବଳାତ୍କାର ଓ ଅପହରଣ ଅପରାଧରେ ଆସାମୀଙ୍କୁ ଗିରଫ

ଜଗତସିଂହପୁର,୨୫।୧୦(ନି.ପ୍ର.): : ରଘୁନାଥପୁର ଥାନା ଅନ୍ତର୍ଗତ ରେଢୁଆ ଅଞ୍ଚଳରେ ନୂଆଗଡ଼ ଗ୍ରାମର ସଞ୍ଜିତ୍ କୁମାର ସେଠୀ (୩୨)ଏକ ନାବାଳିକାକୁ ଅପହରଣ କରି ନେଇ ତାଙ୍କ ସହ ବଳପୂର୍ବକ ଶାରୀରିକ ସମ୍ପର୍କ ରଖିଥିଲେ. ୱାରଙ୍ଗଲ ତେଲେଙ୍ଗାନା ରୁ ଏସ୍ପି ଜଗତସିଂହପୁର ଙ୍କ ନିର୍ଦ୍ଦେଶ କ୍ରମେ ରଘୁନାଥପୁର ପୋଲିସ ଟିମ ଉଭୟଙ୍କୁ ଉଦ୍ଧାର କରି କେଶ୍ ନଂ୧୫୩ .u/s(2)/87/64(2)(m)/65(1)BNS r.wsec.4(2)POSCO Act. ଆଧାରରେ ସଞ୍ଜିତ୍ କୁ ଗିରଫ କରି କୋର୍ଟଚାଲାଣ କରିଛି. ଜଗତସିଂହପୁର ମଳୟକୁମାରପାଣିଙ୍କ ରିପୋର୍ଟ

## ବିଭିନ୍ନ ସ୍ଥାନରେ ମା ଗଜଲକ୍ଷ୍ମୀଙ୍କ ପୂଜା

ପିପିଲି, ତା୨୫।୧୦ପିପିଲି ବ୍ଲକର ବିଭିନ୍ନ ସ୍ଥାନ ଛକ ବଜାର ଗାଁ ମାନଙ୍କରେ ମା ଗଜଲକ୍ଷ୍ମୀ ଙ୍କ ପୂଜା ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ତେଇଶିପୁର ପଂଚାୟତ ଅନ୍ତର୍ଗତ ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠ ବାଲିଗାଁ ଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପରିସରରେ ଥିବା ମା ମହାଲକ୍ଷ୍ମୀଙ୍କର ପୂଜା ରୀତିନୀତିରେ ହୋଇଛି । ପୀଠସ୍ଥ ସମସ୍ତ ଦେବାଦେବୀଙ୍କ ନୈନିଦିନ ର ରୀତିକାନ୍ତି ସହିତ ମା ମହାଲକ୍ଷ୍ମୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜା ନୀତି ଅନୁଷ୍ଠିତ ହୋଇଥିଲା। ମନ୍ଦିର ମୁଖ୍ୟ ପୂଜକ ଶ୍ରୀଲିଙ୍ଗରାଜ ପଣ୍ଡା, ସହାୟକ ପୂଜକ ପ୍ରସନ୍ନ କୁମାର ପଣ୍ଡା ଓ ପ୍ରହଲ୍ଲାଦ ପଣ୍ଡା ସମସ୍ତ ପୂଜା କର୍ମକାଣ୍ଡ ସମ୍ପର୍ଣ୍ଣ କରିଥିଲେ । ଭକ୍ତ ଦାସିଆ ସ୍ମୃତି କମିଟିର ଉପ ସଭାପତି ତଥା ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ନରେନ୍ଦ୍ର ନାଥ ସାହୁଙ୍କ ଜ୍ୟେଷ୍ଠପୁତ୍ର ସ୍ୱରୁପ କୁମାର ସାହୁ ଓ ତାଙ୍କ ଧର୍ମପତ୍ନୀ ତୃପ୍ତିମୟୀ ସାହୁ ହୋମକର୍ମରେ କର୍ତ୍ତାକର୍ତ୍ତୀ ଭାବେ ଦାୟିତ୍ୱ ସମାପନ କରିଥିଲେ । ଭକ୍ତ ଦାସିଆ ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟ ଶ୍ରୀ କବିନ୍ଦ୍ର ବେହେରା, ଗିରିଧାରୀ ପଲାଇ, ନିରଞ୍ଜନ ସାହୁ, ପଞ୍ଚୁଜେନା, ପ୍ରଫୁଲ୍ଲ ବିଶ୍ୱାଳ, ସୁବାଷ ପ୍ରଧାନ, କୃଷ୍ଣଚନ୍ଦ୍ର ରାଉତଙ୍କ ସହଯୋଗରେ ନାମ ସଂକୀର୍ତ୍ତନ ପରିବେଶ କରାଯାଇଥିଲା । ଅନୁଷ୍ଠାନର ବରିଷ୍ଠ ସଦସ୍ୟ ତଥା ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରାକ୍ତନ ଯନ୍ତ୍ରୀମୁଖ୍ୟ ଇଂ ଦେବନାରାୟଣ ପାଲ, ସାଧାରଣ ସଂପାଦକ ଡଃ ଘନଶ୍ୟାମ ସ୍ୱାଇଁ, ଆଞ୍ଚଳିକ କମିଟି ସଦସ୍ୟ ଲକ୍ଷ୍ମୀଧର ସାହୁ, କୃଷ୍ଣଚନ୍ଦ୍ର ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ ।

## ରାଜ୍ୟରେ ମହିଳା ଅସୁରକ୍ଷିତ : ମହିଳା କଂଗ୍ରେସ

ଭୁବନେଶ୍ୱରଳ,୨୫।୧୦(ନି.ପ୍ର.): ଆଜି ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ମୀନାକ୍ଷି ବାହିନିପତି କୋରାପୁଟ ପ୍ରେସ୍ କ୍ଲବରେ ଏକ ସା ମ୍ବାଦିକ ସମ୍ମିଳନୀରେ କହିଲେ ଯେ ଜଳେଶ୍ୱର ନା ବାଳିକା ଦୁଷ୍କର୍ମ ଓ ହତ୍ୟା ଘଟଣା ମୋହନ ସରକାରଙ୍କୁ ବାଧି ନ ପାରେ। ମାତ୍ର ଏଥିରେ ରାଜ୍ୟବାସୀ ମ୍ରିୟମାଣ ହେବା ସହ ମହିଳାମାନେ ଆତଙ୍କିତ ହୋଇଛନ୍ତି। ମୋହନ ସରକାର ଆସିବା ଦିନଠାରୁ ମହିଳାମାନଙ୍କୁ ସୁରକ୍ଷା ମିଳୁନାହିଁ ଏବଂ ଦୁଷ୍କର୍ମ ଓ ଗଣଦୁଷ୍କର୍ମର ଅପରାଧିମାନଙ୍କୁ ଦଣ୍ଡ ଦେବାରେ ପୁଲିସ ଓ ବିଶେଷ କରି ଅକ୍ଷମ ହୋଇଛନ୍ତି। ପ୍ରଦେଶ ମହିଳା କଂଗ୍ରେସ ଏବଂ କଂଗ୍ରେସର ଏକ ପ୍ରତିନିଧି ଦଳ ଜଳଶ୍ୱେର ଗସ୍ତ କରି ମୃତକ ପରିବାରକୁ ସାକ୍ଷାତ କରିବା ସହ ଜଳେଶ୍ୱର ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କାର୍ଯ୍ୟରତ ପୁଲିସ ନିଜର ଦାୟିତ୍ୱ ଠିକ୍ ଭାବେ ନିର୍ବାହ କରିପାରୁନଥିବାରୁ ଅପରାଧିମାନେ ସାହାସ ପାଇଯାଉଛନ୍ତି। ରାଜ୍ୟରେ ୬୦ ହଜାର ଶିଶୁ ଓ ମହିଳା ନିଖୋଜ ଅଛନ୍ତି। ଜଣଙ୍କୁ ବି ଖୋଜିବାରେ ମୋହନ ସରକାର ସମର୍ଥ ହୋଇନାହିଁ। ଗୋପାଳପୁର ସମୁଦ୍ରତଟ ମହିଳା ଦୁଷ୍କର୍ମ, ତାଳଚେର ମହିଳା ଦୁଷ୍କର୍ମ, କେନ୍ଦୁଝରର ଆଦିବାସୀ ମହିଳା ଦୁଷ୍କର୍ମ ଓ ହତ୍ୟା, ଢ଼େଙ୍କାନାଳ ମହିଳା ଦୁଷ୍କର୍ମ, କାମାକ୍ଷାନଗର ମହିଳା ଦୁଷ୍କମ ଓ ହତ୍ୟା, ଚାନ୍ଦବାଲି ମହିଳା ଦୁଷ୍କମ ଓ ହତ୍ୟା ଘଟଣା କେବଳ ଉଦାହରଣ ମାତ୍ର। ଏ ରାଜ୍ୟରେ ଦିନକୁ ୧୫ଜଣ ମହିଳା ଦୁଷ୍କମର ଶିକାର। ସରକାର ଓ ପୁଲିସଙ୍କ ଛତ୍ରଛାୟା ତଳେ ଅପରାଧିମାନେ ରହୁଛନ୍ତି। ବେଟି ପଢ଼ାଓ ଓ ବେଟୀବଚାଓ ସ୍ଲୋଗାନ ଏକ ଭେଳିକିରେ ପରିଣତ ହୋଇଛି।ସୁତରାଂ ଜଳେଶ୍ୱର ନାବାଳିକା ମହିଳା ଯିଏ କି ଦୁଷ୍କର୍ମ ଓ ହତ୍ୟାରେ ଶିକାର ହେଉଛନ୍ତି। ତାଙ୍କ ପରିବାରକୁତୁରନ୍ତ ସରକାର ୫୦ଲକ୍ଷ ଟଙ୍କା ଅନୁକମ୍ପା ପ୍ରଦାନ କରନ୍ତୁ। ଦାୟିତ୍ୱ ନିର୍ବାହରେ ଅବହେଳା ପାଇଁ ଥାନା ଅଧିକାରୀଙ୍କଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଏହି ସାମ୍ବାଦିକ ସମ୍ମିଳନୀରେ କୋରାପୁଟ ଜିଲ୍ଲା କଂଗ୍ରେସ ସଭାପତି ରୁପକ ତୁରୁକ୍, ଚନ୍ଦ୍ର ପ୍ରଭା ରିଆଲ ଉପସ୍ଥିତ ଥିଲେ।




## ସ୍ୱଚ୍ଛତା କାର୍ଯ୍ୟକ୍ରମ

ଗଞ୍ଜାମ,୨୫।୧୦(ନି.ପ୍ର.): ଗଞ୍ଜାମ ବ୍ଲକ ଅନ୍ତର୍ଗତ କାଇଁଚପୁର ପଞ୍ଚାୟତର ମାଳି ଜଗନ୍ନାଥପୁର ଗ୍ରାମରେ ରହିଥିବା ବାଲି ଲୋକନାଥ ଶୈବପୀଠ ପରିସର ଓ ଶିଶୁ ଉଦ୍ୟାନ ରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଯୁବ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି କ୍ଷ କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରାଳୟ ମେରା ଯୁବା ଭାରତ ଅନୁଷ୍ଠାନ ସହ ଅନୁବନ୍ଧିତ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବାବା ବାଲି ଲୋକନାଥ ଯୁଥକ୍ଲବ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଏହି ସଫେଇ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟ ମାନେ ସଭାପତି କେ. ଏଲେୟା ରେଡି ଙ୍କ ତତ୍ୱାବଧାନରେ ଶ୍ରମଦାନ କରିଥିଲେ । ଦୁଇ ଘଣ୍ଟା ର ଏହି କାର୍ଯ୍ୟକ୍ରମରେ ଯୁବ ସ୍ୱେଚ୍ଛାସେବୀ ମାନେ ପାର୍କ ରେ ପଡିଥିବା ଅଳିଆ ଆବର୍ଜନା ଓ ମୁଖ୍ୟ ରାସ୍ତା ର ଉଭୟ ପାର୍ଶ୍ୱରେ ପଡ଼ିଥିବା ଆବର୍ଜନା ସହ ମନ୍ଦିର ପରିସର ସଫେଇ କରିଥିଲେ। ଡ଼ି. ନୀଳକଣ୍ଠ ରେଡି, କେ.ସମୀର ରେଡି,ଏନ. ପିଣ୍ଟୁ ରେଡି, ଏନ. ମନୋଜ ରେଡି, କେ. ଘନଶ୍ୟାମ ରେଡି, ଏମ. ଓମ ରେଡି ପ୍ରମୁଖଙ୍କ ସହ ଅନ୍ୟମାନେ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ଥିଲେ ।

## ଫଟୋ ସାମ୍ବାଦିକଙ୍କ ପିତୃ ବିୟୋଗ

ଭୁବନେଶ୍ୱର,୨୫।୧୦(ନି.ପ୍ର.): ଆଜି ରାତ୍ର ୧୦ ଘଟିକା ୪୫ ମିନିଟ୍ ସମୟରେ ସୁନ୍ଦରପଦା ଅଞ୍ଚଳର ଭୁବନେଶ୍ୱର ମ୍ୟୁନିସିପାଲିଟୀର ଏକ ନିଷ୍ଠାପର ଅବସର ପ୍ରାପ୍ତ କର୍ମଚାରୀ ଦୈତାରୀ ମିଶ୍ରଙ୍କ ବିୟୋଗ ଘଟିଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିବା ବେଳେ ଆଜି ୭୯ ବର୍ଷ ବୟସରେ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ସେ ଇହଲୀଳା ସମ୍ବରଣ କରିଛନ୍ତି। ଏ ଦୁଃଖଦ ଖବର ସୁନ୍ଦରପଦା ଅଞ୍ଚଳ ସମେତ ପୁରୁଣା ଭୁବନେଶ୍ୱରରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ମିଶ୍ର ଜଣେ ବନ୍ଧୁବତ୍ସଳ, ସ୍ନେହୀ, ପରୋପକାର ବ୍ୟକ୍ତି ଥିଲେ। ତାଙ୍କର ୪ଜଣ ପୁତ୍ରଙ୍କ ମଧ୍ୟରୁ ଧ୍ରୁବ ମିଶ୍ର ଫଟୋ ସାମ୍ବାଦିକ ଭାବେ ପ୍ରମେୟ, ଅନୁପମ ଭାରତ ଆଦି ଖବର କାଗଜରେ କାର୍ଯ୍ୟ କରିଛନ୍ତି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁଅ - ବୋହୂ, ନାତି - ନାତୁଣୀ, ବନ୍ଧୁ ପରିଜନ ମାନେ ଉପସ୍ଥିତ ଥିବା ବେଳେ ସେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସାମ୍ବାଦିକ, ଫଟୋ ସାମ୍ବାଦିକ ପ୍ରମୁଖ ସ୍ୱର୍ଗତଙ୍କ ଶେଷ ଦର୍ଶନ କରି ଅମର ଆତ୍ମାର ସଦଗତି କାମନା କରିଛନ୍ତି ଏବଂ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜ୍ଞାପନ କରିଛନ୍ତି।ତାଙ୍କ ଶେଷ କୃତ୍ୟ ସୁନ୍ଦରପଦା ଗ୍ରାମ ଶ୍ମଶାନରେ ସମ୍ପନ୍ନ ହେବ ଏବଂ ଜ୍ୟେଷ୍ଠ ପୁତ୍ର ମୁଖାଗ୍ନି ଦେବେ ବୋଲି ତାଙ୍କ ପରିବାର ପକ୍ଷରୁ ଧ୍ରୁବ ମିଶ୍ର ପ୍ରକାଶ କରିଛନ୍ତି ।ସୂଚନାଯୋଗ୍ୟ ଗତ ଅଗଷ୍ଟ ମାସରେ ପରଲୋକଗତ ଦୈତାରୀ ମିଶ୍ରଙ୍କ ଧର୍ମପତ୍ନୀଙ୍କ ବିୟୋଗ ହୋଇଥିଲା।



## ଚୋରା ମଦ ସହ ନଗଦ ୪୨ ହଜାର ଜବତ, ଜଣେ ଗିରଫ

ଡେଲାଙ୍ଗ,୨୫।୧୦ : ଡେଲାଙ୍ଗ ଅଂଚଳରେ ଦିପାବଳୀ ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହିତ ପାଳନ କରିବା ଲକ୍ଷ ନେଇ ପୁରୀ ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂହଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ପକ୍ଷରୁ ଡେଲାଙ୍ଗ ବ୍ଲକର ବିଭିନ୍ନ ସ୍ଥାନରେ ଫ୍ଲାଗମାର୍ଚ୍ଚ କରାଯାଇଛି । ଏହି ଅବସରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସଚ୍ଚିନ୍ ପଟେଲଙ୍କ ନେତୃତ୍ୱରେ ଡେଲାଙ୍ଗ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସମେତ ୧ପ୍ଲାଟୁନ୍ ପୋଲିସ ଫୋର୍ସ ଡେଲାଙ୍ଗ ବ୍ଲକର ଗଡ ବେଗୁନିଆପଡା ଓ ଅମାଳଙ୍ଗ ଗ୍ରାମରେ ଫ୍ଲାଗମାର୍ଚ୍ଚ କରିବା ସହିତ ପୁରୁଣା ୱାରେଣ୍ଟ, ଚୋରା ନିଶାକାର ଓ ବେଆଇନ୍ ବାଣ ତିଆରି କାରଖାନାକୁ ନେଇ ବିଭିନ୍ନ ସ୍ଥାନରେ ପୋଲିସ ଚଢାଉ କରିଥିଲେ । ଚଢାଉ ସମୟରେ ଗଡ ବେଗୁନିଆ ପଡା ଗ୍ରାମରୁ ବେଆଇନ ମଦ କାରବାର କରିବା ନେଇ ପୋଲିସ ଜଣକୁ ଗିରଫ କରିଛି । ସେ ହେଲେ ଶୁଶାନ୍ତ ପରିଡା((୪୮) ତାଙ୍କ ଠାରୁ ୨୦ ଲିଟରରୁ ଉର୍ଦ୍ଧ୍ୱ ଦେଶୀ ଓ ବିଦେଶୀ ମଦ ଜବତ କରିବା ସହିତ ନଗଦ ୪୦ ହଜାର ଟଙ୍କା ଓ ବାଇକ୍ ଜବତ କରାଯାଥିବା ନେଇ ଡେଲାଙ୍ଗ ଥାନା ଅଧିକାରୀ ଶ୍ରୀ ସେଠୀ ସୂଚନା ଦେଇଛନ୍ତି । ଏନେଇ ଡେଲାଙ୍ଗ ଥାନାରେ ୩୩୭/ ୨୬ ଏକ ମାମଲା ରୁଜୁ କରାଯାଇ ଶୁଶାନ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲଣ କରାଯାଇଥିବା ପୋଲିସ ଠାରୁ ସୂଚନା ମିଳିଛି ।



## ଆସନ୍ତା ଜାନୁଆରୀରେ ଗଞ୍ଜାମ ମହାବିଦ୍ୟାଳୟର ଜୁବିଲି ଉତ୍ସବ

ଗଞ୍ଜାମ, ୨୫/୧୦: ଗଞ୍ଜାମ ମହାବିଦ୍ୟାଳୟର ବହୁ ପ୍ରତୀକ୍ଷିତ ଜୁବିଲି ଉତ୍ସବକୁ ଜାକଜମକରେ ପାଳନ କରିବା ଲକ୍ଷ୍ୟରେ ରବିବାର ସ୍ଥାନୀୟ ମହାବିଦ୍ୟାଳୟ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଗାମୀ ଜାନୁଆରୀ ମାସ ଦ୍ୱିତୀୟ ସପ୍ତାହରେ ଆୟୋଜନ ହେବାକୁ ଥିବା ଜୁବିଲି ମହୋତ୍ସବର ସଫଳ ରୂପାୟନ ନେଇ ଆଲୋଚନା କରାଯାଇଥିଲା ।ବୈଠକରେ ଉତ୍ସବର ରୂପରେଖା, ବିଭିନ୍ନ ସାଂସ୍କୃତିକ ଓ ଶିକ୍ଷାମୂଳକ କାର୍ଯ୍ୟକ୍ରମ, ଆର୍ଥିକ ବ୍ୟୟବରାଦ ଓ ସଂଗଠନାତ୍ମକ ବ୍ୟବସ୍ଥା ସମ୍ପର୍କରେ ଆଗାମୀ ପର୍ଯ୍ୟାୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏଥିସହ ଉତ୍ସବର ସୁପରିଚାଳନା ପାଇଁ ପୁରାତନ ଛାତ୍ର ସଂସଦର ଏକ ପ୍ରତିନିଧି ଦଳ କିଛି ଦିନ ପୂର୍ବରୁ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ତଥା ଉପ-ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଉତ୍ସବ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଆସନ୍ତା ନଭେମ୍ବର ୨୯ ତାରିଖରେ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହେବ । ସମସ୍ତ ପୁରାତନ ଛାତ୍ରଛାତ୍ରୀ ସାଧାରଣ ପରିଷଦ ବୈଠକରେ ଉପସ୍ଥିତ ରହିବା ପାଇଁ ସମ୍ପାଦକ ଶ୍ରୀ ତ୍ରିପାଠୀ ସମସ୍ତଙ୍କୁ ଅନୁରୋଧ କରିଛନ୍ତି ।କାର୍ଯ୍ୟକାରୀ କମିଟିର ଏହି ବୈଠକରେ ସଭାପତି ଇଂ ବିନୋଦ ଚନ୍ଦ୍ର ପାଢ଼ୀ,ସାଧାରଣ ସମ୍ପାଦକ ଅଜୟ ତ୍ରିପାଠୀ, ଉପ-ସଭାପତି ଡି. ସିମାଳି, ସହ ସମ୍ପାଦକ କୈଳାସ ଚନ୍ଦ୍ର ପଲାଇ, କୋଷାଧ୍ୟକ୍ଷ ମଙ୍ଗରାଜ ପଣ୍ଡା, ଉପଦେଷ୍ଟା ଲିଙ୍ଗରାଜ ପଟ୍ଟନାୟକ, ଗୌରୀଶଙ୍କର ପାଢ଼ୀ, ବିନୋଦ ମହାପାତ୍ର,ଲୋକନାଥ ମିଶ୍ର, ସୁଦର୍ଶନ ଛୋଟରାୟ , ଶରତ ଦାଶ, ଲକ୍ଷ୍ମୀଚରଣ ଶତପଥୀ, ଅଖିଳ ତରାଇଙ୍କ ସମେତ ମହାବିଦ୍ୟାଳୟର ସଂଯୋଜକ ଦୁର୍ଗା ପ୍ରସାଦ ଦାସ ଉପସ୍ଥିତ ରହି ଉତ୍ସବକୁ କିପରି ଅଧିକ ଆକର୍ଷଣୀୟ, ସ୍ମରଣୀୟ ଏବଂ ଐତିହାସିକ କରାଯାଇପାରିବ ସେନେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ବୈଠକରେ ସମସ୍ତ ପୁରାତନ ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା ଓ ବର୍ତ୍ତମାନର ଛାତ୍ରଛାତ୍ରୀଙ୍କ ମିଳିତ ସହଯୋଗରେ ଗଞ୍ଜାମ ମହାବିଦ୍ୟାଳୟର ଜୁବିଲି ଉତ୍ସବକୁ ଏକ ଐତିହାସିକ ଓ ସ୍ମରଣୀୟ ଆୟୋଜନରେ ପରିଣତ କରିବା ପାଇଁ ସର୍ବସମ୍ମତିକ୍ରମେ ଦୃଢ଼ ସଂକଳ୍ପ ଗ୍ରହଣ କରାଯାଇଥିଲା।

## ଅର୍ଣ୍ଣବ ବାତ୍ୟା ପାଇଁ ଚାଷୀଙ୍କୁ କୃଷି ପରାମର୍ଶ ଜାରି

ବଲାଙ୍ଗୀର, ୨୫।୧୦(ନି.ପ୍ର.): ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ' ଓ ଅବପାତର ପ୍ରଭାବରେ ଅକ୍ଟୋବର ୨୭ରୁ ୨୯ ତାରିଖ ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ବଲାଙ୍ଗୀର ଜିଲ୍ଲାରେ ଏହାର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ଚାଷୀଙ୍କ ଫସଲର ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କୃଷି ପରାମର୍ଶ ଜାରି କରାଯାଇଛି। ପରାମର୍ଶ ଅନୁଯାୟୀ, ୮୦ରୁ ୮୫ ପ୍ରତିଶତ ପାଚିଯାଇଥିବା ଧାନକୁ ବର୍ଷା ପୂର୍ବରୁ ଅମଳ କରି ସୁରକ୍ଷିତ ସ୍ଥାନରେ ରଖିବାକୁ ଚାଷୀଙ୍କୁ କୁହାଯାଇଛି। ଅମଳ ଧାନକୁ ସ୍ଥାନାନ୍ତର କରିବା ସମ୍ଭବ ନ ହେଲେ ପଲିଥିନ୍ ?ରେ ଘୋଡ଼ାଇ ରଖିବା ସହ ଜମିରୁ ଜଳ ନିଷ୍କାସନ ପାଇଁ ନାଳୀ କରିବାକୁ ପରାମର୍ଶ ଦିଆଯାଇଛି। ବର୍ଷା ସମୟରେ ସାର ପ୍ରୟୋଗ ଓ କୀଟନାଶକ ସିଞ୍ଚନ ସାମୟିକ ଭାବେ ବନ୍ଦ ରଖିବାକୁ ମଧ୍ୟ କୁହାଯାଇଛି ।ସେହିପରି, ମକା, ମାଣ୍ଡିଆ, ମୁଗ ଓ ବିରି ଭଳି ଅମଳ ଉପଯୋଗୀ ଫସଲ ସମେତ ପନିପରିବାକୁ ବର୍ଷା ପୂର୍ବରୁ ଅମଳ କରିନେବାକୁ ପରାମର୍ଶ ଦିଆଯାଇଛି। ଆଖୁ ଗଛ ଉପୁଡ଼ିବା କିମ୍ବା ଭାଙ୍ଗିପଡ଼ିବା ଆଶଙ୍କା ଏଡ଼ାଇବା ପାଇଁ ଗଛଗୁଡ଼ିକୁ ବାନ୍ଧି ରଖିବା ସହ କଦଳୀ ଓ ଅମୃତଭଣ୍ଡା ଗଛକୁ ବାଡ଼ି କିମ୍ବା ବାଉଁଶ ସାହାଯ୍ୟରେ ଆଧାର ଦେବାକୁ କୁହାଯାଇଛି। ପନିପରିବା ଜମିରେ ଜଳ ଜମି ରହିଲେ ତୁରନ୍ତ ନିଷ୍କାସନ ବ୍ୟବସ୍ଥା କରିବା ସହ ଫସଲକୁ ରୋଗପୋକ ଦାଉରୁ ସୁରକ୍ଷା ଦେବା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି । ବର୍ଷା ଓ ବାତ୍ୟାର ମୁକାବିଲା ପାଇଁ ଜଳ ବିଭାଜିକା ପ୍ରକଳ୍ପ, ଚେକ୍ ?ଡ୍ୟାମ୍ ?, ମାଟିବନ୍ଧ ଓ କ୍ଷେତ ପୋଖରୀଗୁଡ଼ିକର ସ୍ଥିତି ଯାଞ୍ଚ କରିବା ସହ ଆବଶ୍ୟକ ମରାମତି କରାଯିବ । ଜଳ ନିଷ୍କାସନ ନାଳୀ ସଫା କରିବା, ଜଳ ପ୍ରବାହରେ ବାଧା ସୃଷ୍ଟି କରୁଥିବା ଆବର୍ଜନା ହଟାଇବା ଏବଂ ବିପଦପ୍ରବଣ ସ୍ଥାନଗୁଡ଼ିକ ଉପରେ ନଜର ରଖିବା ସହ ଆବଶ୍ୟକ ସ୍ଥଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଚିତ ପଦକ୍ଷେପ ନିଆଯିବ।

ଅନ୍ୟପକ୍ଷରେ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମାଭୁକ୍ତ ଚାଷୀଙ୍କ ବିଜ୍ଞପିତ ଫସଲର କ୍ଷତି ହେଲେ, ୭୨ ଘଣ୍ଟା ମଧ୍ୟରେ ୧୪୪୪୭ ଟୋଲ୍ ?-ଫ୍ରି ନମ୍ବର ଯୋଗାଯୋଗ କିମ୍ବା ୭୦୬୫୫୧୪୪୪୭ ହ୍ୱାଟ୍ ?ସଆପ୍ ? ଚାଟ୍ ?ବଟ୍ ? ମାଧ୍ୟମରେ ସୂଚନା ଦେବାକୁ ଚାଷୀଙ୍କୁ ଅନୁରୋଧ କରାଯାଇଛି। ଚାଷୀଙ୍କ ସମସ୍ୟାର ସମାଧାନ ଓ କୃଷି ସମ୍ବନ୍ଧୀୟ ପରାମର୍ଶ ପ୍ରଦାନ ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଏକ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ କରାଯାଇଛି। ଚାଷୀମାନେ ସକାଳ ୮ଟାରୁ ରାତି ୮ଟା ମଧ୍ୟରେ ୧୫୫୩୩୩ ଟୋଲ୍ ?-ଫ୍ରି ନମ୍ବରରେ ଯୋଗାଯୋଗ କରି ଆବଶ୍ୟକ ପରାମର୍ଶ ଓ ସହାୟତା ନେଇପାରିବେ। ଚାଷୀମାନେ ପାଣିପାଗର ସ୍ଥିତି ଉପରେ ନଜର ରଖିବା ସହ ନିଜ ଫସଲ ଓ ଅମଳ ହୋଇଥିବା ଶସ୍ୟର ସୁରକ୍ଷା ପାଇଁ ଆଗୁଆ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104 , Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ